
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୨ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 02 JANUARY 2023
Vol.No. 34 ■ No. 2 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...


ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ଋଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ମାମଲା

## ଇଣ୍ଟରପୋଲର ସହାୟତା ନେଇପାରେ କ୍ରାଇମବ୍ରାଞ୍ଚ


ନୂଆଦିଲ୍ଲୀ,୦୧/୦୧ (ନି.ପ୍ର): ପୋଲ ଖୋଲିଦେବକି ଇଣ୍ଟରପୋଲ ? ରାୟଗଡା ସାଇ ଇଂଟରନ୍ୟାସନାଲରେ ଦୁଇ ରୁଷ୍ ପର୍ଯ୍ୟଟକଙ୍କ କେମିତି ମୃତ୍ୟୁ ହେଲା ? ରହସ୍ୟ ଖୋଲିବା ପାଇଁ ତଦନ୍ତ ଜାରି ରଖିଛି କ୍ରାଇମବ୍ରାଂଚ । ଶ୍ମଶାନରେ ପହଁଚି ପୋଡା ପାଉଁଶ ତଳୁ ଖୁଅ ଖୋଜୁଛି । ଫରେନସିକ୍ ଓ ସାଇଂଟିଫିକ୍ ଟିମ୍ ଶ୍ମଶାନରୁ ହାଡ ଓ ଶରୀରର ଅନ୍ୟକିଛି ଅଂଶ ସହିତ ପାଉଁଶ ସଂଗ୍ରହ କରିଛନ୍ତି । ତାପେର ପୁଣି ଥରେ ହୋଟେଲକୁ ଯାଇ ମୃତକଙ୍କ ଲ୍ୟାପଟପ୍, ମୋବାଇଲ, ପାସପୋର୍ଟ ସମେତ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷପତ୍ର ଜବତ କରିଛି କ୍ରାଇମବ୍ରାଂଚ ଟିମ୍ । ରୁଷୀୟ




ପର୍ଯ୍ୟଟକଙ୍କ ମୃତ୍ୟୁର ରହସ୍ୟ ଖୋଲିବା ପାଇଁ ଆବଶ୍ୟକ ପଡିଲେ ଇଂଟରପୋଲର ସହାୟତା ନିଆଯାଇପାରେ । ଏପରି ସୂଚନା ନିଜେ ଦେଇଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ । କହିଛନ୍ତି, ରୁଷୀୟ ନାଗରିକଙ୍କ ମୃତ୍ୟୁ ମାମଲାରେ ଦକ୍ଷ ଅଫିସର ତଦନ୍ତ କରୁଛନ୍ତି । ତଦନ୍ତରେ କୌଣସି ଅବହେଳା ହୋଇଥିବା ଏଯାଏଁ ଜଣାପଡି ନାହିଁ । ଯଦି ଆବଶ୍ୟକ ପଡେ ଇଂଟରପୋଲର ସହାୟତା ନେବ ପୋଲିସ । ସାଧାରଣତଃ ଯେତେବେଳେ କୌଣସି ବିଦେଶୀ ନାଗରିକଙ୍କ ବ୍ୟକ୍ତିଗତ ସାମଗ୍ରୀର ଯାଂଚ କରାଯାଏ ସେତେବେଳେ, ଇଂଟରପୋଲର ସହାୟତା ନିଆଯାଇଥାଏ । ଆଉ ଏବେ ଜବତ ହୋଇଥିବା ପାଭେଲଙ୍କ ବ୍ୟକ୍ତିଗତ ଜିନିଷକୁ, ଇଂଟରପୋଲ ସହାୟତାରେ ଯାଂଚ କରି, ଆଉ କିଛି ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି କ୍ରାଇମବ୍ରାଂଚ । ସେପଟେ ରାୟଗଡାରେ ଥିବା କ୍ରାଇମବ୍ରାଂଚର ସ୍ୱତନ୍ତ୍ର ଟିମ୍ ତୃତୀୟ ଦିନରେ ବି ତଦନ୍ତ ଜାରି ରଖିଛି । ହୋଟେଲକୁ ଯାଇ କର୍ମଚାରୀଙ୍କୁ ପୁଣି ଥରେ ପଚରାଉଚୁରା କରିଛନ୍ତି । ମୃତ୍ୟୁ ପୂର୍ବରୁ ପାଭେଲ ଆଂଟୋଭ ମୋବାଇଲରେ କାହା ସହ ଚାଟିଂ କରିଥିଲେ ? କାହାକୁ ଇ-ମେଲ୍ କରିଥିଲେ ? କାହା ସହ କଥା ହୋଇଥିଲେ ? ରୁଷ୍ ପର୍ଯ୍ୟଟକ ରହିବା ସମୟରେ ହୋଟେଲକୁ କେଉଁମାନେ ଆସିଥିଲେ ? ସେସବୁର ବିସ୍ତୃତ ତଥ୍ୟ ଜଣାପଡିଲେ ପାଭେଲଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବା ସହଜ ହେବ ବୋଲି ଆଶା ରଖିଛି କ୍ରାଇମବ୍ରାଂଚ ଟିମ୍ ।

## ଆମେରିକାରେ ବ୍ୟାପୁଛି ନୂଆ ଭାରିଆଣ୍ଟ, ସର୍ତକ ହେଲା ଭାରତ

ନୂଆଦିଲ୍ଲୀ,୦୧/୦୧ (ନି.ପ୍ର): ଚିନ୍ତା ବଢ଼ାଉଛି କରୋନାର ନୂଆ ପ୍ରଜାତି । ଆମେରିକାରେ ନୂଆ ସବ୍-ଭାରିଏଂଟ ଏକ୍ସବିବି ୱାନ ପଏଂଟ ଫାଇଭ୍ ଚିନ୍ତା ବଢ଼ାଇଛି । ନୂଆ ସଂକ୍ରମିତଙ୍କ ମଧ୍ୟରେ ୪୦ ପ୍ରତିଶତଙ୍କ ଠାରେ ଏହି ଭୂତାଣୁ ଚିହ୍ନଟ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ନେଇ ଚିନ୍ତା ପ୍ରକଟ କରିଛି । ସେପଟେ ଭାରତରେ ମଧ ଏହି ନୂଆ ସବ୍-ଭାରିଏଂଟ ଚିହ୍ନଟ ହୋଇଛି । ଗୁଜରାଟରେ ଜଣେ ଆକ୍ରାନ୍ତଙ୍କ ଠାରେ ଏକ୍ସବିବି ୱାନ ପଏଂଟ ଫାଇଭ ଚିହ୍ନଟ ହୋଇଛି । ଓମିକ୍ରନର ଏହି ନୂଆ ସବ୍-ଭାରିଅଂଟ ଯୋଗୁଁ ଆମେରିକାରେ ପୁଣିଥରେ ବଢ଼ିବାରେ ଲାଗିଛି କରୋନା ସଂକ୍ରମଣ । ସେଂଟର ଫର୍ ଡିଜିଜ୍ କଂଟ୍ରୋଲ ଆଣ୍ଡ ପ୍ରିଭେନସନର ତଥ୍ୟ ଅନୁସାରେ ଆମେରିକାରେ ଏବେ ଚିହ୍ନଟ



ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୦ ପ୍ରତିଶତଙ୍କ ନିକଟରେ ଏକ୍ସବିବି ୧.୫ ଭୂତାଣୁ ରହିଛି । ଆମେରିକାର ୭ଟି ପ୍ରଦେଶରେ ଏକ୍ସବିବି ୧.୫ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ତେବେ ଭାରତରେ ଏହାର ପ୍ରଭାବ କଣ ରହିବ ଏ ନେଇ ଅଧ୍ୟୟନ କରୁଛନ୍ତି ବୈଜ୍ଞାନିକ । ଭାରତରେ ଓମିକ୍ରନର ନୂଆ ସବ୍-ଭାରିଏଂଟ ଏକ୍ସବିବି ୧.୫ ଚିହ୍ନଟ ହୋଇଛି । ଗୁଜରାଟରେ ଜଣେ ଆକ୍ରାନ୍ତଙ୍କ ଠାରେ ଏକ୍ସବିବି ୧.୫ ଭୂତାଣୁ ଠାବ କରାଯାଇଛି । ପୂର୍ବରୁ ଭାରତରେ ଏକ୍ସବିବି ପ୍ରଜାତି ଚିହ୍ନଟ ହୋଇଛି । କିନ୍ତୁ ଏକ୍ସବିବି ୧.୫ ଚିହ୍ନଟ ହେବା ପ୍ରଥମ ଘଟଣା । ବରିଷ୍ଠ ଡାକ୍ତରଙ୍କ କହିବା କଥା ବିଦେଶରେ ପ୍ରସ୍ତୁତ ହୋଇଥିବା ଟିକା ଓମିକ୍ରନ ବିରୋଧରେ କାମ କରିନଥିବାରୁ ନୂଆ ସବ୍-ଭାରିଅଂଟ ବିରୋଧରେ କାମ କରୁନାହିଁ । ଏକ୍ସବିବି ୧.୫ ଭାରତରେ ସଂକ୍ରମଣ ▶▶ପୃଷ୍ଠା ୭

### ଇଂରାଜୀ ନବ ବର୍ଷରେ ଦେବାଳୟ ମାନଙ୍କରେ ପ୍ରବଳ ଭିଡ

ଭୁବନେଶ୍ୱର,୦୧/୦୧ (ନି.ପ୍ର): ଇଂରାଜୀ ନବ ବର୍ଷ ଅବସରରେ ସାରା ରାଜ୍ୟରେ ଦେବାଳୟ ମାନଙ୍କରେ ପ୍ରବଳ ଭୀଡ ଦେଖିବାକୁ ମିଳିଛି । ଲୋକ ମାନେ ଇଂରାଜୀ ନବ ବର୍ଷର ଆରମ୍ଭରେ ଦେବାଳୟ ଯାଇ ପୂଜାର୍ଚ୍ଚନା କରିବା ଦେଖିବାକୁ ମିଳିଥିଲା । ଭୁବନେ ଶ୍ୱରର ଲିଙ୍ଗରାଜ ମନ୍ଦିର ଠାରୁ ଆରମ୍ଭ କରି ରାମ ମନ୍ଦିର ସମେତ ସହରର ବିଭିନ୍ନ ମନ୍ଦିରରେ ଲୋକ ମାନଙ୍କର ଭୀଡ ସକାଳୁ ଜମିବା ଆରମ୍ଭ ହୋଇଥିଲା । ସେହିପରି ନନ୍ଦନ କାନନ ଓ ଧଉଳୀ ଠାରେ ମଧ ପ୍ରବଳ ଭୀଡ ପରିଲକ୍ଷିତ ହୋଇଛି । କେବଳ ସେତିକି ନୁହେଁ ଭୁବନେଶ୍ୱର ଆଖ ପାଖର ସମସ୍ତ ପିକନିକ ସ୍ଥାନ ମାନଙ୍କରେ ମଧ ପ୍ରବଳ ଭୀଡ ଦେଖିବାକୁ ମିଳିଛି ।

### ନୂଆ ବର୍ଷରେ ବିଭତ୍ସ ହତ୍ୟା

ଭୁବନେଶ୍ୱର,୦୧/୦୧ (ନି.ପ୍ର): ନୂଆ ବର୍ଷରେ ବିଭତ୍ସ ହତ୍ୟା । ପିଅନଙ୍କ ଟାଙ୍ଗିଆ ଚୋଟରେ ଗୁରୁଜିଙ୍କ ମୃତ୍ୟୁ । ମାଲକାନଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏଭଳି ହତ୍ୟାକାଣ୍ଡ ଘଟିଛି । ପିଅନ ନରେଶ କ୍ଷେତ୍ରୀୟଙ୍କ ଟାଙ୍ଗିଆ ଚୋଟରେ ଗୁରୁଜିଙ୍କ ମୃତ୍ୟୁ ହୋଇଛି । ଅଭିଯୁକ୍ତ ନରେଶଙ୍କୁ ପୁଲିସ ଗିରଫ କରି ପଚରାଉଚରା ଚଳାଇଛି । ପୂର୍ବଶତ୍ରୁତାକୁ ନେଇ ହତ୍ୟା ହୋଇଥିବା ପୁଲିସ ପ୍ରାଥମିତ ତଦନ୍ତରୁ ଜାଣିବାକୁ ପାଇଛି ।

## ଅଭିଯୋଗ ଆସିବା ପରେ ଇସ୍ତଫା ଦେଲେ ହରିଆଣା କ୍ରୀଡାମନ୍ତ୍ରୀ

ନୂଆଦିଲ୍ଲୀ,୦୧/୦୧ (ନି.ପ୍ର): ହରିଆଣାର କ୍ରୀଡାମନ୍ତ୍ରୀ ସନ୍ଦୀପ ସିଂ ନିଜ ଉପରେ ଆସିଥିବା ଯୌନ ଉତ୍ପୀଡନ ଅଭିଯୋଗ ପରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଯାଂଚ ଶେଷ ହେବା ପର୍ଯ୍ୟନ୍ତ ସେ ଏହି ଦାୟୀତ୍ୱ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ସମର୍ପିତ କିଛନ୍ତି । ସେ ଗଣମାଧ୍ୟମକୁ କହିଛନ୍ତି କି, ମୋ ଛବି ଖରାପ କରିବାକୁ ଏକ ଷଡଯନ୍ତ୍ର କରାଯାଇଛି । ଜଣେ ଜୁନିଅର କୋଚ୍ ମୋ ଉପରେ ମିଥ୍ୟା ଅଭିଯୋଗ ଆଣିଛନ୍ତି । ଏହି ଅଭିଯୋଗ ଉପରେ ନରପେକ୍ଷ ଯାଂଚ ପାଇଁ ମୁଁ ମୋ ପଦରୁ ଇସ୍ତଫା ଦେଉଛି ବୋଲି ସନ୍ଦୀପ ସିଂ କହିଛନ୍ତି । ସନ୍ଦୀପ ସିଂଙ୍କ ଇସ୍ତଫା ପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ଏକ ବୈଠକ ପାଇଁ ଡାକିଛନ୍ତି । ଏହି ବୈଠକକୁ ଡିଜିପି, ଏଡିଜିପି, ହୋମ୍ ସେକ୍ରେଟାରୀ ସମେତ ଅନ୍ୟ



ବିଭାଗର ଅଧିକାରୀମାନଙ୍କୁ ଡକାଯାଇଥିଲା । ଏହି ବୈଠକରେ ସନ୍ଦୀପ ସିଂଙ୍କ ଉପରେ ଆସିଥିବା ଅଭିଯୋଗ ଉପରେ ଆଲୋଚନା ହୋଇଛି । ଏହାପୂର୍ବରୁ ଡିଜିପି ସନ୍ଦୀପ ସିଂଙ୍କ ଉପରେ ଆସିଥିବା ଅଭିଯୋଗର ଯାଂଚ ପାଇଁ ଏସଆଇଟି ଗଠନ କରିଛନ୍ତି । ଏହି ଏସଆଇଟି ଟିମରେ ଆଇପିଏସ୍ ମମତା ସିଂ ଓ ସମରପ୍ରତାପ ସିଂଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ସାମିଲ କରାଯାଇଛି । ସୂଚନା ଥାଉକି କ୍ରୀଡାମନ୍ତ୍ରୀଙ୍କ ବିରୋଧରେ ଜଣେ ଜୁନିଅର ମହିଳା କୋଚ୍ ଶନିବାର ରାତିରେ ଚଣ୍ଡିଗଡ ଥାନାରେ ଯୌନ ଉତ୍ପୀଡନ ମାମଲା ରୁଜୁ କରିଥିଲେ । କୋଚ ଜଣଙ୍କ ଅଭିଯୋଗ ଆଣିଛନ୍ତି କି କ୍ରୀଡାମନ୍ତ୍ରୀ ସନ୍ଦୀପ ସିଂ ତାଙ୍କୁ ଚଣ୍ଡିଗଡ ସ୍ଥିତ ନିଜ ବାସଭବନକୁ ଡାକି ଅସଦାଚରଣ କରିଛନ୍ତି ।

### ଜାନୁଆରୀ ମାସର ସବୁ ଛୁଟି ଦିନ ଗୁଡିକ ଦର୍ଶକଙ୍କ ପାଇଁ ଲୋକସେବା ଭବନ ପୁଷ୍ପ ଉଦ୍ୟାନ ଖୋଲା ରହିବ

ଭୁବନେଶ୍ୱର,୦୧/୦୧ (ନି.ପ୍ର): ଜାନୁଆରୀ ୨୦୨୩ରେ ଚତୁର୍ଥ ଶନିବାର ବ୍ୟତୀତ ସବୁ ସରକାରୀ ଛୁଟିରେ ଲୋକସେବା ଭବନ ଉଦ୍ୟାନ ସର୍ବସାଧାରଣ ଙ୍କ ପାଇଁ ଖୋଲା ରହିବ । ଚଳିତ ମାସ ରେ ରବିବାର ଦ୍ୱିତୀୟ ଶନିବାର ଓ ଅନ୍ୟ ଛୁଟି କୁ ମିଶାଇ ମୋଟ ଆଠଟି ଛୁଟିରେ ଅପରାହ୍ନ ଚାରି ଟାରୁ ଛ ଟା ପର୍ଯ୍ୟନ୍ତ ଜନସାଧାରଣ ଲୋକସେବା ଭବନ ପୁଷ୍ପ ଉଦ୍ୟାନ ବୁଲି ଦେଖି ପାରିବେ । ଆଜି ନୂଆ ବର୍ଷ ରେ ଜନସାଧାରଣ ଲୋକସେବା ଭବନ ଉଦ୍ୟାନ ବୁଲି ଦେଖି ପାରିବେ. ,ଏହି ଉଦ୍ୟାନ ବର୍ତ୍ତମାନ ବିଭିନ୍ନ କିସମର ଫୁଲରେ ସଜେଇ ହୋଇ ଅତ୍ୟନ୍ତ ମନୋରମ ପରିବେଶ ସୃଷ୍ଟି କରିଛି ।

### ବର୍ଷର ଶେଷ ରାତିରେ ରାଜଧାନୀ ରାସ୍ତାରେ ବୁଲିଲା ଖଣ୍ଡା

ଭୁବନେଶ୍ୱର,୦୧/୦୧ (ନି.ପ୍ର): ବର୍ଷର ଶେଷ ଦିନର ଶେଷ ସମୟ ପ୍ରତିଟି ମୁହୁର୍ତ୍ତକୁ ଝୁମି ଝୁମି ବିତାଉଥିଲେ ରାଜଧାନୀବାସୀ । ଦୁଇ ବର୍ଷର କରୋନା କଟକଣା ପରେ, ଡିସେମ୍ବର ୩୧ରେ ଜିରୋ ନାଇଟକୁ ସେଲିବ୍ରେସନ କରିଥିଲେ ରାଜଧାନୀବାସୀ । ହେଲେ, ଅନ୍ୟପଟେ ରାଜଧାନୀର ବିଭିନ୍ନ ସ୍ଥାନରେ ଦୁର୍ବୃର୍ତମାନେ ଉତ୍ପାତ କରିଥିଲେ । ନୟାପଲ୍ଲୀ ଅଂଚଳରେ ସୀମା ଟପି ଯାଇଥିଲେ ଦୁର୍ବୃର୍ତ । ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ । ଗୋଟିଏ ପଟେ ଜିରୋନାଇଟ୍ ସେଲିବ୍ରେସନ ପାଇଁ ଚିକମିକ୍ ଆଲୁଅ ସାଂଗକୁ ଡିଜେର ତାଳେତାଳେ ଝୁମୁଥିଲେ ରାଜଧାନୀବାସୀ । ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଚାଲିଥିଲା ନନଷ୍ଟପ୍ ନାଚ । ଆଉ ଆରପଟେ ଆତଙ୍କ ଚଳାଇଥିଲେ ଦୁର୍ବୃର୍ତ । ସର୍ବ ସମ୍ମୁଖରେ ଖଣ୍ଡା ବୁଲାଇ ଲୋକଙ୍କୁ ଭୟଭୀତ କରିଥିଲେ । ଜିରୋନାଇଟ୍ ସେଲିବ୍ରେସନ ରାତିରେ ଦୁର୍ବୃର୍ତମାନେ ଆତଙ୍କ ସୃଷ୍ଟି କରୁଥିବା ବେଳେ, ସିସିଟିଭିରେ ▶▶ପୃଷ୍ଠା ୭

## ପ୍ରଥମ ଦିନରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଲୋକାରଣ୍ୟ ହେଲା ପୁରୀ

ପୁରୀ,୦୧/୦୧ (ନି.ପ୍ର): ନୂଆବର୍ଷର ପ୍ରଥମ ଦିନରେ ଉତ୍ସାହର ମାହୋଲ । ବର୍ଷର ଆରମ୍ଭକୁ ଆଶା ଓ ସମ୍ଭାବନାର ସହ ଆରମ୍ଭ କରିବାକୁ ସମସ୍ତେ ଆଗଭର ହୋଇପଡ଼ିଛନ୍ତି । ରାଜ୍ୟର ପ୍ରସିଦ୍ଧ ମନ୍ଦିର ଓ ପର୍ଯ୍ୟଟନସ୍ଥଳୀରେ ଲୋକଙ୍କ ଗହଳି ଜମିଛି । ଶ୍ରୀକ୍ଷେତ୍ର ଲୋକାରଣ୍ୟ ପାଲଟିଛି । ଶ୍ରୀଜିଉଙ୍କ ଦର୍ଶନ ପାଇଁ ଦେଶର କୋଣ ଅନୁକୋଣରୁ ଛୁଟିଛି ଶ୍ରଦ୍ଧାଳୁଙ୍କ ସୁଅ । ସେପଟେ ଚିଲିକାର କାଳିଜାଇ ପୀଠ, ନନ୍ଦନକାନନ ଓ ବିଭିନ୍ନ ଜାଗାରେ ସମୁଦ୍ର ବେଳାଭୂମିରେ ଲୋକଙ୍କ ଭିଡ଼ ଜମିଛି । ନୂଆବର୍ଷର ପ୍ରଥମ ଦିନକୁ ସ୍ୱାଗତ କରିବା ପାଇଁ ରାଜ୍ୟର ପ୍ରସିଦ୍ଧ ମନ୍ଦିର ଓ ପର୍ଯ୍ୟଟନସ୍ଥଳୀରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି । କିଏ



ଠାକୁର ଦର୍ଶନରୁ ତ କିଏ ପର୍ଯ୍ୟଟନସ୍ଥଳୀରେ ପରିବାର ସହ ବୁଲାବୁଲି କରି ନୂଆ ବର୍ଷ ଆରମ୍ଭ କରିଛି । ନୂଆବର୍ଷର ପ୍ରଥମ ଦିନର ପ୍ରଥମ କାମ ଜଗା ଦର୍ଶନରୁ ଆରମ୍ଭ କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ । ଏଥିପାଇଁ ଶ୍ରୀକ୍ଷେତ୍ର ଲୋକାରଣ୍ୟ ପାଲଟିଛି । ଶ୍ରୀଜିଉଙ୍କ ଦର୍ଶନ ପାଇଁ ଦେଶର କୋଣ ଅନୁକୋଣରୁ ଛୁଟିଛି ଶ୍ରଦ୍ଧାଳୁଙ୍କ ସୁଅ । ସେପଟେ ନୂଆ ବର୍ଷର ପ୍ରଥମ ସକାଳର ସୂର୍ଯ୍ୟୋଦୟ ପୁରୀ ବେଳାଭୂମିରେ ଦେଖିଛନ୍ତି ପର୍ଯ୍ୟଟକ । ଠାକୁର ଦର୍ଶନ ସହ ବେଳାଭୂମିରେ ବୁଲାବୁଲି କରିବାକୁ ପୁରୀରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଛି । ସେହିପରି ଚିଲିକାର ଆରାଧଦେବୀ କାଳିଜାଇଙ୍କ ▶▶ପୃଷ୍ଠା ୭

## ସୂଚନା ଓ ଲୋକସମ୍ପର୍କ ବିଭାଗରେ ନୂଆ ବର୍ଷ ପାଳନ

ଭୁବନେଶ୍ୱର,୦୧/୦୧ (ନି.ପ୍ର): ଇଂରାଜୀ ନବବର୍ଷ-୨୦୨୩ ପାଳନ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଆଜି ସକାଳେ ବିଭାଗର ଅଧିକାରୀମାନେ ସାକ୍ଷାତ କରି ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ମଧ ନୂଆ ବର୍ଷରେ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ । ଏହି ଅବସରରେ ୨୦୨୨ରେ ବିଭାଗର ବିଭିନ୍ନ କାର୍ଯ୍ୟ ସଫଳତା ସମ୍ପର୍କରେ ଅଧିକାରୀମାନେ ନିର୍ଦ୍ଦେଶକଙ୍କ ସହିତ ସେମାନଙ୍କର ଅଭିଜ୍ଞତା, ଅନୁଭୂତି ଓ ସ୍ମୃତି ବାଂଟିଥିଲେ । ରବିବାର ଛୁଟି ସତ୍ତ୍ୱେ ସମୟ ଦେଇ ନୂଆ ବର୍ଷ ପାଳନରେ ସାମିଲ ହୋଇଥିବାରୁ ଅଧିକାରୀମାନେ ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜଣାଇଥିଲେ । ବିଭାଗର ଉନ୍ନତି ସମ୍ପର୍କରେ ନିର୍ଦ୍ଦେଶକଶ୍ରୀ ତ୍ରିପାଠୀ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ କ୍ଷ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଗୁରବୀର ସିଂ ଓ ବିଶ୍ୱଜିତ ଦାସ, ସହକାରୀ ଅର୍ଥ ପରାମର୍ଶଦାତା ଶ୍ରୀ ପୃଥ୍ୱୀରାଜ ପାଣି,ଉପ ନିର୍ଦ୍ଦେଶକ ଶ୍ରୀ ବସନ୍ତ କୁମାର ମହାନ୍ତି,ସ୍ୱତନ୍ତ୍ର ପ୍ରଦର୍ଶନୀ ଅଧିକାରୀ ଶ୍ରୀ ସୁବାସ ଚନ୍ଦ୍ର ନିଆଲଓ ଅନ୍ୟ ସୂଚନା ଅଧିକାରୀମାନେ ସାକ୍ଷାତ କରି ନିର୍ଦ୍ଦେଶକଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ ।

## ରାଜନୈତିକ ଦଳ ଫୋକସ୍‌ରେ ବର୍ଷ ୨୦୨୩

ଭୁବନେଶ୍ୱର,୦୧/୦୧ (ନି.ପ୍ର): ନୂଆବର୍ଷରେ ତିଆରି ହେବ କି ନୂଆ ରାଜନୈତିକ ସମୀକରଣ ? ୨୦୨୪ ନିର୍ବାଚନ ବର୍ଷ ହୋଇଥିବା ବେଳେ ଏଥିପାଇଁ ଚଳିତବର୍ଷରୁ ନେତାମାନେ ନେଟ୍ ପ୍ରାକଟିସ୍ କରିବେ ବୋଲି ଆକଳନ କରାଯାଉଛି । ତିନି ପ୍ରମୁଖ ରାଜନୈତିକ ଦଳ ନିଜ ନିଜ ସଂଗଠନକୁ ସଜାଡ଼ି ରଣନୀତିକୁ ଜୋରଦାର କଲାବେଳେ ନୂଆ ସମୀକରଣ ବି ସାମ୍ନାକୁ ଆସିପାରେ । ରାଜନୀତି ପଣ୍ଡିତଙ୍କ ଆକଳନ, ପରସ୍ପରକୁ ଆକ୍ରମଣ କରିବା ପାଇଁ ଅପ୍ରସଙ୍ଗ ବି ପ୍ରସଙ୍ଗ ପାଲଟିବ । ନିର୍ବାଚନୀ ସଫଳତା ପାଇଁ ବର୍ଷ ୨୦୨୩ରେ ରାଜନୀତିର ପ୍ରୟୋଗଶାଳା ହେବ ଓଡ଼ିଶା । ୨୦୨୪ ନିର୍ବାଚନୀ ବର୍ଷ ହୋଇଥିବାବେଳେ ରାଜ୍ୟ ରାଜନୀତିକୁ ବେଶ ସରଗରମ କରିବ ବର୍ଷ ୨୦୨୩ । କୁହାଯାଉଛି ୨୪ରେ ଫାଇନାଲ ଲଢେଇ ପୂର୍ବରୁ ଏବର୍ଷ ନେଟ ପ୍ରାକ୍ଟିସ କରିବେ ସବୁ ରାଜନୈତିକ ଦଳ । ଯେଉଁଥିପାଇଁ ରାଜନୀତିର ପ୍ରୟୋଗଶାଳା ପାଲଟିପାରେ ବର୍ଷ ୨୦୨୩ । ବାରମ୍ବାର ନିର୍ବାଚନୀ ସଫଳତା ବିଜୁ ଜନତା ଦଳର ମନୋବଳକୁ ଶୀର୍ଷରେ ରଖିଛି । ନିକଟରେ



ବିଜେଡି ପ୍ରତିଷ୍ଠାର ରୌପ୍ୟ ଜୟନ୍ତୀ ଅବସରରେ ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ଆକାରକୁ ଆହୁରି ବିଶାଳ କରିବାକୁ ଆହ୍ୱାନ ଦେଇଛନ୍ତି । ମହିଳା, ଯୁବକ ଓ ପେଶାଦାର ବ୍ୟକ୍ତିଙ୍କୁ ବିଜେଡି ସହ ଯୋଡି ହେବାକୁ କହିଥିବାରୁ ୨୦୨୪ ଟିକେଟ ବଂଟନ ବେଳେ ଏସବୁ ବର୍ଗକୁ ପ୍ରତିନିଧିତ୍ୱ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଯେଉଁମାନେ ଟିକେଟରୁ ବଂଚିତ ହେବେ ସେମାନଙ୍କୁ ସନ୍ତୁଷ୍ଟ କରି ନିର୍ବାଚନୀ ସଫଳତା ହାସଲ କରିବା ବିଜେଡି ପାଇଁ ବଡ ଆହ୍ୱାନ ହେବ । ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ୨୦୨୩ରେ ହେବାକୁ ଥିବା ୯ଟି ରାଜ୍ୟରେ ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ଲୋକପ୍ରିୟତାର ମାପକାଠି ହେବ । ହିମାଚଳରୁ ଶିକ୍ଷା ନେଇ ବିଜେପି ନୂଆ ରଣନୀତି ତିଆରି ନକଲେ ଅନ୍ୟାନ୍ୟ ବିଧାନସଭା ନିର୍ବାଚନରେ କଡା ମୁକାବିଲାର ସମ୍ମୁଖୀନ ହେବ । କଂଗ୍ରେସମୁକ୍ତ ଭାରତର ନାରା ଦେଇ କେନ୍ଦ୍ରୀୟ ବିଜେପି ରଣନୀତି ତିଆରି କରୁଥିବାବେଳେ ଆଂଚଳିକ ଦଳଗୁଡିକ ଏହି ଜାତୀୟ ଦଳର ବିଜୟରେ ବାଧକ ହେଉଛନ୍ତି । ଯେଉଁଥିପାଇଁ ୨୧ଟି ଲୋକସଭା ଆସନ ଥିବା ଓଡିଶା ଭଳି ଛୋଟିଆ ରାଜ୍ୟରେ କେନ୍ଦ୍ରୀୟ ବିଜେପି ନଜର ରଖିଛି । କିନ୍ତୁ ନବୀନଙ୍କ ବିକଳ୍ପ ଭାବରେ ରାଜ୍ୟ ବିଜେପିର ଚେହେରା ସ୍ପଷ୍ଟ ନକଲେ ଭୋଟରଙ୍କୁ ପ୍ରଭାବିତ କରିବାରେ ବିଜେପି ବିଫଳ ହେବ ବୋଲି ରାଜନୀତି ପଣ୍ଡିତଙ୍କ ମତ । ଜାତୀୟ ରାଜନୀତିରେ କଂଗ୍ରେସର ପ୍ରଭାବ ଓ ପତିଆରା କ୍ରମାଗତ କମିବାରେ ଲାଗିଛି । ଯାହାକୁ ସୁଧାରିବା ପାଇଁ ନୂଆ ରଣନୀତି ସହ ଭାରତ ଯୋଡ ଯାତ୍ରାରେ ବାହାରିଛନ୍ତି ରାହୁଲ ଗାନ୍ଧୀ । ଏପଟେ ୨୦୨୨ରେ ପଂଚାୟତ ଓ ପୌର ନିର୍ବାଚନ ଏବଂ ପରବର୍ତୀ ଉପନିର୍ବାଚନରୁ ସଂକେତ ମିଳୁଛି ଯେ, ସଂକଟରେ ଅଛି କଂଗ୍ରେସର ଅସ୍ତିତ୍ୱ । ▶▶ପୃଷ୍ଠା ୭

## ବିଶ୍ୱକପ୍ ପାଇଁ ବିସିସିଆଇର ବଡ ନିଷ୍ପତ୍ତି

ନୂଆଦିଲ୍ଲୀ,୦୧/୦୧ (ନି.ପ୍ର): ଚଳିତବର୍ଷ ଭାରତରେ ହେବ ଦିନିକିଆ ବିଶ୍ୱକପ । ତେବେ ଏହି ବିଶ୍ୱକପ ଭାରତରେ ହେଉଥିବାରୁ କ୍ରିକେଟପ୍ରେମୀ ବେଶ ଉତ୍ସାହିତ ଅଛନ୍ତି । କାରଣ ୨୦୧୧ରେ ଭାରତରେ ହୋଇଥିବା ଦିନିକିଆ ବିଶ୍ୱକପରେ ଚାମ୍ପିୟନ ହୋଇଥିଲା ଟିମ୍ ଇଣ୍ଡିଆ । ତେବେ ପୁଣିଥରେ ଇତିହାସର ପୁନରାବୃତ୍ତି କରିବାକୁ ଏବେ ଅଣ୍ଟା ଭିଡିଛି ଭାରତ । ଆଗାମୀ ଦିନିକିଆ ବିଶ୍ୱକପ ପାଇଁ ନୂଆ ରଣନୀତି କରିଛି ବିସିସିଆଇ । ବିସିସିଆଇ ଏଣିକି ମନଇଚ୍ଛା ପ୍ଲେୟାରଙ୍କୁ ନୁହେଁ ବରଂ ବିଶ୍ୱକପ ପୂର୍ବରୁ ଦିନିକିଆ ଫର୍ମାଟ ପାଇଁ ୨୦ ଜଣିଆ ପୁଲ ପ୍ରସ୍ତୁତ କରିବ । ଯେଉଁ ପୁଲରୁ ପ୍ରଦର୍ଶନ



ଅନୁଯାୟୀ ଖେଳାଳୀଙ୍କୁ ରୋଟେଟ କରାଯିବ । ଟି-୨୦ ବିଶ୍ୱକପରେ ଖରାପ ପ୍ରଦର୍ଶନ ପରେ ବିସିସିଆଇର ରିଭ୍ୟୁ ମିଟିଂରେ ଏନେଇ ନିଷ୍ପତ୍ତି ନିଆଯାଇଛି । ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ପ୍ରେସ ରିଲିଜରେ କୁହାଯାଇଛି ଯେ, ଆଗାମୀ ବିଶ୍ୱକପକୁ ଧ୍ୟାନରେ ରଖି ଏନସିଏ ସମସ୍ତ ଆଇପିଏଲ ଫ୍ରାଞ୍ଚାଇଜ ସହ ମିଶି କାମ କରିବ । ଆଇପିଏଲ ଖେଳୁଥିବା କ୍ରିକେଟରଙ୍କ ଉପରେ ନଜର ରଖାଯିବ । ଯେଉଁମାନେ ଭଲ ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ ଘରୋଇ କ୍ରିକେଟରେ ମଧ ଭଲ ପ୍ରଦର୍ଶନ କରିବାକୁ ପଡିବ । ତାହା ପରେ ସେମାନଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିବ । ଏହାବାଦ୍ ୟୋ ୟୋ ଟେଷ୍ଟ ଓ ଡେକ୍ସା ଟେଷ୍ଟ ପାସ୍ କରିବା ପରେ ହିଁ କ୍ରିକେଟରଙ୍କୁ ଜାତୀୟ ଦଳରେ ଖେଳିବାକୁ ସୁଯୋଗ ମିଳିବ । ସେହିଭଳି ବିଶ୍ୱକପକୁ ଦୃଷ୍ଟିରେ ରଖି ଅନ୍ୟ ଦେଶ ଅପେକ୍ଷା ଭାରତ ଚଳିତବର୍ଷ ଅଧିକ ଦିନିକିଆ ମ୍ୟାଚ୍ ଖେଳିବ । ଯାହା ଦର୍ଶାଉଛି ବିସିସିଆଇ ଫୋକସରେ ରହିଛି ଦିନିକିଆ ବିଶ୍ୱକପ । ସେହିଭଳି ଅଷ୍ଟ୍ରେଲିଆ ଟେଷ୍ଟ କ୍ରିକେଟ ଉପରେ ଫୋକସ କରିଛି । ଚଳିତ କ୍ୟାଲେଣ୍ଡର ବର୍ଷରେ ଅଷ୍ଟ୍ରେଲିଆ ସର୍ବାଧିକ ୧୩ଟି ଟେଷ୍ଟ ମ୍ୟାଚ୍ ଖେଳିବ । ଅନ୍ୟପଟେ ଭାରତ ୮ଟି ଟେଷ୍ଟ ମ୍ୟାଚ୍ ଖେଳିବ । ସେହିଭଳି ଟିମ୍ ଇଣ୍ଡିଆ ୧୭ ଟି-୨୦ ମ୍ୟାଚ ଖେଳିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି ।

# ରାଜ୍ୟସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୦୧/୦୧ (ନି.ପ୍ର): ଆଗାମୀ ଜାନୁୟାରୀ ୨୫ ତାରିଖରେ ରାଜ୍ୟସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ ଉପଲକ୍ଷେ ଏକ ବୈଠକ ଗୁରୁବାର ସନ୍ଧ୍ୟାରେ ଜିଲ୍ଲାପାଳତଥା ଜିଲ୍ଲା ନିର୍ବାଚନ ଅଧିକାରୀ,ଖୋର୍ଦ୍ଧା ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇ ଯାଇଛି । ଗତ ଡିସେମ୍ବର ୨୨ ତାରିଖରେ ମୁଖ୍ୟ ନିର୍ବାଚନ ଅଧିକାରୀ,ଓଡିଶା ଶ୍ରୀ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁସାରେ ଏହି କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗରେ ସୁଚାରୁରୂପେ ଆୟୋଜନ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଭୋଟର ତାଲିକାରେ ଯୋଗ୍ୟ ମତଦାତାଙ୍କ ନାମ ଅନ୍ତର୍ଭୁକ୍ତ କରିବା ସହ ବିଶେଷ କରି ୧୭ ବର୍ଷରୁ ଉର୍ଦ୍ଧ୍ୱ ଯୁବ ଭୋଟରମାନଙ୍କୁ ତାଲିକାରେ ନାମ ପଞ୍ଜୀକରଣ ପାଇଁ ଗୁରୁତ୍ୱ ଦିଆଯାଉଥିବା ସ୍ଥଳେ ସମ୍ପର୍କରେ ସଚେତନ କରାଯିବା ସହ ଜାତୀୟ ମତଦାତା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାପକ ଜନସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ନିମନ୍ତେ ବୈଠକରେ ଆଲୋଚନା କରଯାଇଥିଲା । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଜାନୁୟାରୀ ୨୫ ତାରିଖ ଜାତୀୟ ଭୋଟର ଦିବସ ଦିନ ସକାଳେ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକରୁ ବାହାରି ରାମ ମନ୍ଦିର , ପ୍ରଦର୍ଶନୀ ପଡିଆ ପାଖ ରାସ୍ତା ଏବଂ ହାଉସିଂ ବୋର୍ଡ ଛକ ଦେଇ ରବୀନ୍ଦ୍ର ମଣ୍ଡପ ଠାରେ ପହଂଚିବ । ଏଥିରେ ୧୭ ବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୧୦୦୦ ଜଣ ଏନସିସି ,ସ୍କାଉଟ, ଗାଇଡ,ଏନ୍.ଏସ୍.ଏସ୍ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିବେ । ପ୍ଲାକାର୍ଡ ଓ ବ୍ୟାନର ସହ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ ଦଳ ଯୋଗଦେବା ପାଇଁ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଆୟୋଜନ କରାଯିବା ନେଇ ଜିଲ୍ଲା ସଂସ୍କୃତି ଅଧିକାରୀ ବ୍ୟବସ୍ଥା ଗ୍ରହଣ କରିବେ । ଶୋଭାଯାତ୍ରା ପରେ ପରେ ରବୀନ୍ଦ୍ର ମଣ୍ଡପ ଠାରେ ରାଜ୍ୟସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ ସମାରୋହ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟପାଳଙ୍କର ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ , ପୋଷ୍ଟର ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ ଉତ୍ସବ ପାଳନ କରାଯାଉଥିବାରୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସଚେତନତା ନେଇ ଯେପରି ଜିଲ୍ଲା ସ୍ତରରେ ମଧ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିବେ, ସେଥି ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ଏବଂ ଓସ୍ୱାନ ବ୍ୟବସ୍ଥାରେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା କରିବାକୁ ପରାମର୍ଶ ଦେଇଥିଲେ । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ , ଭୁବନେଶ୍ୱର, ଶ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ , ଉପଜିଲ୍ଲାପାଳ , ଭୁବନେଶ୍ୱର ଶ୍ରୀ ଦେବବ୍ରତ ସାହୁ ଆଲୋଚନାରେ ଅଂଶ ଗ୍ରହଣକରି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ନିଆଯାଇଥିବା ପ୍ରାରମ୍ଭିକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବିଡିଓ ଶ୍ରୀ ସମ୍ପଦ କୁମାର ଦଳାଇ , ଜିଲ୍ଲା ସଂସ୍କୃତି ଅଧିକାରୀ. ଖୋର୍ଦ୍ଧା ଶ୍ରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପଠାଣି ରାଉତ , ଭୁବନେଶ୍ୱର ମହାନଗର ନିଗମ ଡେପୁଟୀ କମିଶନର, କାର୍ଯ୍ୟକ୍ରମ ସଂଯୋଜକ, ଉତ୍କଳ ବିଶ୍ୱବିଦ୍ୟାଳୟ , ଭାରତ ସ୍କାଉଟ ଓ ଗାଇଡ, ରାଜ୍ୟ ସଂଯୋଜକ, ଇଲେକସନ ୱାଚ, କାପିଟାଲ ହସ୍ପିଟାଲ, ଭୁବନେଶ୍ୱର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମଣ୍ଡି ଅବ୍ୟବସ୍ଥା ଓ ଧାନର ଅଭାବ ବିକ୍ରି ପ୍ରତିବାଦରେ କଂଗ୍ରେସର ଦାବିପତ୍ର

କେନ୍ଦ୍ରାପଡ଼ା, ୦୧/୦୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ, ଅବ୍ୟବସ୍ଥା ଓ ଅଭାବ ବିକ୍ରି ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ସମସ୍ୟାର ସଠିକ ଅନୁଧାନ ଓ ପ୍ରତିକାର ପାଇଁ ଦାବି କରାଯାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ କିଷାନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ନେତାମାନେ ଲିଖିତ ଭାବେ ଦାବି କରିଛନ୍ତି । ମଣ୍ଡିରେ ବିଭିନ୍ନ ଆଳ ଦେଖାଇ ବସ୍ତା ପିଛା କଟନି ଛଟନି କରିବା ମିଲରମାନଙ୍କ ମନମାନିରେ ମଣ୍ଡିରୁ ଧାନ ଉଠାଣ, ଟୋକନ ସମସ୍ୟା, ଚାଷୀମାନଙ୍କୁ ପ୍ରାପ୍ୟ ଦେବାରେ ବିଳମ୍ବ ଓ ମଣ୍ଡି ଅବ୍ୟବସ୍ଥା ପାଇଁ ଚାଷୀମାନେ ଅଭାବୀ ବିକ୍ରିର ଶୀକାର ହେଉଥିବା ଅଭିଯୋଗ କରାଯଇଛି । ସରକାରଙ୍କ ତୃଟିପୂର୍ଣ୍ଣ ଧାନକ୍ରୟ ନୀତି ଯୋଗୁଁ ପ୍ରତିବର୍ଷ ଏହି ସମସ୍ୟା ବଢି ବଢି ଚାଲିଛି । ଏହାର ଆଶୁ ପ୍ରତିକାର କରିବା ସହ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ପ୍ରଫୁଲ୍ଲ କୁମାର ଦାସ, ମହମ୍ମଦ ଆକବର ଅଲ୍ଲୀ, ବ୍ରଜବନ୍ଧୁ ଦାସ, କଳ୍ପତରୁ ପ୍ରଧାନ, ମୁକ୍ତାର ଖାନ, ଅନନ୍ତ କୁମାର ସ୍ୱାଇଁ, ରତୀକାନ୍ତ ସାମଲ, ଧରଣୀଧର ସୁଆର ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜୟପୁର, ୦୧/୦୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ପ୍ରଧାନଶିକ୍ଷକ ସିମାଚଂଳ ମିଶ୍ରଙ୍କୁ ଆଜି ବିଦ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶ୍ରୀ ମିଶ୍ର ଜଣେ ମେଳାପି, ମିଷ୍ଟଭାଷୀ, ଦକ୍ଷ ପ୍ରଧାନ ଶିକ୍ଷକ ଥିଲେ । ପ୍ରକାଶ ଥାଉକି, ଶ୍ରୀ ମିଶ୍ର ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ କାମତାରୁ ଶିକ୍ଷକତା ଆରମ୍ଭ କରି ପରେ ପରେ ବ୍ରାହ୍ମଣଗୁଡା ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ପ୍ରଧାନଶିକ୍ଷକ ଏବଂ କୁନ୍ଦ୍ରା ଓ ବୈପାରିଗୁଡ଼ାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଦକ୍ଷତାର ସହ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ଉଚ୍ଚ ପ୍ରଶଂସିତ ।

## ଜିଲ୍ଲା ବିଜେଡି ନିର୍ବାହୀ କମିଟିର ସମ୍ପାଦକ ହେଲେ ଗୋଲକ ମାଝୀ

କୋରାଇ, ୦୧/୦୧ (ନି.ପ୍ର): ଯାଜପୁର ଜିଲ୍ଲା ବିଜୁ ଜନତା ଦଳ(ବିଜେଡି)ର ନୂତନ ନିର୍ବାହୀ କମିଟି ଗଠନ କରାଯାଇଛି । ଜିଲ୍ଲା ବିଜେଡିର ସମ୍ପାଦକ ଭାବେ ମୂଳାପାଳ ପଂଚାୟତର ଗୋଲକ ମାଝୀଙ୍କୁ ନୂତନ କରି ଦାୟିତ୍ୱ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ସ୍ୱର୍ଗତ ଅଶୋକ ଦାସଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିକୁ ଗ୍ରହଣ କରିବା ପରେ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିଥିଲେ । ଏହି ନୂତନ ଦାୟିତ୍ୱ ମିଳିବା ପରେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଭବ ପ୍ରସାଦ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେହିଭଳି ନୂତନ ଭାବେ କର୍ମକର୍ତ୍ତା ଦାୟିତ୍ୱ ନେଇଥିବାରୁ କୋରାଇର ଦଳୀୟ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ବିଶ୍ୱଜିତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ, ବକ୍ସିବାରିଗାଁ ଚାମ୍ପିଅନ

ହରିଚନ୍ଦନପୁର, ୦୧/୦୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବାଳକ ଉଚ୍ଚ ବିଦ୍ୟାଳୟ ମିନିଷ୍ଟାଡିୟମରେ ବଜରଙ୍ଗୀ ସେବା କ୍ଲବ ଆୟୋଜନରେ ପଂଚାୟତସ୍ତରୀୟ ପ୍ରଥମ ବାର୍ଷିକ ବିଶ୍ୱଜିତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ୨୫ ଟି ପଂଚାୟତର ୩୨ଟି ଦଳୀୟ ବିଶିଷ୍ଟ କ୍ରିକେଟ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ୍ ବକ୍ସିବାରିଗାଁ ଓ ପିଠାଗୋଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବକ୍ସିବାରିଗାଁ ଟିମ୍ ଟସ୍ ଜିତି ବୋଲିଙ୍ଗ କରିବାକୁ ନିଷ୍ପତି ନେଇ ଥିବାବେଳେ ପିଠାଗୋଳା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ୍ ହରାଇ ୬୩ ରନ୍ ସଂଗ୍ରହ କରିଥିଲେ । ଜବାବରେ ବିପକ୍ଷ ଦଳ ବକ୍ସିବାରିଗାଁ ଟିମ୍ ବିଜୟ ଲକ୍ଷକୁ ପିଛା କରି ୧୨ ଓଭର ୧ ବଲରେ ୬ ୱିକେଟରେ ୬୯ ରନ୍ ସଂଗ୍ରହ କରି ଚଳିତ ବର୍ଷ ଚାମ୍ପିଅନ ହୋଇଛି । ବକ୍ସିବାରିଗାଁ ଟିମର ମାନସ ମେନ ଅଫ ଦି ସିରିଜ ଓ ମେନ ଅଫ ଦି ମ୍ୟାଚ ହୋଇଥିଲେ । ମୁଖ୍ୟ ଅତିଥି ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରିୟା ଚୌଧୁରୀ, ସମାଜ ସେବୀ ରତିକାନ୍ତ ବରାଳ, ହାସ୍ୟ ଅଭିନେତା ଯଦୁମଣି ମହାନ୍ତ, ସେରେଣ୍ଡା ସରପଂଚ ସସ୍ମିତା ସିଦ୍ଧୁ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଚାମ୍ପିଅନ ଦଳକୁ ୨୦,୦୦୦ ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅଫ୍ ଦଳକୁ ୧୫,୦୦୦ ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା । ଏଥି ସହ ଦୁଇଟି ସେମିଫାଇନାଲ ଲିଷ୍ଟମାନଙ୍କୁ ୨୫୦୦ ଟଙ୍କା ଲେଖାଏଁ ପୁରସ୍କୃତ କରାଯାଇଥିଲା । ଆମ୍ପାୟର ଭାବେ ପ୍ରାଣନାଥ ଜେନା, ଆଶୋତୋଷ ପାଢ଼ୀ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ରଞ୍ଜିତ ମାଇତି, ସୁବ୍ରତ ପରିଡ଼ା, ଦିବ୍ୟାଶୁ ଶେଖର ମହାନ୍ତ ରହିଥିଲେ । ବୁବୁ ସେନା, ବାପୁନ୍ ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ବଜରଙ୍ଗୀ ସେବା କ୍ଲବ ହରିଚନ୍ଦନପୁର ସଭାପତି ପ୍ରଦୀପ ସାହୁ, ସମ୍ପାଦକ ପ୍ରଦୀପ ପଣ୍ଡା, ଅଭୟ ରଥ, ମାନୁ ସାହୁ, ସୁରେନ୍ଦ୍ର ମଣ୍ଡଳ, ଭୂପତି ସାହୁ, ବବୁଲ ବାରିକ, ରିଙ୍କୁ ସାହୁ ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲା । ଖେଳ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଯୁବଗୋଷ୍ଠୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ, ବଜରଙ୍ଗୀ ସେବା କ୍ଲବର ଉଦ୍ୟମକୁ ଜିଲ୍ଲା ସାରା ପ୍ରଶଂସା କରାଯାଇଛି ।

## ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ତରଫରୁ ସ୍ୱାଗତ ନବ ବର୍ଷ କବିତା ଆସର

କନ୍ଧମାଳ, ୦୧/୦୧ (ନି.ପ୍ର): କନ୍ଧମାଳ ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନାର ଚଳିତ ବର୍ଷର ଅନ୍ତିମ ସାହିତ୍ୟ ଆସର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ୨୦୨୨ ମସିହାର ସମସ୍ତ ଦୁଃଖ,ଗ୍ଲାନି ଓ ଅବସାଦ କୁ ଭୁଲି ଆଗାମୀ ନବ ବର୍ଷ ୨୦୨୩ କୁ ସମୃଦ୍ଧ,ନିରୋଗ ଓ ଶକ୍ତଶାଳୀ କରିବା ପାଇଁ କବି ମାନେ ସେମାନଙ୍କ ଅନ୍ତରର ଭାବ ସହ କବିତା ଗୁଡିକୁ ଶବ୍ଦରେ ପ୍ରକାଶ କରିଥିଲେ । ଆଗାମୀ ଫେବୃୟାରୀ ୧୨ ତାରିଖ ରୁ ହେବାକୁଥିବା ଚତୁର୍ଦ୍ଦଶ ବନଜ୍ୟୋତ୍ସ୍ନା ପୁସ୍ତକ ମେଳାକୁ ସରସ ସୁନ୍ଦର କରିବା ପାଇଁ ଆଲୋଚନା ହୋଇଥିଲା । ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଅନୁଷ୍ଠାନ ତଥା ସହରର ବହୁ କବି କବୟିତ୍ରୀ ସେମାନଙ୍କ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମରେ ଶରତଚନ୍ଦ୍ର ମହାନ୍ତି,ସୋମନାଥ ସାହୁ,ପ୍ରମୋଦ କୁମାର ସାହୁ,ମୁସ୍କାନ୍ ଶୁଆର,ଶଶି ଭୂଷଣ ରଥ,ପ୍ରଦୀପ କହଁର, ମଧୁସୁଦନ ସାହୁ ,ଓମ୍ ପ୍ରକାଶ ପଣ୍ଡା,ବୈଜୟନ୍ତୀ ମାଳା ମହାପାତ୍ର, କଳ୍ପନାରାଣୀ ପାତ୍ର ସେମାନଙ୍କ ସ୍ୱରଚିତ କବିତା ଆବୃତି କରିଥିଲେ । କାର୍ଯ୍ୟକ୍ରମ ଶେଷରେ କଳ୍ପନାରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ତା ୦୮.୦୧.୨୩ ତାରିଖରେ ପୁସ୍ତକ ଉତ୍ସବର ସାଂସ୍କୃତିକ କମିଟି ବୈଠକ ପାଇଁ ନିଷ୍ପତି ହୋଇଛି ।

## ରାଜ୍ୟସ୍ତରୀୟ ଶିଶୁ ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲ୍ଲାର ସଫଳତା

କେନ୍ଦ୍ରାପଡ଼ା, ୦୧/୦୧ (ନି.ପ୍ର): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ(ଓଷ୍ଟା) ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବ ଓ ଶିକ୍ଷା ପରିଭ୍ରମଣ ଡିସେମ୍ବର ୨୬ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଆୟୋଜିତ ହୋଇଯାଇଛି । କଟକସ୍ଥିତ ଶହୀଦ ଭବନରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲ୍ଲାରୁ ଅଂଶଗ୍ରହଣ କରିଥିବା ୧୦ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୫ଜଣ ବିଭିନ୍ନ ବିଭାଗରେ ସଫଳତା ପାଇ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି । ଜିଲ୍ଲାର ଆଳି ବ୍ଲକର ରାମେଶ୍ୱର ନିଆଳିଜି.ପି. ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ବାରିକ ତର୍କରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଳି ଶରତଦେବ ହାଇସ୍କୁଲର ଛାତ୍ର ଶୁଭରଞ୍ଜନ ବେହେରା କୁଇଜରେ ପ୍ରଥମ, ରାଜନଗର ବ୍ଲକର ପଞ୍ଚୁବରାହୀ ଉନ୍ନିତ ସରକାରୀ ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ଐଶରିଆ ରାଉତ ଏକକ ଅଭିନୟରେ ପ୍ରଥମ, କେରଡାଗଡ ଶ୍ରୀଜଗନ୍ନାଥ ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର କ୍ରୀଷ୍ଣା ସାହୁ ଚିତ୍ରାଙ୍କନରେ ଦ୍ୱିତୀୟ ଓ ମହାକାଳପଡା ବ୍ଲକର ନଳଦିଆ ଶାସନ ଗ୍ରାମେଶ୍ୱର ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ରୀ ଇତିଶ୍ରୀ ମିଶ୍ର କବିତା ରଚନାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଗାଇଡ ଶିକ୍ଷକ ଅଶୋକ ମହାପାତ୍ର ଓ ଶିକ୍ଷିକା ଅନ୍ନପୂର୍ଣ୍ଣା ସାହୁଙ୍କ ତତ୍ୱାବଧାନରେ ଛାତ୍ରଛାତ୍ରୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ସହ ନନ୍ଦନକାନନ, ଧଉଳି, କୋଣାର୍କ ଓ ଚନ୍ଦ୍ରଭାଗା ପ୍ରଭୃତି ସ୍ଥାନକୁ ଶିକ୍ଷା ପରିଭ୍ରମଣରେ ଯାଇଥିଲେ । ଏହି ସଫଳତା ପାଇଁ ଓଷ୍ଟାର ଜିଲ୍ଲା ସମ୍ପାଦକ ନିର୍ମଳ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା, ପରିବେଶବିତ କାଶୀନାଥ ରାଉତରାୟ, ଜିଲ୍ଲା ସଭାପତି ପ୍ରମୋଦ କୁମାର ବେହେରା, ଶିକ୍ଷକ ନେତା ଭଗବାନ ସାହୁ, ବାବାଜି ଚରଣ ଦାସ, ବିଚିତ୍ର କୁମାର ସାହୁ, ଅଶୋକ କୁମାର ବିଶ୍ୱାଳ, ସରୋଜିନୀ ସ୍ୱାଇଁ, ପ୍ରାକ୍ତନ ସମ୍ପାଦକ ତପନ କୁମାର ସିଂହ, ଉପଦେଷ୍ଟା ତ୍ରୈଲୋକ୍ୟ ସ୍ୱାଇଁ, ଗୋକୁଳି ଚରଣ ରାଉତ, ଅଲେଖ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ସାହୁ, ଦିଲ୍ଲିପ କୁମାର ବିଶ୍ୱାଳ, କାଳିପ୍ରସାଦ ନାୟକ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଆର୍ଶ୍ରିବାଦ ପ୍ରଦାନ କରିଛନ୍ତି ।

## ଦୋକାନୀ ମାନେ ହେଲେ ପ୍ରଶାସନର ଦ୍ୱାରସ୍ଥ

ଜୟପୁର , ୦୧/୦୧ (ନି.ପ୍ର): ଜୟପୁର ରେ ପ୍ରଶାସନ ଦ୍ୱାରା ଜବର ଦଖଲ ଉଚ୍ଛେଦ କରାଯାଇଛି । ଏୟାର ପୋର୍ଟ ଛକ ଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯାଏ ଉଭୟ ପଟେ ଜେସିବି ଦ୍ୱାରା ଉଚ୍ଛେଦ କରାଯାଇଥିଲା । ଏନେଇ ଦୋକାନୀ ମାନେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ ଓ ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା ଙ୍କ ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଏଠାରେ ପ୍ରାୟ ୧୫ ଜଣ ପରିବାର ଦୋକାନ କରି ଗୁଜୁରାଣ ମେଂଟାଉଥିଲେ । ଯେଉଥିରେ କି ୭୫ ଟି ପରିବାର ଚଳୁଥିଲେ । ଉକ୍ତ ଦୋକାନକୁ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି । ଦୋକାନୀ ମାନେ ବେରୋଜ ଗାରିଆ ହୋଇଥିବା ରୁ ପ୍ରଶାସନ ଠେଲାରେ ବିକ୍ରୟ ପାଇ ଅନୁମତି ଦେବାକୁ ଅନୁରୋଧ କରାଯାଇଛି । ପରି ବେଳ ପ୍ରଦୁଷିତ ଯେପରି ନହେବ ସେ ଉପରେ ଧ୍ୟାନ ଦେବୁ ବୋଲି ଉଲ୍ଲେଖ କରାଯାଇଛି । ନଚେତ ପ୍ରଶାସନ ୭୫ ପରିବାର ପାଇ ଅବିକଳ ପନ୍ଥା ଯୋଗାଇ ଦେବାକୁ ସଦନ ଖରା,ନିଖିଲ ମହାରଣା, ତ୍ରିନାଥ ନୟକ, ସୁସୁମା ଖରା, ବାଲାଜି ଖର. ଚନ୍ଦ୍ର ହରିଜନ ପ୍ରମୁଖ ଅନୁରୋଧ କରିଛନ୍ତି ।

# ଜାନୁଆରୀ ୩ରୁ ଶରଧାବାଲିରେ ୧୦ଦିନ ବ୍ୟାପି ଶ୍ରୀକ୍ଷେତ୍ର ପୁସ୍ତକ ମେଳା

ପୁରୀ, ୦୧/୦୧ (ନି.ପ୍ର): କରୋନାର ଭୟାବହତାରୁ ମୁକୁଳିବା ପରେ ପାଠକଙ୍କ ପାଇଁ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ର ମିଳିତ ସହଯୋଗରେ ପୁରୀ ଶରଧାବାଲି ରେ ହେଉଛି ୨୭ତମ ପୁସ୍ତକ ମେଳା । ଜାନୁଆରୀ ୩ ରୁ ଆରମ୍ଭ ହେଉଥିବା ଏହି ବହିମେଳା,୧୦ଦିନ ଅର୍ଥାତ୍ ଜାନୁଆରୀ ୧୨ଯାଏଁ, ପ୍ରତିଦିନ ଦିନ ଦୁଇଟାରୁ ରାତି ୯ଟା୩୦ଯାଏଁ ଖୋଲା ରହିବ । ପ୍ରଥମ ଥର ପାଇଁ, ଜିଲ୍ଲା ପ୍ରଶାସନର ସହଯୋଗରେ ହେଉଥିବା ଏହି ମେଳାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସହ ସୁଦୂର ଦିଲ୍ଲୀରୁ ୫୦ରୁ ଉର୍ଦ୍ଧ୍ୱ ପ୍ରକାଶକ ଯୋଗ ଦେଉଥିବା ବେଳେ,୧୪୦ରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିବାର ସମ୍ଭାବନା ରହିଛି । ଏହି ମେଳାରେ ପ୍ରତିଦିନ କୁଇଜ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ ଆମର ଓ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଚଳିତ ବର୍ଷ ଗବେଷଣା କ୍ଷେତ୍ରରେ ଗବେଷକ ସିଦ୍ଧେଶ୍ୱର ମହାପାତ୍ର , ସାହିତ୍ୟ କ୍ଷେତ୍ରରେ ଗାଳ୍ପିକ ପ୍ରସନ୍ନ ମହାନ୍ତି, ପ୍ରକାଶନ କ୍ଷେତ୍ରରେ କନକ ବୁକ୍ସ ଡିଷ୍ଟିବ୍ୟୁଟର, ନୂଆଦିଲ୍ଲୀଙ୍କୁ ପୁସ୍ତକ ମେଳା ସମ୍ମାନ ଦିଆଯିବା ସହିତ ଓଡ଼ିଶାରେ ଗବେଷଣା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅସୀତ୍ ମହାନ୍ତିଙ୍କୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯିବ ।

ପୁରୀ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ମେଳା ସଭାପତି ଡ଼ଃ.କୈଳାଶ ଚନ୍ଦ୍ର ଟିକାୟତରାୟଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ସଂପାଦକ ଚକ୍ରଧର ମହାପାତ୍ର, ଗଣମାଧ୍ୟମ ସଂପାଦକ ବଦ୍ରି ମିଶ୍ରଙ୍କ ସମେତ ମେଳା କମିଟିର ସମସ୍ତ କର୍ମକର୍ତ୍ତା ଯୋଗଦାନ କରି,ଶରଧାବାଲି ର ସ୍ୱଚ୍ଛତା ଓ ପବିତ୍ରତା ରକ୍ଷା କରାଯିବା ସହ କୋଭିଡ୍ ଗାଇଡ ଲାଇନ କୁ ମେଳା କମିଟି କଡାକଡି ପାଳନ କର୍ବି ବୋଲି ମତବ୍ୟକ୍ତ କରିଥିଲେ । ଏହି ମେଳାରେ ବିଭିନ୍ନ ଦିନ ରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ,କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ, ନିର୍ଦ୍ଦେଶକ ସଂସ୍କୃତି, ପୁରୀ ବିଧାୟକ , ଜିଲ୍ଲାପାଳ,ଆରକ୍ଷୀ ଅଧିକ୍ଷକଙ୍କ ସମେତ ଅନ୍ୟାନ୍ୟ ଅତିଥି ମାନେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନ୍ୟୁନ ଏକଲକ୍ଷ ପାଠକ, ଶିକ୍ଷାବିତ୍,ସାହିତ୍ୟିକ ଓ ଛାତ୍ରଛାତ୍ରୀ ଏହି ମେଳାରେ ଯୋଗଦେବେ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟକ୍ରମ ରେ ମେଳା କମିଟି ପକ୍ଷରୁ ରଘୁନାଥ ମହାପାତ୍ର, ପୁଷ୍କର ମହାପାତ୍ର, ରାଜକିଶୋର ମିଶ୍ର,ପ୍ରସନ ମିଶ୍ର, ସୁରେନ୍ଦ୍ର କୁମାର ମିଶ୍ର, ଅନାମ ସାହୁ, ଶ୍ରୀକାନ୍ତ ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ସୁକାନ୍ତ ପଣ୍ଡା, ସ୍ୱାଧୀନ ପଣ୍ଡା , ବିପିନ ଦଳାଇ, ଭବାନୀ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ଡଙ୍କାରୀ କଳାପଥର ଖାଦାନରୁ ବେଆଇନ ଉତୋଳନ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେପିର ସାମ୍ବାଦିକ ସମ୍ମିଳନୀ

ଧର୍ମଶାଳା, ୦୧/୦୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଅଂଚଳର ବହୁ ଚର୍ଚ୍ଚିତ କଳାପଥର ଖାଦାନରୁ ବେଆଇନଭାବେ କଳାପଥର ଉତୋଳନ ସହ ସମ୍ପୃକ୍ତ ଲିଜଧାରୀଙ୍କ ବିରୋଧରେ ଏକ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜେପି । ଆଜି ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରେ ବିଜେପି ନେତ୍ରୀ ସ୍ମୃତିରେଖା ପହି ଏକ ସାମ୍ବାଦିକ ସମ୍ମିଳନୀରେ ଡଙ୍କାରୀ କଳାପଥର ଖାଦାନର ୨ଟିଗୋଟି ଲିଜ ଏରିଆରେ ଚୁକ୍ତିଠାରୁ ଅଧିକ ଉତୋଳନ କରାଯାଇଛି,ସମ୍ପୃକ୍ତ ଲିଜଧାରୀ ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ଲିଜ ଏରିଆ ବାହାରୁ ପଥର ଉତୋଳନ କରୁଛନ୍ତି,ଏହି କାର୍ଯ୍ୟରେ ୱାଗନ,କମ୍ପ୍ରେସର,ବଡବଡ ହାଇୱା ଗାଡି ବ୍ୟବହାର କରୁଛନ୍ତି । ଏଭଳି ବେଆଇନ କାର୍ଯ୍ୟକୁ ରୋକ ଲଗାଇବାରେ ଧର୍ମଶାଳା ପ୍ରଶାସନ ପଛ ଘୁଂଚା ଦେଉଛି । ବେଧଡକ କଳାପଥର ଚୋରା ଚାଲାଣ ଯୋଗୁ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି ବୋଲି ସେ କହିଛନ୍ତି । ଏନେଇ ଧର୍ମଶାଳା ବିଜେପି ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଛି । ଲିଜ ଏରିଆ ସଠିକ୍ ସୀମା ନିର୍ଦ୍ଧାରଣ,ୱାଗନ ବ୍ଲାଷ୍ଟିଂକୁ ସମ୍ପୂର୍ଣ୍ଣ ନିଷେଧ,ଅଧିକ ଉତୋଳନକୁ ବନ୍ଦ କରାଯିବା ସହ ସରପ୍ରାଇଜ ଭିଜିଟ କରିବାକୁ ଦାବି କରାଯାଇଛି । ଆଗାମୀ ୧୫ ଦିନ ମଧ୍ୟରେ ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି ।

## ଠାକୁର ଅନୁକୂଳଚନ୍ଦ୍ରଙ୍କର ଶତବାର୍ଷିକୀ ଆଗମନ ସମାବେଶ

ପୁରୀ, ୦୧/୦୧ (ନି.ପ୍ର): ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୁଣ୍ୟ ଉତ୍କଳ ଆଗମନର ୧୦୧ ତମ ଶୁଭ ମହୋତ୍ସବ ୨୦୨୩ ମସିହା ଜାନୁଆରୀ ୮ ତାରିଖରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହେବ । ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସ୍ମୃତି ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ସହ ସମ୍ପାଦକ, ସତସଙ୍ଗ ଓ ଆବାହକ ସ୍ମୃତି ଉତ୍ସବ ଡା ବିନାୟକ ମହାପାତ୍ର ସୂଚନା ଦେଇଛନ୍ତି । ବିଭିନ୍ନ ସ୍ଥାନରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ମାନେ ଯେପରି ଉତ୍ସବ ସ୍ଥଳରେ ସୁନ୍ଦର ଓ ଶୃଙ୍ଖଳିତ ଦର୍ଶନ ସହ କାର୍ଯ୍ୟକ୍ରମ କୁ ଶ୍ରଦ୍ଧାର ସହ ଉପଭୋଗ କରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି ସେ ମତ ଦେଇଛନ୍ତି ।

## କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ମହା ପଂଚାୟତ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୦୧/୦୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଅବହେଳା, ଉଦାସିନ ମନୋଭାବ ଏବଂ ଦୁର୍ନୀତି ପୂର୍ଣ୍ଣ କାର୍ଯ୍ୟ ଯୋଗୁ ଲକ୍ଷାଧିକ ପଞ୍ଜିକୃତ ନିର୍ମାଣ ଶ୍ରମିକ ନିର୍ଯ୍ୟାତନାର ଶୀକାର ହେଉଛନ୍ତି । ବର୍ଷ ବର୍ଷ ଧରି ନିର୍ମାଣ ଶ୍ରମିକ ପଞ୍ଜିକରଣ ପାଇଁ ଶ୍ରମିକମାନଙ୍କର ହଜାର ହଜାର ଦରଖାସ୍ତ ଶ୍ରମ କାର୍ଯ୍ୟାଳୟରେ ପଡିରହିଥିଲେ ସୁଦ୍ଧା ପଞ୍ଜିକରଣ କରାଯାଉନାହିଁ । ବିଶେଷ କରି ମହିଳାମାନଙ୍କ ଦରଖାସ୍ତକୁ ବିଚାରକୁ ନିଆଯାଉନାହିଁ । ପଞ୍ଜିକୃତ ଶ୍ରମିକମାନଙ୍କ କାର୍ଡ ନବୀକରଣ ପାଇଁ ଅନ୍ଲାଇନର ଆଳ ଦେଖାଇ ଅନୁମୋଦନ କରିବାରେ ଅହେତୁକ ବିଳମ୍ବ କରାଯାଉଛି । ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ଶ୍ରମିକ ମାନଙ୍କୁ ବିଭିନ୍ନ ଆର୍ଥିକ ସହାୟତା ପ୍ରଦାନ କରାଯାଉନାହିଁ । ଶ୍ରମିକମାନଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ଦେବା ପାଇଁ ଯୋତା, ହେଲ୍ମେଟ୍ ଓ ଗ୍ଲୋବସ୍ ଦିଆଯାଉନାହିଁ କି ଯନ୍ତ୍ରପାତି କ୍ରୟ, ସାଇକେଲ କ୍ରୟ ପାଇଁ ସହାୟତା ପ୍ରଦାନ କରାଯାଉନାହିଁ । ପଞ୍ଜିକୃତ ଶ୍ରମିକମାନଙ୍କ ପିଲାମାନଙ୍କୁ ଶିକ୍ଷା ବୃତି ସହାୟତା ଦିଆଯାଉନାହିଁ କି କନ୍ୟା ବିବାହ ସହାୟତା, ପ୍ରସୂତି କାଳୀନ ସହାୟତା, ଦୁର୍ଘଟଣା ଜନିତ ଚିକିତ୍ସା ସହାୟତା, ଶ୍ରମିକମାନଙ୍କ ଗୁରୁତର ଅସୁସ୍ଥତା ପାଇଁ ଚିକିତ୍ସା ସହାୟତା, ଗୃହ ନିର୍ମାଣ ସହାୟତା, ୬୦ ବର୍ଷ ପରେ ବାର୍ଦ୍ଧକ୍ୟ ଭତା ଭଳି ଆର୍ଥିକ ସହାୟତା ପ୍ରଦାନ କରାଯାଉନାହିଁ । ଶ୍ରମିକ ମାନଙ୍କର ଦକ୍ଷତା ଅଭିବୃଦ୍ଧି ନିମନ୍ତେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଉନାହିଁ । ବିଶେଷ କରି ଦୈନିକ ଶ୍ରମ କାର୍ଯ୍ୟାଳୟରେ ଶତାଧିକ ଶ୍ରମିକ ଏକତ୍ରିତ ହୋଇ ଖରା ତରାରେ, ବର୍ଷାରେ ହନ୍ତସନ୍ତ ହେଉଥିବାବେଳେ ଆଶ୍ରୟ ଓ ବିଶ୍ରାମ ନେବାକୁ ସ୍ଥାନ ଟିକେ ମିଳୁନାହିଁ କିମ୍ବା ତୃଷାର୍ତ୍ତ ଶ୍ରମିକମାନେ ପାଣି ଟୋପାଏ ନ ପାଇ ତହଳ ବିକଳ ହେଉଥିବା ବେଳେ ପାନୀୟ ଜଳର ବ୍ୟବସ୍ଥା ମଧ ସେଠାରେ ନାହିଁ । ଏହି ଦୃଷ୍ଟି କୋଣରୁ ନିର୍ମାଣ ଶ୍ରମିକଙ୍କ ପାଇଁ ସରକାରଙ୍କ ଦ୍ୱାରା ଘୋଷିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ଧୁଆଁବାଣରେ ପରିଣତ ହୋଇଛି । ଏହିସବୁ ସମସ୍ୟାର ସମାଧାନ ନିମନ୍ତେ ଶ୍ରମ କମିଶନର, ଜିଲ୍ଲା ପ୍ରଶାସନ, ଡିଭିଜନାଲ ଶ୍ରମ କମିଶନର, ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ ସହିତ ସୌହାଦ୍ର୍ଦ୍ୟ ପୂର୍ଣ୍ଣ ଆଲୋଚନା, ଆନ୍ଦୋଳନ ଓ ଧାରଣା ଇତ୍ୟାଦି କରାଯାଇଥିଲେ ମଧ ପ୍ରତିଶୃତି ଦିଆଯାଇ ଅଦ୍ୟାବଧି କାର୍ଯ୍ୟକାରି କରାଯାଉନଥିବା ଅଭିଯୋଗ ହୋଇଛି । ଫଳରେ ଜିଲ୍ଲାରେ ଲକ୍ଷାଧିକ ଶ୍ରମିକ ନିର୍ଯ୍ୟାତିତ ଅବସ୍ଥାରେ କାଳ କାଟୁଛନ୍ତି ।

# ଥାଇରଏଡ୍ ଯୋଗୁଁ ଚିନ୍ତିତ ଅଛନ୍ତି କି ?: ତେବେ ଖାଇବାରେ ସାମିଲ୍ କରନ୍ତୁ ଧନିଆ ପତ୍ର



ଆଜିକାଲି ଖାଦ୍ୟପେୟର ସମୟ ଠିକ ରହୁନଥିବାରୁ ଲୋକେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି । ଏଭଳି ଏକ ରୋଗ ହେଉଛି ଥାଇରଏଡ । ଏହି ରୋଗ ମୁଖ୍ୟତଃ ଦୁଇଟି ଟାଇପର ହୋଇଥାଏ । ହାଇପରଥାଇରାଡିଜିମ ଏବଂ ଅନ୍ୟଟି ହେଉଛି ହାଇପୋଥାଇରାଡିଜିମ । ଶରୀରରେ ଥାଇରକ୍ସିନ୍ ନାମକ ହରମୋନ୍ କ୍ଷରଣ ଅନିୟମିତ ହେଲେ ଲୋକମାନେ ଥାଇରଏଡ୍ ସମସ୍ୟାରେ ପୀଡ଼ିତ ହୁଅନ୍ତି । ଅସନ୍ତୁଳିତ ଖାଦ୍ୟପେୟ ଏବଂ ଜୀବନ ଶୈଳୀ କାରଣରୁ ସବୁଠାରୁ ଅଧିକ ଲୋକ ଏହି ରୋଗରେ ପୀଡିତ ହୁଅନ୍ତି । ଥାଇରଏଡର ସମସ୍ୟା ପୁରୁଷମାନଙ୍କଠାରେ ମଧ ଦେଖାଯାଏ, କିନ୍ତୁ ଏହି ସମସ୍ୟା ମହିଳାମାନଙ୍କୁ ପୁରୁଷଙ୍କ ଅପେକ୍ଷା ଅଧିକ ଶିକାର କରିଥାଏ । ତେବେ ଧନିଆ ପତ୍ର ଏପରି ଏକ ପରିବା, ଯାହାକୁ ଖାଇ ଆପଣ ଥାଇରଏଡକୁ ନିୟନ୍ତ୍ରଣ କରିପାରିବେ । ଥାଇରଏଡକୁ ନିୟନ୍ତ୍ରଣ କରିବା ପାଇଁ ମହିଳାମାନେ କିପରି ଧନିଆ ପତ୍ର ବ୍ୟବହାର କରିପାରିବେ ଆସନ୍ତୁ ଜାଣିବା...

### ଧନିଆ ପତ୍ର ଖାଇବାର ଲାଭ କ'ଣ ?



- ସୁଗାର ରୋଗରେ ଆରାମ ଦେଇଥାଏ ।
- ଉଦାସୀନତା ସମସ୍ୟାରେ ଲାଭଦାୟକ ।
- ପ୍ରଦାହକୁ ହ୍ରାସ କରେ ।
- ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ ।
- ପରିସ୍ରା ସମସ୍ୟାରେ ଲାଭଦାୟକ ।
- ଚର୍ମ ସମସ୍ୟାକୁ ରୋକିଥାଏ ।
- ଅପସ୍ମାର ସମସ୍ୟାରେ ଲାଭ ଦିଏ ।
- ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟକାରୀ ।

**ସବୁଜ ଧନିଆରେ କେଉଁ ଗୁଣଗୁଡିକ ମିଳେ ?**

୧. ଧନିଆ ପତ୍ର ଖାଇବା ପ୍ରଚୁର ଖାଦ୍ୟପେୟ ଫାଇବର ଯୋଗାଇଥାଏ, ଯାହା ଏକ ପ୍ରକାର କାର୍ବୋହାଇଡ୍ରେଟ୍ ଓ ଉଦ୍ଭିଦରୁ ମିଳିଥାଏ ।

୨. ଧନିଆ ପତ୍ର ଲିପିଡର ଏକ ଉତ୍କୃଷ୍ଟ ଉତ୍ସ । ଆୟୁର୍ବେଦରେ ଏହାକୁ ଔଷଧ ବର୍ଗରେ ରଖାଯାଇଛି । ତାହା ହେଉଛି, ସେହି ଔଷଧ ଯାହା ଶରୀରକୁ ତିନୋଟି ଉପାୟରେ ଉପକାର କରିଥାଏ । ଉଦାହରଣ ସ୍ୱରୂପ, ହଜମ ପ୍ରକ୍ରିୟାରେ ଉନ୍ନତି, ଭୋକ ବୃଦ୍ଧି ଓ ସଂକ୍ରମଣକୁ ରୋକିବା କିମ୍ବା ସଂକ୍ରମଣକୁ ଭଲ କରିବା ସାହାଯ୍ୟ କରିଥାଏ ।

୩. ଯେଉଁଠାରେ ଧନିଆ ପତ୍ର ରଖାଯାଏ, ଏହାର ସୁଗନ୍ଧ ସମସ୍ତଙ୍କୁ ଆକର୍ଷିତ କରିଥାଏ । ଏଥିରେ ଥିବା ଅତ୍ୟାବଶ୍ୟକ ତେଲ ହେତୁ ଏହା ହୋଇଥାଏ । ଜରୁରୀ ତେଲର ଅର୍ଥ ହେଉଛି ଔଷଧ କିମ୍ବା ଔଷଧରୁ ପ୍ରସ୍ତୁତ ଶୁଦ୍ଧ ତେଲ ।

**ଥାଇରଏଡ୍ ରୋକିବା ପାଇଁ ଉପାୟ:**

ଥାଇରଏଡ୍ ସମସ୍ୟା ହେଲେ ଧନିଆ ପତ୍ରକୁ ନିୟମିତ ଖାଇବା ଉଚିତ୍ । ଯଦିଓ କୌଣସି ଅସୁବିଧା ନାହିଁ, ତେବେ ଆପଣ ଆପଣଙ୍କର ଦୈନନ୍ଦିନ ଖାଦ୍ୟରେ ସବୁଜ ଧନିଆକୁ ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରିବା ଉଚିତ୍ । ଥାଇରଏଡ୍ ସମସ୍ୟା ଓ ମୁଡ୍ ସୁଇଙ୍ଗ୍ ଲଢ଼େଇ ଗୁଣ ଯୋଗୁଁ, ସବୁଜ ଧନିଆ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସବୁଜ ଧନିଆରେ ମିଳୁଥିବା ଔଷଧୀୟ ଗୁଣ, ଭିଟାମିନ୍, ମିନେରାଲ୍ସ ଓ ଆଣ୍ଟିଅକ୍ସିଡାଣ୍ଟ ଥାଇରଏଡ୍ ନିୟନ୍ତ୍ରଣ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ କାର୍ଯ୍ୟ କରିଥାଏ । ଯଦି କାହାର ଥାଇରଏଡ୍ ସମସ୍ୟା ଥାଏ ତେବେ ସେ ଏହି ଉପାୟରେ ତାଙ୍କର ଦୈନନ୍ଦିନ ଖାଦ୍ୟରେ ସବୁଜ ଧନିଆକୁ ଅନ୍ତର୍ଭୁକ୍ତ କରିବା ଉଚିତ୍ ।

୧. ଚଟଣୀ କରି ଖାଆନ୍ତୁ ଧନିଆ ।
୨. ସବୁଜ ଧନିଆ ପାଣି ପିଅନ୍ତୁ ।
୩. ବିଭିନ୍ନ ଖାଦ୍ୟରେ ସଜାଇ ଖାଆନ୍ତୁ ।
୪. ଡାଲି ଓ ପନିପରିବା ତିଆରି କରିବା ପରେ, ଉପରେ ସବୁଜ ଧନିଆ ପକାଇ ଖାଆନ୍ତୁ ।
୫. ସାଲାଡରେ ସବୁଜ ଧନିଆ ପକାଇ ଖାଆନ୍ତୁ ।
୬. ସବୁଜ ଧନିଆକୁ ଗ୍ରାଇଣ୍ଡ୍ କରି ଦହି ସହିତ ମିଶାଇ ଆପଣ ରଇତା ମଧ ପ୍ରସ୍ତୁତ କରିପାରିବେ ।

# ଏହି ଉପାୟରେ ମୁହଁରେ ଲଗାନ୍ତୁ ଆଲୋଭେରା

ଆଲୋ ଭେରା ବା ଘିକୁଆଁରି କେବଳ ସ୍ୱାସ୍ଥ୍ୟ ନୁହେଁ ତ୍ୱଚା ପାଇଁ ଏକ ବରଦାନ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି । ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ତ୍ୱଚାରେ ବ୍ରଣ, ଦାଗ ପରି ଅନେକ ସମସ୍ୟାକୁ ଭଲ କରିଥାଏ । ତେବେ ଏହାକୁ ଲଗାଇବାର ବିଧି ଆପଣଙ୍କୁ ଜଣାଥିବା ଆବଶ୍ୟକ । ଆସନ୍ତୁ ଜାଣିବା ଘରେ ଘିକୁଆଁରୀ ବା ଆଲୋ ଭେରା କିପରି ଲଗାଇବା ଉଚିତ ।



୧. ଅଲଗା ଅଲଗା ସମସ୍ୟା ପାଇଁ ଆଲୋ ଭେରା ବ୍ୟବହାର କରାଯାଇଥାଏ । ସନବର୍ଣ୍ଣ, ମଶ୍ଚୁରାଇଜର, ଆଣ୍ଟି ଏଜିଙ୍ଗ ଜେଲ, ମେକଅପ ରିମୁଭର, ସ୍କ୍ରବ, ଆଇବ୍ରୋ ଜେଲ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ ।

୨. ଯଦି ଆପଣଙ୍କ ଘରେ ଆଲୋଭେରା ଗଛ ଅଛି ତେବେ ଆପଣ ଏଥିରୁ ଜେଲ ପ୍ରସ୍ତୁତ କରିପାରିବେ ।

୩. ଏହି ଜେଲକୁ ସନବର୍ଣ୍ଣ ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ କିଛି ସମୟ ଫ୍ରିଜରେ ରଖନ୍ତୁ । ପରେ ସେଥିରେ ହାଲକା ଗୋଲାପ ଜଳ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ । ଏହିପରି ପ୍ରତିଦିନ ରାତିରେ ଲଗାଇ ଶୁଅନ୍ତୁ ।



୪. ସେହିପରି ତ୍ୱଚାରୁ ଡେଡ ସ୍କିନ ସଫା କରିବାକୁ ଚାହୁଁଥିଲେ, ଫେଶୱାସରେ ମୁହଁ ଧୋଇବା ପରେ ଅଳ୍ପ ଏଲୋବେରା ଜେଲ ଲଗାନ୍ତୁ । ଏହାପରେ ଏକ ଓଦା କପଡ଼ାରେ ମୁହଁକୁ ସ୍କ୍ରବ କରି ପୋଛନ୍ତୁ ।

୫. ଆଣ୍ଟି-ଏଜିଙ୍ଗ ଜେଲ ଭାବରେ ମଧ ଏଲୋବେରା ଜେଲ ବ୍ୟବହାର କରାଯାଇପାରିବ । ତେବେ ଏଥିରେ ଭିଟାମିନ ଇ କିମ୍ବା ଭିଟାମିନ ସିର ପାଉଡର ମିଶାଇ ଲଗାନ୍ତୁ ।

# ତ୍ୱଚା ପାଇଁ ଉପକାରୀ ଅଟା

ଆମ ରୋଷେଇ ଘରଗୁଡ଼ିକରେ ରହୁଥିବା ବିଭିନ୍ନ ସାମଗ୍ରୀଗୁଡ଼ିକୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବି ବ୍ୟବହାର କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି ଅଟା । ଏହା ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ତଥା ଏହାର ଚମକ ବଢ଼ାଇବାରେ ବେଶ୍ ସାହାଯ୍ୟ କରିଥାଏ । ତା'ହେଲେ ଆସନ୍ତୁ ଜଣିବା ଅଟାକୁ ବ୍ୟବହାର କରି କେମିତି ଫେସ୍ ପ୍ୟାକ୍ ତିଆରି କରିପାରିବେ । ତା' ସହିତ ସ୍କିନ୍ ଅନୁଯାୟୀ କେମିତି ଅଟାକୁ ବ୍ୟବହାର କରି ଫେସ୍ ପ୍ୟାକ୍ ପ୍ରସ୍ତୁତ କରି ହେବ, ସେ ବିଷୟରେ ବି ଜାଣି ନିଅନ୍ତୁ ।




୧- ଯଦି ଆପଣଙ୍କ ତ୍ୱଚା ତେଲିଆ, ତା'ହେଲେ ଅଟା ସହିତ କ୍ଷୀର ମିଶାଇ ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଦୁଇ ଚାମଚ (ଖାଇବା ପାଇଁ ବ୍ୟବହୃତ ଚାମଚ) ଅଟାରେ ଦୁଇ ଚାମଚ କ୍ଷୀର ମିଶାନ୍ତୁ । ଏହାକୁ ମୁହଁ ସହିତ ବେକରେ ମଧ ଲଗାନ୍ତୁ ଓ ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ତା'ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ଦେଖିବା ତ୍ୱଚାରୁ ତେଲିଆ ଅଂଶ ଦୂର ହୋଇଯିବ ।

୨- ଯଦି ଆପଣଙ୍କ ତ୍ୱଚା କ୍ଳାନ୍ତ ହୋଇଯାଇଛି, ତା'ହେଲେ ତାକୁ ଫ୍ରେଶ୍ କରି ପୂର୍ବ ଚମକ ଫେରାଇ ଆଣିବା ପାଇଁ ଅଟା, ଗୋଲାପ ଜଳ ଓ କ୍ଷୀରକୁ ମିଶାଇ ପେଷ୍ଟ ତିଆରି କରନ୍ତୁ । ଏହାକୁ ମୁହଁରେ ଓ ବେକରେ ଲଗାନ୍ତୁ । ପରେ ଏହାକୁ ଥଣ୍ଡା ପାଣିରେ ସଫା କରି ଦିଅନ୍ତୁ । ଦେଖିବେ ତ୍ୱଚା ପୁଣି ସତେଜ ହୋଇଯିବ ।

୩- ସେହିଭଳି ୨ ଚାମଚ ଅଟା, ୨ ଚାମଚ ଦହି ଓ ଏକ ଚାମଚ ମହୁକୁ ମିଶାଇ ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ଏହାକୁ ମୁହଁ ଓ ବେକରେ ଲଗାନ୍ତୁ । ୨୦ ମିନିଟ୍ ପରେ ଏହାକୁ ଧୋଇ ଦିଅନ୍ତୁ । ଏହା ତ୍ୱଚାକୁ ହାଇଡ୍ରେଟ୍ କରିବ ।

# ମଡ୍ୟୁଲାର କିଚେନ୍ ମୋହରେ ମହିଳା



ଗାଁ ଗହଳିରେ ଆଜି ମଧ ମା' ମାଉସୀମାନେ ରୋଷେଇ ଘରକୁ ହାଣ୍ଡିଶାଳ ବୋଲି କହିଥାନ୍ତି । ଏଇ 'ହାଣ୍ଡିଶାଳ' ଶବ୍ଦଟି ପ୍ରକୃତରେ ଖୁବ୍ ଆପଣାର ଲାଗିଥାଏ । ହେଲେ ନଗରୀ, ମହାନଗରୀ ସଭ୍ୟତାରେ ମଡ୍ୟୁଲାର କିଚେନ୍ ଆଧୁନିକତାର ସ୍ପର୍ଶ ଦେଉଛି । ମଡ୍ୟୁଲାର କିଚେନ୍ ଆଖିକୁ ଚକ୍‌ଚକ୍ ଓ ସୁନ୍ଦର ଦେଖାଯାଇଥାଏ, ହେଲେ ଗାଁ ହାଣ୍ଡିଶାଳର ବାସ୍ନା ଏଠାରେ ମିଳିଥାଏ । ନିକଟରେ ଗାଁ ରୋଷେଇ ଘର ଓ ସହରର ଅତ୍ୟାଧୁନିକ ମଡ୍ୟୁଲାର କିଚେନ୍‌କୁ ନେଇ ଏକ ଅନୁଧ୍ୟାନ କରାଯାଇଥିଲା । ଆଜିକାଲି ୩୪%ରୁ ଅଧିକ ମହିଳା ମଡ୍ୟୁଲାର କିଚେନ୍‌କୁ ପସନ୍ଦ କରୁଛନ୍ତି । କାରଣ ଏହା ଜରିଆରେ ରୋଷେଇ ଘର ସାମଗ୍ରୀ, ଜିନିଷ, ବାସନକୁସନ ସବୁକିଛି ବ୍ୟବସ୍ଥିତ ରହିପାରୁଛି । ହେଲେ ସାଧାରଣ ରୋଷେଇଘରେ ଏସବୁ ବ୍ୟବସ୍ଥା ନଥିବାରୁ ମହିଳାମାନେ ରୋଷେଇରେ ଆଗ୍ରହ ପ୍ରକାଶ କରୁନାହାନ୍ତି ।

- ବିଶେଷଜ୍ଞଙ୍କ ମତରେ ଆଗ କାଳରେ ଗୃହିଣୀମାନେ ହେମଦସ୍ତାରେ ମସଲା କୁଟିବା ସହ ଶିଳରେ ବାଟୁଥିଲେ । ସେସବୁ ମସଲା ତରକାରୀ ସୁଆଦିଆ ହେବା ସହ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିଲା । ଆଜିର ନୂଆ ଡିଜାଇନ୍ କିଚେନ୍‌ରେ ଗ୍ରାଇଣ୍ଡର ବଟା ମସଲାରେ ସେଭଳି ସ୍ୱାଦ କିମ୍ବା ବାସ୍ନା ନାହିଁ ।
- ଗାଁ ଗହଳିରେ ଆଜି ମଧ ମାଟି ହାଣ୍ଡି, ପାତ୍ରରେ ରୋଷେଇ କରାଯାଉଛି । ହେଲେ ସହରୀ ମଡ୍ୟୁଲାର କିଚେନ୍‌ରେ ଆଲୁମିନିୟମ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍, ନନ୍-ଷ୍ଟିକ୍ ବାସନରେ ପ୍ରୟୋଗ ହେଉଛି । ଯାହାର ଅଧିକ ଅଧିକ ବ୍ୟବହାର କାରଣରୁ ସ୍ୱାସ୍ଥ୍ୟ ଗତ ସମସ୍ୟା ସମୟକ୍ରମେ ଉପୁଜିଥାଏ ।
- ମଡ୍ୟୁଲାର କିଚେନ୍‌ରେ ମଧ ମାଟି ପାତ୍ରରେ ରାନ୍ଧିପାରିବେ । ଷ୍ଟିଲ୍ ପରିବର୍ତ୍ତେ ସେରାମିକ୍ ଥାଳିରେ ଖାଦ୍ୟ ଖାଇବା ଭଲ । କିଛି ବର୍ଷ ତଳେ ଲୋକେ ପର୍ବପର୍ବାଣି, ବିବାହ, ବ୍ରତରେ କଦଳୀ ପତ୍ରରେ ପରଷି ଖାଉଥିଲେ । ଆଜିକାଲି କିନ୍ତୁ କାଗଜ ପ୍ଲେଟ୍‌ର ଚାହିଦା ବଢ଼ିବାରେ ଲାଗିଛି ।
- ବିଶେଷଜ୍ଞଙ୍କ ମତରେ ଏହି କିଚେନ୍ ପରିଷ୍କାର ରହିଥାଏ । ଜିନିଷ ବ୍ୟବସ୍ଥିତ ରହିବା କାରଣରୁ କାମ କରିବାକୁ ଭଲ ମଧ ଲାଗେ । ହେଲେ ଆମ ପୁରାତନ ପରମ୍ପରାକୁ ନ ଭୁଲି ଆମେ ମସଲାକୁ ସେହିଭଳି ଗୁଣ୍ଡ କରି ଏୟାର୍-ଟାଇଟ୍ ଡବାରେ ରଖିପାରିବା ।



# ହାଡକୁ ନଷ୍ଟ କରିଦେବ ଏହି ୪ ଟି ଖାଦ୍ୟ !

ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ । କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ । ଫୁଡ୍ ଓ ନ୍ୟୁଟ୍ରିସନ୍ ଏକ୍ସପର୍ଟଙ୍କ କହିବା ଅନୁସାରେ ଏମିତି ଅନେକ ଖାଦ୍ୟ ଅଛି ଯାହା କ୍ୟାଲସିୟମ୍ ଓ ଭିଟାମିନ୍ ଡି'କୁ ଶରୀରରେ ଠିକ୍ ଭାବେ ବିଶୋଷିତ କରାଇଦେଇ ନ ଥାଏ । ଏହା ଯୋଗୁଁ ହେଉଥିବା କ୍ୟାଲସିୟମ୍ ଅଭାବକୁ ଶରୀର ହାଡ଼ରୁ ନେଇ ପୂରଣ କରିଥାଏ । ଏହାଦ୍ୱାରା ହାଡ଼ ଦୁର୍ବଳ ହୋଇ ଫ୍ୟାକଚର୍ (ଭାଙ୍ଗିବା) ହେବାର ଆଶଙ୍କା ବଢ଼ିଯାଏ ।



**ନମକିନ୍ ଓ ଚିପ୍ସ :** ନମ୍କିନ୍ (ଖଟାମିଠା), ଚିପ୍ସ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ ।

**ଚିନିଜାତୀୟ ଖାଦ୍ୟ :** ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ । ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ । ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ ।

**ପ୍ୟାକେଟ୍ ଖାଦ୍ୟ :** ପ୍ୟାକେଟରେ ଆସୁଥିବା ପ୍ରୋସେସ୍ଡ୍ (ତିଆରି ହୋଇଥିବା) ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ । ଏହା ଶରୀରରେ କ୍ୟାଲସିୟମ୍ର ମାତ୍ରା କମ୍ କରିଥାଏ । ଏହାଯୋଗୁଁ ହାଡ଼ ଦୁର୍ବଳ ହୋଇଥାଏ ।

**ଜଙ୍କ୍ ଫୁଡ୍ :** ବର୍ଗର, ପିଜ୍ଜା, ପାସ୍ତା ଆଦି ଜଙ୍କ୍ ଫୁଡ୍ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ । ଏହା ମଧ ଶରୀରରେ କ୍ୟାଲ୍ସିୟମ୍ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ ।ଆପଣଙ୍କ ଶରୀରର ହାଡ଼ ନଷ୍ଟ ହେବାର ବିପଦକୁ ବଢ଼ାଇଥାଏ ଏହି ୫ଟି ଖାଦ୍ୟ, ଆପଣ ଖାଉ ନାହାନ୍ତି ତ ?

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଧ୍ୟାନଦେବା ଜରୁରି...

ଶ୍ରମିକଟିଏ ତା'ର ପରିବାର ପୋଷିବା ପାଇଁ ନିର୍ଭର କରିଥାଏ ଶ୍ରମ ବିନିମୟରେ ଅର୍ଜନ କରିଥିବା ମଜୁରି ଉପରେ । ପରନ୍ତୁ, ସେଇ ମଜୁରି ଯେତେବେଳେ ତା'ର ପରିଶ୍ରମ ତୁଳନାରେ କମ୍ ହୁଏ ବା ଠିକ୍ ସମୟରେ ନ ମିଳେ, ସେତେବେଳେ ସେ ହତାଶ ହୋଇ ପଡ଼ିବା ସ୍ୱାଭାବିକ । ଗତ ଦୁଇବର୍ଷ ଭିତରେ କରୋନା ମହାମାରୀ ଦ୍ୱାରା ଆକ୍ରାନ୍ତ ହୋଇ ସମଗ୍ର ବିଶ୍ୱ ଯେଉଁ ଅର୍ଥନୀତିକ ସଂକଟକୁ ଅଙ୍ଗେ ନିଭେଇଛନ୍ତି, ତା'ର ହାନିକାରକ ପ୍ରଭାବ ପଡ଼ିଛି ଶ୍ରମିକ ଶ୍ରେଣୀ ଓ ସେମାନଙ୍କ ମଜୁରି ଉପରେ । ନିକଟରେ ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲଓ) ପ୍ରକାଶ କରିଛି ସଦ୍ୟତମ ବିଶ୍ୱ ମଜୁରୀ ରିପୋର୍ଟ ୨୦୨୨ । ଏହା ଉଲ୍ଲେଖ କରିଛି ଯେ ବିଗତ ଦୁଇବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ଶ୍ରମ ବଜାରଗୁଡ଼ିକ ଉଲ୍ଲେଖନୀୟ ପରିବ ର୍ତ୍ତନଗୁଡ଼ିକୁ ପରିଲକ୍ଷିତ କରିଛନ୍ତି । ଏହି ପରିବ ର୍ତ୍ତନଗୁଡ଼ିକ ମହାମାରୀରୁ ଧୀରେ ଧୀରେ ପୁନରୁଦ୍ଧାର ଲାଭ କରିବା, ଉଚ୍ଚ ହାରରେ ତଥା ଲଗାତର ଭାବରେ ମୁଦ୍ରାସ୍ଫୀତି ବଜାୟ ରହିବା ଏବଂ ୟୁକ୍ରେନରେ ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ନୂଆ ଧରଣର ଅନିଶ୍ଚିତତା ଦ୍ୱାରା ସୃଷ୍ଟି ହୋଇଛି । ୨୦୨୨ରେ ସମଗ୍ର ବିଶ୍ୱରେ ଅର୍ଥନୀତିକ ଅଭିବୃଦ୍ଧି ହାର ଧୀମା ହୋଇଥିବା ବେଳେ ୨୦୨୩ରେ ମଧ୍ୟ ସମାନ ପ୍ରକାରର ଅବସ୍ଥା ଲାଗି ରହିବ ବୋଲି ଆଶା କରାଯାଉଛି । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ୨୦୨୨ ଏପ୍ରିଲରେ ବୈଶ୍ୱିକ ଅଭିବୃଦ୍ଧି ହାର ୩.୬ ପ୍ରତିଶତ ରହିବ ବୋଲି ପୂର୍ବରୁ ଭବିଷ୍ୟବାଣୀ କହିଥିଲା, ଯାହାକୁ ୨୦୨୨ ଜୁଲାଇରେ ପୁଣି ନିମ୍ନଗାମୀ କରାଇ ୩.୨ ପ୍ରତିଶତ ହେବ ବୋଲି କହିଥିଲା । ୨୦୨୨ ଅକ୍ଟୋବରରେ ଆଇଏମ୍ଏଫ୍ ୨୦୨୩ ବର୍ଷ ପାଇଁ ଅର୍ଥନୀତିକ ଅଭିବୃଦ୍ଧି ୨ରୁ ୨.୭ ପ୍ରତିଶତ ଭିତରେ ରହିବ ବୋଲି ଭବିଷ୍ୟବାଣୀ କରିଛି । ମୁଦ୍ରାସ୍ଫୀତି ମହାମାରୀ କରୋନାର ପରିଣତି ହୋଇଥିବା ଆଶା କରାଯାଉଥିଲା; ଏଥିପ୍ରତି ନୀତି ନିର୍ମାତାମାନଙ୍କର ପ୍ରତିକ୍ରିୟା ଅର୍ଥ ଯୋଗାଣକୁ ଢିଲା କରାଯିବା ସହିତ ସୁଧହାରରେ ହ୍ରାସ କରାଯିବା ହେବ ବୋଲି ଧରି ନିଆଯାଇଥିଲା । ପରନ୍ତୁ, ମୁଦ୍ରାସ୍ଫୀତିର ହାରକୁ ହ୍ରାସ କରିବା ନିମନ୍ତେ ଉଦ୍ୟମ କରିବାକୁ ଯାଇ ସମଗ୍ର ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଅର୍ଥ ଯୋଗାଣକୁ କଡ଼ାକଡ଼ି କରିବା ସହିତ ସୁଧ ହାରରେ ବୃଦ୍ଧି କଲେ । ୨୦୨୨ରେ ବୈଶ୍ୱିକ ହାରାହାରି ମୁଦ୍ରାସ୍ଫୀତି ହାର ୮.୮ ପ୍ରତିଶତ ରହିବା ବେଳେ ୨୦୨୩ରେ ଏହା ହ୍ରାସ ପାଇ ୬.୫ ପ୍ରତିଶତ ଏବଂ ୨୦୨୪ରେ ୪.୧ ପ୍ରତିଶତ ହେବ ବୋଲି ଆଶା କରାଯାଉଛି । ଅର୍ଥନୈତିକ ସଂକଟରୁ ପୁନରୁଦ୍ଧାରର ଗତି ଦୁର୍ବଳ ରହିବା ତଥା ଉଚ୍ଚ ମୁଦ୍ରାସ୍ଫୀତି ନାମମାତ୍ର ମଜୁରି ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟରେ ଦ୍ରୁତ ବୃଦ୍ଧି ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବାର ପ୍ରକ୍ରିୟାକୁ ଧୀମା କରିବା ଦିଗରେ ପଥ କଢ଼ାଇ ନେଇଛି । ଏଣୁ ପ୍ରକୃତ ରୋଜଗାର, ବିଶେଷକରି କମ୍-ଆୟକାରୀ ବର୍ଗର ପରିବାରମାନଙ୍କ ମଧ୍ୟରେ ସ୍ୱଳ୍ପ ଆୟର ପରିମାଣ ଦ୍ରୁତ ବେଗରେ ନିମ୍ନଗାମୀ ହୋଇଛି । ସମଗ୍ର ବିଶ୍ୱରେ ୨୦୨୨ର ପ୍ରଥମ ଛଅ ମାସ ମଧ୍ୟରେ ପ୍ରକୃତ ମାସିକ ମଜୁରି ହାର ୦.୯ ପ୍ରତିଶତ ହ୍ରାସ ପାଇଥିଲା । ଜି ୨୦ ଦେଶ ସମୂହ, ଯେଉଁମାନଙ୍କ ସଂଖ୍ୟା ବିଶ୍ୱର ମଜୁରି-ଆୟକାରୀମାନଙ୍କ ସଂଖ୍ୟାର ୬୦ ପ୍ରତିଶତ, ୨୦୨୨ରେ ସେମାନଙ୍କ ନିମନ୍ତେ ପ୍ରକୃତ ମଜୁରିରେ ହ୍ରାସ ଘଟିଛି ୨.୨ ପ୍ରତିଶତ । ଏହି ବର୍ଷରେ କେତେକ ଅର୍ଥନୀତିରେ ଶ୍ରମ ବଜାର ଅଧିକ ମଜୁରି ଅସମାନତା ପାଇଁ ପରିଚିହ୍ନିତ ହୋଇଛି । ଅନ୍ୟ ପକ୍ଷରେ, ପ୍ରାୟ ସବୁ ରାଷ୍ଟ୍ର, ବିଶେଷକରି ଭାରତ ଶ୍ରମ ବଜାରର ବିଶାଳ ପରିମାଣରେ ଅଣଆନୁଷ୍ଠାନିକତାକୁ ପରିଲକ୍ଷିତ କରିଛି, ଯାହାର ଅର୍ଥ ହେଉଛି ଚାକିରି ସୁକ୍ଷା ଏବଂ ରୋଜଗାର କ୍ଷେତ୍ରରେ ଅଧିକ ଅନିଶ୍ଚିତତାକୁ ପରିଲକ୍ଷିତ ହେବା । ଏଭଳି ପରିସ୍ଥିତିରେ ନୀତିଗତ ଦୃଷ୍ଟିକୋଣରୁ ଆୟ ସମର୍ଥନକାରୀ ଯୋଜନାଗୁଡ଼ିକୁ ହାରାହାରି ବା ସାମଗ୍ରିକ ଲକ୍ଷ୍ୟଭୁକ୍ତିକରଣରୁ ପରିବ ର୍ତ୍ତନ କରି ନିର୍ଦ୍ଦିଷ୍ଟ ବର୍ଗଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଭଳି ଲକ୍ଷ୍ୟକଗୁ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଯେହେତୁ ଉଚ୍ଚ ହାରର ମୁଦ୍ରାସ୍ଫୀତି ବାସଗୃହ, ଖାଦ୍ୟ ଏବଂ ଗମନାଗମନ ବା ପରିବହନର ମୂଲ୍ୟଗୁଡ଼ିକୁ ବୃଦ୍ଧି କରିଛି, ତେଣୁ ନିମ୍ନ ଆୟକାରୀ ବର୍ଗ ସେମାନଙ୍କର ନାମମାତ୍ର ଆୟଗୁଡ଼ିକ କ୍ଷେତ୍ରରେ ହାରାହାରି ସଂଯୋଜନାରୁ ଅଧିକ ପରିମାଣର ସଂଯୋଜନା ସହିତ ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

## ନବବର୍ଷରେ ପରମପିତାଙ୍କ ଆଶିଷ ବାଣୀ : ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

**ଡା. ମଞ୍ଜୁଶ୍ରୀ ନାୟକ**

ନବ ବର୍ଷରେ ମୋର ଏକାନ୍ତ ପ୍ରାର୍ଥନା - ତୁମ୍ଭେମାନେ ସୁଖ, ସ୍ୱସ୍ତି ଓ ସୁସ୍ଥ ଶରୀରରେ ସୁଦୀର୍ଘ ଜୀବନ ଲାଭ କର । ମୁଁ ଦେଖିବାକୁ ଚାହେଁ - ତୁମ୍ଭେମାନେ ସୁଖରେ ଅଛ, ସୁସ୍ଥ ଓ ସୁଦୀର୍ଘଜୀବୀ ହୋଇ ଈଶ୍ୱରଙ୍କ ପଥରେ ଚାଲିଛ ଅଚ୍ୟୁତ ଆଗ୍ରହ ସହକାରେ । ତୁମ୍ଭେମାନେ ଈଶ୍ୱରଙ୍କୁ ଦ୍ୱୟୀ ଭାବିବାକୁ ଯାଅନାହିଁ, ନିଜର ପ୍ରାଣପରି ଅନ୍ୟର ପ୍ରାଣକୁ ଦେଖ, କାହାକୁ ଅତ୍ୟାଚାର କରନାହିଁ, ଯେଉଁମାନେ ଅତ୍ୟାଚାରିତ ସେମାନଙ୍କୁ ସୁଖୀ ସ୍ୱସ୍ଥ ଓ ସମ୍ବର୍ଦ୍ଧିତ କରିତୋଳ । ଯେଉଁମାନେ ଦୁସ୍ଥ, ବିପନ୍ନ ଓ ନିରାଶ୍ରୟ - ସେମାନଙ୍କ ଭରଷା ଓ ଆଶ୍ରୟ ହୋଇଉଠ, ସେମାନଙ୍କୁ ସ୍ଥାନ ଦେଇ ଜୀବନରେ ସୁପ୍ରତିଷ୍ଠିତ କରିତୋଳ । ଅନ୍ୟର ଅନିଚ୍ଛାରେ ସେମାନଙ୍କ ଠାରୁ କିଛି ନିଅନାହିଁ ବରଂ ପ୍ରତ୍ୟେକଙ୍କୁ ଉଚ୍ଛଳ କରିତୋଳ ଏବଂ ପ୍ରୀତିର ସହିତ ଯଦି କେହି କିଛି ଦିଏ ଏବଂ ତୁମେ ଗ୍ରହଣ ନକରିଲେ କ୍ଷୁର୍ଣ୍ଣ ହୁଏ - ତାହାହେଲେ ତାହା ନିଅ । ବ୍ୟଭିଚାର ଦୁଷ୍ଟ ହୁଅନାହିଁ । ବ୍ୟଭିଚାର ମନୁଷ୍ୟକୁ ଭଗବାନଙ୍କ ଠାରୁ ଦୂରକୁ ନେଇଯାଏ । ନିଜପରି ପରିବେଶକୁ ଭଲପାଅ । ଅନ୍ୟର ସୁସ୍ଥତ୍ୱ ଯେଭଳି ବଜାୟ ରହେ ସେଥିରେ ଟିକିଏ ମାତ୍ର ତ୍ରୁଟି କରନାହିଁ । ତୁମ୍ଭେମାନେ ଈଶ୍ୱର (ଗୁରୁ)ଙ୍କ ପଥରେ ତପଃପ୍ରାଣ ହୋଇରୁହ, ଇଷ୍ଟଙ୍କ ଠାରେ ଅଚ୍ୟୁତ ଓ ସୁନିଷ୍ଠ ହୋଇ । ତୁମ୍ଭମାନଙ୍କର ପ୍ରତିଟି ପଦକ୍ଷେପ ଯେଭଳି ପାରିପାର୍ଶ୍ୱିକ ସହ ତୁମ୍ଭମାନଙ୍କୁ ଇଷ୍ଟଙ୍କ ଦିଗରେ ଆଗେଇ ନେଇଯାଏ - ପ୍ରତି ପ୍ରତ୍ୟେକଙ୍କୁ ଯେଭଳି ସୁଖରେ ସମ୍ବର୍ଦ୍ଧିତ କରିତୋଳେ । ଜୀବନ, ଯଶ ଓ ଜୟରେ ଯେଭଳି ସେମାନେ ଉଦୀୟମାନ ହୋଇଉଠନ୍ତି । ମୋର ନିବେଦନ - ତୁମ୍ଭେମାନେ ସୁଖି, ସମୃଦ୍ଧି ଓ ଅଭ୍ୟୁଦୟୀ ହୁଅ, ସେଥିରେ ମୁଁ ସୁଖି ହେବି ଓ ଭଲରେ ରହିବି । କିନ୍ତୁ ତୁମେମାନେ ଯଦି ବିକେନ୍ଦ୍ରିକ ଚଳନରେ ଚାଲି କଷ୍ଟ ଓ ଦୁଃଖରେ ପଡ଼, ସେଥିରେ ମୁଁ ପ୍ରାଣେ ପ୍ରାଣେ ବ୍ୟଥା ପାଇବି । ପୁନର୍ବାର କହୁଛି - ତୁମେମାନେ ସୁଖରେ ରୁହ, ରୋଗ-ଆପଦ-ବିପଦ ମୁକ୍ତ ଓ ସୁଦୀର୍ଘଜୀବୀ ହୁଅ । ଯଜନ-ଯାଜନ ଓ ଇଷ୍ଟଭୃତି ପ୍ରତ୍ୟେକଙ୍କର ଅବଶ୍ୟ କରଣୀୟ । ତୁମେମାନେ ସକାଳ-ସନ୍ଧ୍ୟାରେ ଆହ୍ନିକ ସାରି ପ୍ରତିଦିନ ଇଷ୍ଟଙ୍କୁ କିଛି ଅର୍ଘ୍ୟ ନିଷ୍ଠୟ ନିବେଦନ କରିବ, ଏହା ମନୁଷ୍ୟ ଜୀବନକୁ ସୁସ୍ଥ, ସଂହତ ଓ ପବିତ୍ର କରିତୋଳେ । 'କୃଷ୍ଟିବାନ୍ଧବ' କଥା ମୁଁ ପୂର୍ବରୁ କହିଛି । କୃଷ୍ଟିବାନ୍ଧବ ମାଧମରେ କୃଷ୍ଟି ତାତ୍ପର୍ଯ୍ୟ ସର୍ବତ୍ର ସଞ୍ଚାରିତ ହୋଇ ତୁମ୍ଭମାନଙ୍କୁ ସୁସ୍ଥ, ସନ୍ଦୀପ୍ତ ଓ ଶକ୍ତିଶାଳୀ କରିତୋଳିବ । ସତ୍-ଦୀକ୍ଷାର ବିଶେଷ ପ୍ରୟୋଜନ ରହିଛି । ଯେତେ ପରିମାଣରେ ଓ ବ୍ୟାପକ ଭାବରେ ଦୀକ୍ଷା ବୃଦ୍ଧି ହେବ ସେତେ ପରିମାଣରେ ସଂହତି ଓ ପରସ୍ପର ସହଯୋଗିତା ବୃଦ୍ଧି ପାଇବ । ଦୀକ୍ଷା ହେଉଛି ସେହି ଭିତ୍ତି ଯାହା ଉପରେ ଦଣ୍ଡାୟମାନ ହୋଇ ନିଜେ ବଞ୍ଚିପାରିବୁ ଓ ଅନ୍ୟକୁ ବଞ୍ଚାଇପାରିବୁ, ନିଜେ ବଢ଼ି ପାରିବୁ ଓ ଅନ୍ୟକୁ ବଢ଼ାଇପାରିବୁ ସବୁ ଦିଗ ଦେଇ । ମୁଁ ଯାହା କହୁଛି ତାହା ସମସ୍ତଙ୍କ ପକ୍ଷରେ ଅବଶ୍ୟ କରଣୀୟ । ତାହାଛଡ଼ା ମାଆ ମାନଙ୍କର ବିଶେଷ କର୍ତ୍ତବ୍ୟ ରହିଛି । ମାତୃଶକ୍ତି ଉପରେ ଏ ସମସ୍ତ ପୃଥିବୀ ଚାଲିଛି । ସେମାନେ ଯଦି ସନ୍ତାନ-ସନ୍ତତି ଓ ପରିବାରର ସକଳଙ୍କୁ ସୁସ୍ଥ, ସୁଦୀପ୍ତ, ସମ୍ବର୍ଦ୍ଧନ ମୁଖର ଓ ସୁଶିକ୍ଷିତ କରିତୋଳନ୍ତି ତାହାହେଲେ ସମାଜ ଉତ୍ତରୋତ୍ତର ଉନ୍ନତି ଆଡ଼କୁ ଆଗେଇଯିବ । ଲୋକସେବା ନିମିତ୍ତ 'ସ୍ୱସ୍ତିବାହିନୀ'ର ମଧ୍ୟ ଆବଶ୍ୟକତା ରହିଛି । ଯେଉଁମାନେ ଆତ୍ମସୁଖ ଛାଡ଼ି ମନୁଷ୍ୟର ମଙ୍ଗଳ ନିମିତ୍ତ ଆତ୍ମନିୟୋଗ କରିବେ ସେମାନଙ୍କର କର୍ତ୍ତବ୍ୟ ହେବ - ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ନିରାପତ୍ତାର ରକ୍ଷାକର୍ତ୍ତା ହେବେ । ଏମାନଙ୍କର ସେବା ଉପରେ ଜନଗଣଙ୍କ ସୁଖ, ସ୍ୱସ୍ତି ଓ ସର୍ବତୋମୁଖି ଋଦ୍ଧି ନିର୍ଭର କରେ । ମୋର ଏହି ନିବେଦନ ତୁମ୍ଭମାନଙ୍କ ପାଖରେ - ପରମପିତାଙ୍କ ଶ୍ରୀଚରଣରେ ଆତ୍ମନିବେଦନ କରି ତାଙ୍କ ପଥରେ ସମସ୍ତେ ଆଗେଇଚାଲ - ତାଙ୍କଠାରେ ପ୍ରଣତ ହୋଇ, ତାଙ୍କର ଜୟଗାନ ଗାଇ, ଆନନ୍ଦପାଇ ଓ ଆନନ୍ଦ ବିତରଣ କରି, ଧନ୍ୟହୋଇ ଓ ସମାଜକୁ ଧନ୍ୟ କରି ଉଠ - ଏଥିରେ ତିଳେମାତ୍ର ତ୍ରୁଟି କରନାହିଁ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ନିଦାନ ବିଭାଗ,
ପିଆରଏମ୍ ମେଡ଼ିକାଲ କଲେଜ,
ବାରିପଦା, ଦୂରଭାଷ : ୯୪୩୮୩୬୯୫୪୯

## ସଂକଳ୍ପର ଭାଷା



**ଶେଖ ଫରିଦ୍ଉଦ୍ଦିନ**

୨୦୨୨ ବର୍ଷ ଆରମ୍ଭରୁ ଆମ ଦେଶ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ପାଳନ କରିଥିଲା । ପୂର୍ବ ବର୍ଷ ଅଗଷ୍ଟ ୧୫ରୁ ହିଁ ଭାରତ ଅମୃତ କାଳରେ ପ୍ରବେଶ କରିସାରିଥିବା ନେଇ କେନ୍ଦ୍ର ସରକାର ଘୋଷଣା କରିଥିଲେ । ତେବେ ଜି-୨୦ ସମ୍ମିଳନୀରେ ଭାରତକୁ ଅଧ୍ୟକ୍ଷତା ସହ ବର୍ଷ ଶେଷ ହୋଇଥିଲା । ୨୦୨୩ରେ ଭାରତରେ ଜି-୨୦ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଇଣ୍ଡୋନେସିଆ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାକାର ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ଠାରୁ ସଭାପତିତ୍ୱ ଗ୍ରହଣ କରିଥିଲେ । ଦେଶର ପ୍ରଥମ ନାଗରିକ ପଦରେ ଜଣେ ଓଡ଼ିଆ ଆଦିବାସୀ ମହିଳାଙ୍କୁ ଅବସ୍ଥାପିତ କରିବାରେ ସମଗ୍ର ଦେଶ ନିଜକୁ ଗୌରାନ୍ୱିତ ମନେ କରିଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଆସନରେ ଅଳଙ୍କୃତ ହୋଇଥିଲେ । ବିଦାୟୀ ବର୍ଷ ସ୍ୱାଧୀନତା ଦିବସରେ ଦେଶର ଘରେ ଘରେ ଲୋକେ ନିର୍ଦ୍ୱନ୍ଦ୍ୱରେ ତ୍ରିରଙ୍ଗା ପତାକା ଉଡାଇ ଇତିହାସ ରଚିଥିଲେ । ଘରୋଇ କ୍ଷେତ୍ରରେ ମହାକାଶ ବିଜ୍ଞାନରେ ଉଲ୍ଲେଖନୀୟ ସଫଳତା ସହ ଦେଶ ସ୍ୱତନ୍ତ୍ର ଛାପ ଛାଡ଼ିଥିଲା । ଗୋଟିଏ ବର୍ଷରେ ଦେଶ ୩ଜଣ ପ୍ରଧାନ ବିଚାରପତିଙ୍କୁ ଦେଖିବାର ସୌଭାଗ୍ୟ ଲାଭ କରିଥିଲା । ଜେନେରାଲ ଅନୀଲ ଚୌହାନଙ୍କୁ ଦେଶ ଦ୍ୱିତୀୟ ସିଡିଏସ ଭାବେ ଉପସ୍ଥାପିତ କରିଥିଲା । ବର୍ଷସାରା ଚୀନ ସହ ବିବାଦ ଲାଗି ରହିଥିଲା । ହିଜାବ, ଘୃଣ୍ୟ ଭାଷଣ, ରାଜ୍ୟ ରାଜ୍ୟପାଳ ଏବଂ ରାଜ୍ୟ-କେନ୍ଦ୍ର ମଧ୍ୟରେ ମତଭେଦ ମଧ୍ୟ ବର୍ଷଟିକୁ ବିବାଦୀୟ କରି ରଖିଥିଲା । ସର୍ବବୃହତ୍ତ ଶିବମୂର୍ତ୍ତି, ବିକ୍ରମଏସର ଉତକ୍ଷେପଣ ଭଳି ଉଲ୍ଲେଖନୀୟ କୀର୍ତ୍ତି ୨୦୨୨କୁ ଲୋକଙ୍କ ମାନସପଟ୍ଟରେ ସ୍ମରଣୀୟ କରି ରଖିବ ।

ଗୋଟିଏ ବର୍ଷରେ ୩ ପ୍ରଧାନ ବିଚାରପତି : ଗୋଟିଏ ବର୍ଷରେ ଦେଶର ସୁପ୍ରିମକୋର୍ଟରେ ୩ଜଣ ପ୍ରଧାନ ବିଚାରପତିଙ୍କୁ ଦେଖିବାକୁ ମିଳିଲା । ୨୦୨୧ ଏପ୍ରିଲ ମାସରୁ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଥିବା ଜଷ୍ଟିସ ଏନଭି ରମନ୍ନା ବିଦାୟୀ ବର୍ଷ ଅଗଷ୍ଟ ମାସରେ ଅବସର ଗ୍ରହଣ କରିଥିଲେ । ସେହି ମାସରେ ଜଷ୍ଟିସ ଉଦୟ ଉମେଶ ଲଳିତ ତାଙ୍କ ସ୍ଥାନ ଗ୍ରହଣ କରିଥିଲେ । କିନ୍ତୁ ତିନି ମାସ ପରେ ଅର୍ଥାତ ନଭେମ୍ବରରେ ସେ ଅବସର ଗ୍ରହଣ କରିବାରୁ ପୁଣିଥରେ ଏହି ପଦ ଖାଲି ପଡ଼ିଥିଲା ଏବଂ ଆଉ ଜଣେ ପ୍ରଧାନ ବିଚାରପତି ନିଯୁକ୍ତିର ଆବଶ୍ୟକତା ପଡ଼ିଥିଲା । ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ ତାଙ୍କ ଉତ୍ତରାଧିକାରୀ ଭାବେ ଶପଥ ନେଇଥିଲେ ।

ରାହୁଲ-ସୋନିଆଙ୍କୁ ଇଡି ଜେରା : ସ୍ୱାଧୀନତାର ୭୫ ବର୍ଷ ପରେ ବିଦାୟୀ ବର୍ଷରେ ପ୍ରଥମଥର ଲାଗି କଂଗ୍ରେସର ସର୍ବୋଚ୍ଚ ତଥା କ୍ଷମତାଶାଳୀ ନେତାମାନଙ୍କୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ତଦନ୍ତ ପରିସରଭୁକ୍ତ କରିଥିଲା ।

ରାୱତଙ୍କୁ ରାଷ୍ଟ୍ରୀୟ ସମ୍ମାନ : ବିଦାୟୀ ବର୍ଷରେ ବିଭିନ୍ନ ବର୍ଗରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ବିମାନ ଦୁର୍ଘଟଣାରେ ଶହୀଦ ହୋଇଥିବା ଦେଶର ପ୍ରଥମ ସିଡିଏସ ଜେନେରାଲ ବିପିନ ରାୱତ ଓ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂହଙ୍କୁ ବିଦାୟୀ ବର୍ଷରେ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇଥିଲା । ଉଭୟଙ୍କୁ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ସେମାନଙ୍କ ବ୍ୟତୀତ ପ୍ରଭା ଆତ୍ରେ, ରାଧେଶ୍ୟାମ ଖେମକାଙ୍କୁ ମଧ୍ୟ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଥିଲା । ଏହାଛଡ଼ା ଗୁଲାମନବୀ ଆଜାଦ, ସୁନ୍ଦର ପିଚାଇ, ସତ୍ୟ ନାଡେଲା, ସାଇରସ ପୁନାୱାଲା, ସଞ୍ଜୟ ରାଜାରାମ, ସ୍ୱାମୀ ସଚ୍ଚିଦାନନ୍ଦ, ନଟରାଜନ ଚନ୍ଦ୍ରଶେଖରନ, କ୍ରିଷ୍ଣା ଏଲ୍ଲା ଓ ସୁଚିତ୍ରା ଏଲ୍ଲା, ରସିଦ ଖାନ, ବଶିଷ୍ଠ ତ୍ରିପାଠୀଙ୍କୁ ପଦ୍ମ ଭୂଷଣ ଏବଂ ନଜମା ଅଖତର, ଜେକେ ବଜାଜ, ଜଗଜିତ ସିଂହ ଦରଦି, ଯୋଗଗୁରୁ ଶିବାନନ୍ଦ ଓ ସୋନୁ ନିଗମଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଥିଲା । ବିଭିନ୍ନ ବର୍ଗରେ ଖ୍ୟାତ ଅର୍ଜନ କରିଥିବା ଏହି ବ୍ୟକ୍ତିବିଶେଷମାନେ ୨୦୨୨ର ଚର୍ଚ୍ଚିତ ଚେହେରା ଥିଲେ ।

ନେତାଜୀ ନାହାନ୍ତି : ନେତାଜୀ ଭାବେ ପରିଚିତ ପୂର୍ବତନ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ପରଲୋକ ଘଟିଥିଲା ।

ରାଇରଙ୍ଗପୁରରୁ ରାଇସିନା ହିଲ : ପ୍ରଥମ ଥର ଲାଗି ଜଣେ ଆଦିବାସୀ ମହିଳା ନେତ୍ରୀଙ୍କୁ ଚଳିତ ବର୍ଷ ଦେଶର ପ୍ରଥମ ନାଗରିକତ୍ୱ ପ୍ରଦାନ କରାଯାଇଥିଲା । ଜୁଲାଇ ମାସରେ ରାଷ୍ଟ୍ରପତି ନିର୍ବାଚନ ହୋଇଥିଲା ଏବଂ ଓଡ଼ିଶାର ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ସାରା ଦେଶ ଗୌରବାନ୍ୱିତ ହୋଇଥିଲା । ଏଥିରେ ଓଡ଼ିଶା ମଧ୍ୟ ସାମିଲ ହୋଇଥିଲା । ରାଇରଙ୍ଗପୁର ଭଳି ଆଦିବାସୀ ଅଞ୍ଚଳରୁ ଯାଇ ସେ ରାଇସିନା ହିଲସ୍ଥିତ ରାଷ୍ଟ୍ରପତି ଭବନରେ ପହଞ୍ଚିଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ପ୍ରଧାନମନ୍ତ୍ରୀ ମୋଦି ଦେଶ ଆଗରେ ଏକ ଦୃଷ୍ଟାନ୍ତ ରଖିଲେ



**ସୁବ୍ରତ କର**

ପ୍ରଧାନମନ୍ତ୍ରୀଙ୍କ ମାତୃବିୟୋଗ ୩୦ ତାରିଖ ରାତିରେ ଅହମଦାବାଦଠାରେ ଚିକିତ୍ସାଧିନ ଭାବରେ ହୋଇଥିଲା । ସେ ୧୦୦ ବର୍ଷରେ ପଦାର୍ପଣ କରିଥିଲେ । ପ୍ରଥମ କଥା ହେଲା ଆଜିକାଲି ୧୦୦ବର୍ଷ ବଂଚିବା ସ୍ୱାସ୍ଥ୍ୟ ଭାବରେ ଏକ କାଠିକର ପାଠ ଥିଲା । ତଥାପି ସେ ମରିବା ପୂର୍ବ ପର୍ଯ୍ୟନ୍ତ ବେଶ୍ ସ୍ୱାସ୍ଥ୍ୟ ଥିଲେ । କିଛି କଥା ଥିଲା ମୋଦିଜୀ ତାଙ୍କର ମାଆଙ୍କର ଅତି ପ୍ରିୟ ଥିଲେ । ସେ ପ୍ରାୟ ତାଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ମଧ୍ୟ ମାଆଙ୍କୁ ମଝିରେ ମଝିରେ ବା ବିଶେଷ ଦରକାର ପଡ଼ିଲେ ଦେଖାକରି ତାଙ୍କର ଆଶୀର୍ବାଦ ଭିକ୍ଷା କରୁଥିଲେ । ତାଙ୍କରି ବିଶେଷ ଆଶୀର୍ବାଦ ଥିବାରୁ ସେ ଆଜି ଦେଶର ପ୍ରଧାନମନ୍ତ୍ରୀ ଅଛନ୍ତି ଏବଂ ସେ ପୃଥିବୀର ଅଦ୍ୱିତୀୟ ଏବଂ ଏକନମ୍ବର ଜନପ୍ରିୟ ନେତା ହୋଇପାରିଛନ୍ତି । ତାହା ବିକାଳୀରୁ ପ୍ରଧାନମନ୍ତ୍ରୀ ଏକ ଆଶ୍ଚର୍ଯ୍ୟ ଘଟଣା ନିଶ୍ଚୟ ଏବଂ ସବୁଠୁ ବଡ଼ କଥା ହେଲା ସେ ଜଣେ ଦକ୍ଷ ରାଜନୈତିକ ନେତା ଭାବରେ ଦେଶ ଆଗରେ ଉଭା ହୋଇପାରିଛନ୍ତି । ମତେ ସବୁଠୁ ଭଲ ଲାଗିଛି ପ୍ରଧାନମନ୍ତ୍ରୀ ନିଜର ମାଆଙ୍କର ମୃତ ଦେହକୁ କାନ୍ଧେଇ ଘର ପାଖରୁ ଶ୍ମଶାନ ପର୍ଯ୍ୟନ୍ତ ନେବା ଏବଂ ମୁଖାଗ୍ନି କାର୍ଯ୍ୟ ଶେଷ କରି ବେଶ୍ କିଛି ସମୟ ରହିବା ମାଆଙ୍କ ପ୍ରତି ସମ୍ମାନ ବା ସେମିତି ଆକର୍ଷଣ ନ ରହିଲେ ଏମିତି କରିବା ସମ୍ଭବପର ହୁଅନ୍ତାନାହିଁ । ଆହୁରି ବଡ଼ କଥା ହେଲା ଦୁଇବର୍ଷ ପରେ ସେ କଲିକତାଠାରେ ତାଙ୍କର ରାଜକର୍ମରେ ଯୋଗ ଦେଇଥିଲେ । ଏହା ପ୍ରମାଣ କରିଦେଲା ମାଆଙ୍କ ପରେ ଦେଶ ଏବଂ ବିଦେଶର ଜନତା । ଯେଉଁ ଲୋକଙ୍କ ସହିତ ପ୍ରାୟ ୨୦ ବର୍ଷ କଟାଇଥିଲେ ତାଙ୍କ ବିଷୟରେ ଥିବା ସବୁ କଥାକୁ ମନ ଭିତରେ ଚାପି ରଖି ନିଜକୁ ଦେଶବାସୀଙ୍କ ପାଇଁ ସମର୍ପଣ କରିଥିଲେ । ଏହା ସମ୍ଭବ ମାଆଙ୍କର ଆଶୀର୍ବାଦ ପାଇଁ । ଯାହା ସହିତ ମାଆଙ୍କର ଆଶୀର୍ବାଦ ଥାଏ ତାଙ୍କର ସହିତ ଜଗନ୍ନାଥଙ୍କର ମଧ୍ୟ ଆଶୀର୍ବାଦ ଥାଏ । ମାଆଙ୍କର ସେବା ସେବାଠୁ ବଡ଼ ସେବା । ଯେଉଁମାନେ ମାତୃହରା ତାଙ୍କର ଦୁଃଖ ନକହିଲେ ଭଲ । ନିଜକୁ କିଛି ଭଲ ଫଳ ବା ଖରାପ ଫଳ ମିଳିଲେ ଆଗେ ମାଆଙ୍କ ପାଖରେ ବଖାଣିବାକୁ ଇଚ୍ଛା ହୁଏ । ପୁଅର ସୁଖ ଦୁଃଖ ସବୁଥିରେ ସାଥୀ ହୋଇ ରହନ୍ତି ମାଆ । ଧନ, ଦୌଲତ ଥାଇପାରେ କିନ୍ତୁ ମାଆ ଯଦି ନାହିଁ ତେବେ କିଛି ନାହିଁ । ବଂଚିଥିବା ଯାଏ ମାଆଙ୍କର ପ୍ରତି କାର୍ଯ୍ୟକଳାପ ବାରମ୍ବାର ମନକୁ ଆସିଥାଏ । ସାରା ଜୀବନ ମାଆ ସାଥେ ଭଲରେ ମନ୍ଦରେ ସବୁଥିରେ ଆମ ସହିତ ରହନ୍ତି । ମୋର ଅନୁରୋଧ ଆପଣ ସବୁକିଛି କରନ୍ତୁ କିନ୍ତୁ ମାଆଙ୍କୁ କେବେ ଅଯତ୍ନ କରିବେ ନାହିଁ ।




### ଖରାପ ସମୟ

**କୁନା ସେଠୀ**

ସମୟ,
ସମସ୍ତଙ୍କ ପାଇଁ ସେ ସମୟ
ଖା ି ସମୟ,
ଗୋଟାକ ଯାକ ସମୟ,
ଅସ୍ଥିର, ଅବାକ,ନିରବ,ନିଶ୍ଚଳ
ହେଲେ ସବୁ ଜାଣେ ସବୁ ଶୁଣେ
କିନ୍ତୁ ,
ପ୍ରତିକ୍ରିୟା ହୀନ
ବୋଧେ ଲୋକ କଥା ଅନୁସାରେ
ସେ କମ କହେ ଅନେକ କିଛି କରେ ।
ସେ ଆସେ,କାହାକୁ କିଛି କହେନି
ଚୁପଚାପ ,ଗୁମସୁମ
ଅଳ୍ପ କାଳ ଅଳ୍ପ ବଳ
କିନ୍ତୁ କାମ ଅନେକ
ସେହି କାଳ ମଧ୍ୟରେ
ଲୁହର ବନ୍ୟା !
ରକ୍ତ ର ଛିଟା !
ଅମଙ୍ଗଳ !
ଅଶାନ୍ତ !
ଧ୍ୱଂସ, ବିଧ୍ୱଂସ, ମୃତ୍ୟୁ
ଶତ୍ରୁ, ବାତ୍ୟା, ବନ୍ୟା, ଭୂମିକମ୍ପ,
ଅନେକ କିଛି କରିଯାଏ
ରାଜାକୁ ଭିକାରୀ
ଭିକାରୀକୁ ରାଜା
ସରଳ କୁ ହିଂସ୍ର
ହିଂସ୍ରକୁ ଆହୁରି ହିଂସ୍ର
ମାନୀ କୁ ଦୁର୍ନାମୀ
ପଣ୍ଡିତ କୁ ମୂର୍ଖ
ପାରିବାରିକ କୁ
ନିସଙ୍ଗ
ସବୁ କିଛି ରଚିଯାଏ
କାରଣ ଏହି ସମୟଟା
ଜମା ଭଲ ନୁହେଁ
ଏଇ ପରା ଖରାପ ସମୟ !
ସାବଧାନ, ସାବଧାନ
ଗୋଡ଼ ଖସିଯିବା
ତଳେ ପଡିଯିବା
ନିଶ୍ୱାସ ଅଟକିଯିବା
ପୁତ୍ରହରା, ରାଜ୍ୟହରା, ସମ୍ମାନ
ହରା, ସମ୍ପତ୍ତିହରା, ବାନ୍ଧବୀ
ହରା,ବିବେକ ହରା କରିଦେଇ
ଅନେକ କିଛି ଲୁଟିନେବ
କାରଣ
ଏଇ ସମୟ ନୁହେଁ
ଖରାପ ସମୟ !!

♥ ଭୁତସରସିଙ୍ଗି,
ପୁରୁଷୋ ମପୁର, ଗଞ୍ଜାମ

### ବୋଧେ ଶେଷ ଦେଖା

**ବିବୁଲ ମହାକୁର**

ବିଜୁଳିର ଅଚାନକ ଚମକରେ
ଗଢ଼ି ଉଠିଥିବା ଏ ସମ୍ପର୍କର,
ଆରମ୍ଭ ତ ସେଦିନ ବି ନଥିଲା
କିନ୍ତୁ ବୋଧେ ଆଜି ଶେଷ ହେଲା ।
ସମ୍ପର୍କର ମ ରେ ଭିନ୍ନ ଅଭିନୟ
କରିବା ମଧ୍ୟରେ,
କେତେ ରୂପ ଦେଖେଇ ହେଲା
ତ ପୁଣି କେତେ ଅଣଦେଖା
ରହିଗଲା ।
ନିଜକୁ ଖୋଜିବା ଭିତରେ
ନିଜତ୍ୱ ମିଳିଗଲା,
ନିଜତ୍ୱ କୁ ବୁଝିବା ପୂର୍ବରୁ
ନିଜ ମଧ୍ୟରେ ପୁଣି ହଜିଗଲା ।
ତତେ ଦେଖିବା ମଧ୍ୟରେ
ସୂର୍ଯ୍ୟାଲୋକ ରେ ହଜିଯାଏ,
ତୋ ସହ କଥା ହେବାରେ
ତୋ ଶବ୍ଦରେ ଛନ୍ଦି ଯାଏ ।
ଆରମ୍ଭରେ ଯଉଠି ଥିଲି
ଆଜି କିନ୍ତୁ ସେଠି ନାହିଁ,
ଦି ପାଦ ଆଗକୁ ଆଗେଇ
ଦଶ ପାଦ ପଛକୁ ଘୁ ିଗଲି ।
ଦୋଷ ତୋର କି ମୋର ନୁହେଁ
ମାତ୍ର ଦୋଷୀ ମୁଁ,
ସମ୍ପର୍କର ଏ ବନ୍ଧନ
ମୁଁ ସିନା ଗଢ଼ିଥିଲି ।
ଜୀବନର ଅନ୍ଧକାର ମଧ୍ୟରେ
ଆଖି ତ ନୀରବ,
ମାତ୍ର ହୃଦୟ ପ୍ରକମ୍ପିତ
ପ୍ରାକୃତିକ ଦୁର୍ବିପାକ ମଧ୍ୟରେ ।
ହୁଏତ ଏ ସମ୍ପର୍କ
ଭି ିହୀନ,
ଏ ଅପୂର୍ବ ମିଳନ ବୋଧେ
ସମ୍ପର୍କର ଶେଷ ଦିନ ।
ଅଜାଣତରେ ସମ୍ପର୍କର କଠଉ
ନୀରାଶ୍ରିତ ଅଯୋଧ୍ୟା ରେ ଛାଡ଼ିଦେଲୁ,
ଜୀବନର ଗୋଟେ ସତ ଶିଖେଇ
ମହଯାତ୍ରା ରେ ହଜିଗଲୁ ।
ଶେଷ ଦେଖା ଆଉ ଶେଷ ମାର୍ଗ
ବୋଧେ ଅମାବାସ୍ୟା ଓ ଚନ୍ଦ୍ରମା ପରି,
ସମ୍ପର୍କ ସତ ମାତ୍ର ଅସ୍ତିତ୍ୱ ମିଛ ।
ତୋ ସହ ସମ୍ପର୍କ କଣ
ମତେ ତ ସେଦିନ ବି ଜଣା ନଥିଲା,
ସମ୍ପର୍କର ପରିଭାଷା ଏଥର
ଦି ବୁନ୍ଦା ଲୁହ କହିଗଲା ।

♥ ଗ୍ରାମ/ ପୋଷ୍ଟ - ବୁର୍ଢ଼ା
ଥାନା - ଲୋଇସିଂହା, ବଲାଙ୍ଗୀର
ମୋ : ୮୨୪୯୭୦୨୨୫୨

### କିଛି ସ୍ୱପ୍ନ-କିଛି ବାସ୍ତବତା

**ଦିପ୍ତିମୟୀ ପଣ୍ଡା**

କାଲି ଯେ ବ ର୍ତ୍ତମାନ ଥିଲା
ଆଜି ଅତୀତ ହେଇଗଲା
ଅବିଚ୍ଛିନ୍ନ ସମୟଚକ ରେ
ଜୀବନ ର ପରିଭାଷା
ବଦଳେଇ ଦେଲା ।

ଭାଗ୍ୟ ଭବିଷ୍ୟ ହିସାବୀ
ହସ୍ତରେଖା ରେ
କିଛି ନୂଆଗାର ଟାଣି,
ଆଉ କିଛିକୁ
ସମୂଳେ ପୋଛିଦେଲା ।

କିଛି ସ୍ୱପ୍ନକୁ ଭାଙ୍ଗିଦେଇ
ନୂଆ ଅଟ୍ଟାଳିକା ତୋଳିଦେଲା
କିଛି ସମ୍ପର୍କ କୁ ଅଧା ରେ ରଖି
ନୂଆ ଭାବରେ ବାନ୍ଧିଦେଲା ।

ରଜନିଗନ୍ଧା ର ବାସ ଓ
ଗୋଲାପପାଖୁଡା ରେ
ସଜାଡିଥିବା ବାଟ
ଶୁଖିଲା ପତ୍ର ହୋଇ
ଭସ୍ମୀଭୂତ ହୋଇଗଲା ।

ସେଇ ଭସ୍ମୀଭୂତ ପଥେ
ନୂତନତା ର ତୁଣୀର ଶୁଣେଇଲା ।
ଅସୀମ ହସ ଉଲ୍ଲାସରେ କେବେ
ଆଖି ଦୁଇ ଜାକି ହେଇଗଲା
ପୁଣି କେବେ ବିଷାଦଘେରରେ
ସେଇଠୁ ରୁଧିର ବନ୍ୟା ବହିଗଲା ।

ଜୀବନ ଗଣିତର ସବୁ ହିସାବ
ଏଇଠି ଭୁଲ ହେଇଗଲା
ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ
ତଫାତ ବାରି ହେଇଗଲା ।

♥ ଦେଓଗାଁ, ବରଗଡ଼

### ପ୍ରେମର ଦୂରତା

**ସ୍ୱାଗତ ମିଶ୍ର**

ରାତିକ ଭିତରେ ବଦଳି ଯାଉଛି
ସ୍ମୃତି ଚିହ୍ନ ସଂପର୍କର,
ରାତି ପାହିଲେ ଲେଖା ହୋଇଯାଏ
ନାମ ଏକ ନୂଆ ବରଷର ।

ଗୋଟେ କ୍ୟାଲେଣ୍ଡର ହୁଏ ଅଲୋଡ଼ା
ଡିସେମ୍ବର ଶେଷ ରାତିରେ,
ଯୋଡ଼ି ହୋଇଯାଏ ଭିନ୍ନ ଏକ ବର୍ଷ
ଜାନୁଆରୀ ପ୍ରଥମ ପୃଷ୍ଠାରେ ।

ଡିସେମ୍ବରକୁ ଜାନୁଆରୀ ସିନା
ମିଳିଯାଏ ହାତ ପାହାନ୍ତାରେ,
ହେଲେ ତତେ ମୁଁ ପାଇବା ପାଇଁ
ଗୋଟିଏ ବରଷ ଅପେକ୍ଷା କରେ ।

ତୁ ଡିସେମ୍ବରର ଶେଷରାତି
ମୁଁ ପହିଲି ସକାଳ ଜାନୁଆରୀର,
ଏତେ ପାଖାପାଖି ଆମେ ଦୁହେଁ
ତଥାପି ଦୂରତା ଗୋଟିଏ ବର୍ଷର ।

ଦୂରତା ଭିତରେ ନିବିଡ଼ ସଂପର୍କ
ମିଳନ ତ କିଛି କ୍ଷଣର,
ମିଳନ ବିଦାୟ ଲାଗି ରହିଥାଏ
ନିୟମ ପରା ଏ ସଂସାରର ।

♥ ପଦ୍ମାଦେଇପୁର
ନୟାଗଡ଼

# କାଠଯୋଡ଼ି



ବିଷ୍ଣୁ ପ୍ରସାଦ ଦାସ



ଷାଠିଏ ଦଶକର କଥା, ହେତୁ ପାଇବାପରେ ମସ୍ତିଷ୍କ ଭିତରେ ସାଇତି ରଖିଥିବା କିଛି ସ୍ମୃତି ଆଉ ଅନୁଭୂତିକୁ ନେଇ ଲେଖୁଛି ... ବାପାଙ୍କ ସହିତ କାଠଯୋଡ଼ି ନଦୀ ଦେଖିବାକୁ ଯାଇଥିଲି, ମୋର ବୟସ ସେତେବେଳେ ଛଅ କି ସାତ ହୋଇଥିବ, ଏତେ ବଡ଼ ନଦୀ ? ଆଖି ପାଉନ'ଥିଲା, ବନ୍ଧରୁ ସୀଢୀ ଦେଇ ତଳକୁ ଓହ୍ଲାଇ ଚାଲି ଚାଲି ବାଲୁକାର ସ୍ୱର୍ଶ ଅନୁଭବ କରିଥିଲି । ଛୋଟ ପାଦ ମୋର ବାଲୁକା ଭିତରେ ପୋତି ହୋଇ ଏକ ଶିହରଣ ଖେଳାଇ ଦେଉଥିଲା, ଓଃ ! କି ଆନନ୍ଦ କହିଲେ ନ'ସରେ, ଅନେକ ସମୟ ଖେଳିଥିଲି, ପଶ୍ଚିମ ଦିଗରେ ସୂର୍ଯ୍ୟାସ୍ତ ସମୟ ଶୀତଦିନ ତେଣୁ ଶୀଘ୍ର ସନ୍ଧ୍ୟା ହୋଇ ଯାଏ ଅଗତ୍ୟା ଇଛା ବିରୁଦ୍ଧରେ ବାପାଙ୍କ ସହିତ ଘରକୁ ଫେରିଆସିଥିଲି । ଜାଣେନା କାହିଁକି କାଠଯୋଡ଼ି ନଦୀ ମୋ' ହୃଦୟଭିତରେ ଏକ ଛାପ ରଖିଦେଲା ? ମୁଁ ଆଜିବି କାଠଯୋଡ଼ି ନଦୀକୁ ଭୁଲି ପାରୁନାହିଁ, ହୁଏତ ମୁଁ କାଠଯୋଡ଼ି ନଦୀର ପ୍ରେମରେ ପଡିଯାଇଛି । ଅନେକଥର ଜିଦ କରି ବାପାଙ୍କ ସହିତ କାଠଯୋଡ଼ି କୂଳକୁ ଯାଏ , ବାଲିରେ ଖେଳେ , ଅଳ୍ପ ପାଣିରେ ପହଁରୁଥିବା ଛୋଟ ମାଛ ମାନଙ୍କୁ ଧରିବାର ବୃଥା ଚେଷ୍ଟା କରେ, ମାଛ ତ' ଧରି ପାରେନାହିଁ କିନ୍ତୁ ମନ ଭିତରେ ଇଛା ଶକ୍ତି ବଢିଚାଲିଥାଏ ଓ ସମୟ ଗଡିଚାଲେ ଧୀରେ ଧୀରେ ବଡ଼ ହୁଏ ଏବଂ ନଦୀର ଆକର୍ଷଣ ମୋତେ ସଦା ସର୍ବଦା ନଦୀ ଆଡକୁ ଟାଣିନିଏ ।

ଆମଘରଠାରୁ କାଠଯୋଡ଼ି ନଦୀ ଘାଟ ପ୍ରାୟ ଏକ କିଲୋମିଟରରୁ କିଛି କମ ହେବ, ସେତେବେଳେ ଏତେଟା ଜନ ସମାଗମ ନ'ଥିଲା, ବର୍ତ୍ତମାନର ଝାଞ୍ଜିରୀ ମଙ୍ଗଳଓ ଗଡା ସେହି ସମୟରେ 'ଛତ୍ର ଗଡା' ନାମରେ ପରିଚିତ ଥିଲା । ଇତିହାସ ତ'ଠିକ ଭାବେ ଜାଣେନା ତେବେ ସେହି ସମୟର ବୟସ୍କ ବ୍ୟକ୍ତିଙ୍କ କହିବା ଅନୁସାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ସେହି ସ୍ଥାନରେ 'ଛତ୍ର' ଦିଆ ହେଉଥିଲା , ସହରର ସୀମା କହିଲେ କାଠଯୋଡ଼ି ବନ୍ଧ ଓ ଛତ୍ରଗଡା ଠାରେ ଗୋଟିଏ ବିରାଟ ଆମ୍ବ ଗଛ ଥିଲା, ସନ୍ଧ୍ୟା ହେଲେ ସେହି ରାସ୍ତା ଶୂନଶାନ ହୋଇଯାଏ, ବର୍ତ୍ତମାନର ବିକାଶ ନଗର, ମ୍ୟୁନିସିପାଲିଟି ନର୍ସରୀଠାରୁ ଆରମ୍ଭ କରି ଅମ୍ବିକା ମନ୍ଦିର ପର୍ଯ୍ୟନ୍ତ 'ଖତଗଦା' ନାମରେ ପରିଚିତ ଥିଲା ସହରର ସବୁ ଆବର୍ଜନା ତଥା ଉଠା ପାଇଖାନାର ମଳ ଟ୍ରାକ୍ଟର ଯୋଗେ ଆସି ବିରାଟ ବିରାଟ ଗର୍ତ୍ତ କରି ପୋତି ଦିଆ ଯାଉଥିଲା କାଳକ୍ରମେ ତାହା କମ୍ପୋଷ୍ଟ ହୋଇ କାର୍ଯ୍ୟରେ ଲାଗୁଥିଲା ଓ ଖତଗଦା ସନ୍ନିକଟ ଚାରିପାଖରେ ସୁଉଚ୍ଚ ପ୍ରାଚୀର ଘେରା ମହନା / ମାରୱାଡି ବଗିଚା ଆଜି ମଧ୍ୟ ଅଛି, ସେହି ସମୟରେ ଅନେକ ଫଳ ଗଛରେ ପରିପୂର୍ଣ୍ଣ ବଗିଚା ଭିତରେ ପ୍ରବେଶ କରି ଆମେ ଜାମୁରୋଳ , ପିଜୁଳି, ଜାମୁ କୋଳି, ଆମ୍ବ ଆହୁରି ଅନେକ କିଛି ଫଳ ତୋଳି ଖାଇଛୁ, ବଗିଚା ମଧ୍ୟରେ ଏକ ଶିବ ମନ୍ଦିର ଏବେବି ଅଛି । ମାରୱାଡି ବଗିଚା ପଛପଟ ଅମରୀ ଏବଂ ଅନ୍ୟାନ୍ୟ ଗଛରେ ପରିପୂର୍ଣ୍ଣ ଜଙ୍ଗଲ ଖୁବ ଭୟ ସୃଷ୍ଟି କରେ କାରଣ ତାହା ମଧ୍ୟରେ ସେତେବେଳେ କିଛି ଅସାମାଜିକ କାର୍ଯ୍ୟ ଚାଲୁଥିଲା ତାହା ସହିତ ବିରାଟକାୟ ମଶାଣି କୁକୁର ମାନଙ୍କ ଆବାସ ସ୍ଥଳୀ ଥିଲା, ତାହା ପାଖକୁ ଲାଗି ଖାନ ନଗର ଗ୍ରାମକୁ ଯିବାପାଇଁ ରାସ୍ତା, କାଳୀ ମା'ଙ୍କ ମନ୍ଦିର, ସବୁଠାରୁ ଭୟଙ୍କର ସ୍ଥାନ ଖାନନଗର ଶ୍ମଶାନ ବା ମଲା ଚଣ୍ଡିଆ, ଶ୍ମଶାନର ହୁତ ହୁତ ହୋଇ ଜଳୁଥିବା ଜୁଇ , ଭୟଙ୍କର ପରିବେଶ ଅନେକ ବର, ଅଶ୍ୱସ୍ଥ ଗଛର ସମାରୋହ, ପକ୍ଷୀ ମାନଙ୍କର କିଚିରି ମିଚିରି ଶବ୍ଦ, ଶ୍ମଶାନ ଶ୍ୱାନ ମାନଙ୍କ ବିକଟାଳ ସ୍ୱର ସହିତ ବିଲୁଆ ମାନଙ୍କର ଚଳ ପ୍ରଚଳ ଏବଂ ଶ୍ମଶାନ କାଳୀ ମା'ଙ୍କ ଭୟଙ୍କର ମୂର୍ତ୍ତି ଅନେକ ବଡ଼ ଲୋକମାନଙ୍କ ଛାତିରେ ଛନକା ପୁରାଇ ଦିଏ । ମଲା ଚଣ୍ଡିଆ ଛକରୁ ଛୋଟ ସରୁ ରାସ୍ତାଟିଏ ଶ୍ମଶାନ ଦେଇ ଖାନ ନଗର ଗ୍ରାମ ହୋଇ ଜାତୀୟ ରାଜପଥ ସହିତ ସଂଯୋଗ ହୋଇଥିଲା ତାହା ଆଜି ନୂତନ କଳେବର ନେଇ ନଦୀ ଭିତର ଦେଇ ବୁଲି ଯାଇଛି । ଶ୍ମଶାନ ପାଖରୁ ବାହାରିଥିବା ଏକ ପଥର ବନ୍ଧ ଯାହାକୁ କି ପିଲାବେଳୁ 'ବୁରୁଜ' ବୋଲି ଶୁଣି ଆସିଛି ସେହି ବୁରୁଜ ନଦୀର ଏକ ଚତୁର୍ଥାଂଶ ଭିତରକୁ ପ୍ରବେଶ କରି ବନ୍ୟା ଦାଉରୁ ଖାନନଗର ଗ୍ରାମକୁ ବଞ୍ଚାଉଛି । କାଠଯୋଡ଼ି ନଦୀରେ ବନ୍ୟା ଆସିବା ସମୟରେ ବୁରୁଜ ଉପରକୁ ଅନେକ ଦର୍ଶକ ଯାଇ ଜଳରେ ଉଠୁଥିବା ଭଉଁରିର ଦୃଶ୍ୟକୁ ଉପଭୋଗ କରନ୍ତି, ଅନ୍ୟ ସମୟରେ ଖୁବ ନିଛାଟିଆ ଲାଗୁଥିବା ବୁରୁଜ କେବଳ କିଛି ସ୍ଥାନୀୟ ଲୋକ ବନସି ଧରି ମାଛ ଧରିବା ଦେଖା ଯାଉଥିଲା ।

ସ୍କୁଲରେ ପଢିବା ସମୟରେ ଅନେକ ସମୟରେ ସାଙ୍ଗ ମାନଙ୍କ ସହିତ ଯାଇ ବୁରୁଜର ଶେଷ ଭାଗରେ ବସି ଗଳ୍ପ କରୁ ସୂର୍ଯ୍ୟାସ୍ତର ଅପରୂପ ସୌନ୍ଦର୍ଯ୍ୟ ଦେଖି ଫେରିଆସୁଥିଲୁ । ବଡ଼ ମେଡିକାଲରୁ ଦାବିଦାର ବିହୀନ ଶବ ଆଣିବାର ଦୃଶ୍ୟ ଏବେବି ମନେ ପଡିଗଲେ ଲୋମ ଟାଙ୍କୁରି ଉଠେ, ସେହି ସମୟରେ ମେଡିକାଲର ବେହେରା ଦୁଇଜଣ ଏକ ଶବ ବାହକ ଗାଡି ଯାହାକି ପ୍ରାୟ ଚାରିଫୁଟ ବ୍ୟାସ ବିଶିଷ୍ଟ ଦୁଇଟି ଲୁହା ଚକ ଅଖ ଉପରେ ଏକ ଲୁହା ବା ଟିଣ ପ୍ଲେଟ ଉପରେ ଶବକୁ ଶୁଆଇ ଏକ ଧଳା କପଡା ଆଛାଦିତ କରି ଜଣେ ସାମ୍ନା ପଟେ ଟାଣୁଥାଏ ଆଉ ଜଣେ ପଛପଟୁ ପେଲୁଥାଏ, ପିଚୁ ରାସ୍ତାରରେ ଲୁହା ଚକର କର୍କଶ ଶବ୍ଦ ସହିତ ଖାକି ହାପ ପ୍ୟାଣ୍ଟ ଧଳା ସାର୍ଟ ପିନ୍ଧା ବେହେରା ମାନଙ୍କ ଝାଳବୁହା ପରିଶ୍ରମ ଦେଖି ଭୟ ସହିତ ଅବାକ ଲାଗୁଥାଏ ଓ ସେମାନେ ଶବକୁ ଅଳ୍ପ ବାଲି ଖୋଳି ପୋତିଦେଇ ଚାଲି ଯାଇଥାନ୍ତି, ତାହା ପରେ ଶବ ନେବା ପାଇଁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଥାଏ । ଏହି ପ୍ରତିଯୋଗିତାରେ ଶ୍ମଶାନରେ ଥିବା ଶ୍ୱାନ, ବିଲୁଆ, ସାଗୁଣା, କାଉ, ଚିଲ ସହିତ କିଛି ଅସାମାଜିକ ମନୁଷ୍ୟ ମଧ୍ୟ ସାମିଲ ହୋଇଥାନ୍ତି, ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ ବୋଧ ହୁଏ, ତେବେ ଏହା ସେହି ସମୟର ଅପ୍ରିୟ ସତ୍ୟ ଘଟଣା । ମାରୱାଡି ବଗିଚା ପଛପଟ ଜଙ୍ଗଲ ଭିତରେ ବଡ଼ ବଡ଼ ଦୁଇଶହ ଲିଟର କ୍ଷମତା ବିଶିଷ୍ଟ ଡ୍ରମରେ ପାଣି ସହିତ ସୋଡା ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମିଶ୍ରଣ କରି ପୋତାଯାଇଥିବା ଶବକୁ ଡ୍ରମ ଭିତରେ ବୁଡାଇ ନିଆଁ ଜାଳି ଗରମ କରାଯାଏ ତାହାପରେ ମାଂସ, ଚର୍ମକୁ ଅଲଗା କରି କେବଳ କଙ୍କାଳକୁ ଶୁଖାଇ ସେହି ବ୍ୟକ୍ତିମାନେ ମେଡିକାଲ କଲେଜକୁ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିଥାନ୍ତି, ଏହି ପ୍ରକ୍ରିୟା ମୁଁ ସ୍ୱ ଚକ୍ଷୁରେ ଦେଖିନ'ଥିଲେ ମଧ୍ୟ ଏହା ସେହି ସମୟର ସତ୍ୟ ଘଟଣା । ଅବଶ୍ୟ ତାହା ତା'ଙ୍କର ଏକ ପେଶା ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଶ୍ମଶାନ ସନ୍ନିକଟ ନଦୀ ବାଲି ସାରା ମାଳ ମାଳ ମନୁଷ୍ୟ ଖପୁରି ବିଭିନ୍ନ ଅଂଶର ହାଡ଼ ଗୋଡ଼ ପଡିଥିବାର ଦୃଶ୍ୟ ମଧ୍ୟ ଆଖି ସାମ୍ନାରେ ନାଚି ଯାଉଛି ।

ମୋ ଜୀବନର ଅନେକ ସ୍ମୃତି ଆଉ ଅନୁଭୂତି ଭରି ରହିଛି ଏହି କାଠଯୋଡ଼ି ନଦୀ ସହିତ, ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ଗୁଡ଼ି ଉଡାଇବା ଏକ ନିଶା ଥିଲା, ଗୁଡ଼ି କଟିଗଲେ ତାହା ପଛରେ ଗୋଡ଼ାଇ ଗୋଡ଼ାଇ ଧରିବାରେ ଅନେକ ଆତ୍ମସନ୍ତୋଷ ମିଳୁଥିଲା, ସେହିପରି ଗୋଟିଏ ଘଟଣା ଆଜିମଧ୍ୟ ସ୍ମୃତି ହୋଇ ଯାଇଛି । ଗୋଟିଏ ଗୁଡ଼ି ପଛରେ ଗୋଡ଼ାଇ ଗୋଡ଼ାଇ ଖତଗଦା ପର୍ଯ୍ୟନ୍ତ ଚାଲି ଯାଇଥିଲି, ପ୍ରତିଯୋଗିତାରେ ଅନ୍ୟ ପିଲାମାନେ ମଧ୍ୟ ଥିଲେ, ଗୁଡିଟି ଖତଗଦା ମଧ୍ୟରେ ପଡିଥିଲା ମୁଁ ଗୁଡ଼ିଟିକୁ ଆଣିବାପାଇଁ ଉଦ୍ୟତ ହେବା ସମୟରେ ସଦ୍ୟ ପୋତାଯାଇଥିବା ବିଷ୍ଠଓ ଗର୍ତ୍ତ ମଧ୍ୟରେ ପଡିଯାଇଥିଲି, ମୋର ଜୀବନ ବଞ୍ଚାଇବାର ଚେଷ୍ଟା ମୋତେ ଅଧିକ ଗର୍ତ୍ତ ଭିତରକୁ ଟାଣି ନେଇଥିଲା ମୋର ଆର୍ତ୍ତ ଚିତ୍କାରରେ ସ୍ଥାନୀୟ କିଛି ଲୋକ ବିଷ୍ଠା ଗର୍ତ୍ତରୁ ମୋତେ ଉଦ୍ଧାର କରି ନୂତନ ଜୀବନଦାନ ଦେଇଥିଲେ । ହାପ ପ୍ୟାଣ୍ଟ , ଗଂଜୀ ସମ୍ପୂର୍ଣ୍ଣ ବିଷ୍ଠାରେ ବୁଡି ଯାଇଥିଲା କିଂକର୍ତ୍ତବ୍ୟ ବିମୁଢ଼ ହୋଇ ଅଗତ୍ୟା କାଠଯୋଡ଼ି ନଦୀକୁ ଯାଇ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଧୁଆ ଧୁଇ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲି କାରଣ ସେହି ପ୍ୟାଣ୍ଟ, ଗଂଜୀ ଆଉ ଆଣିବା ଅବସ୍ଥାରେ ନ'ଥିଲା ତେଣୁ ଉଲଗ୍ନ ହୋଇ ଅନ୍ଧାରରେ ଘରକୁ ଫେରି ମା'ଙ୍କ ଠାରୁ ଉତ୍ତମ ମଧ୍ୟମ ସହିତ ଗରମ ପାଣିରେ ଗାଧୋଇ ଏକଘରିଆ ପରି ସମୟ ବିତାଇଥିଲି, ପ୍ରାୟ ସାତଦିନ ପରେ ମୋର ଶରୀରରୁ ସେହି ପୁତିମୟ ଗନ୍ଧ ଧୀରେ ଧୀରେ ଅପସରି ଯାଇଥିଲା । ସେହିଦିନଠାରୁ ଗୁଡ଼ି ନିଶା ମୋର ଚାଲିଗଲା ।

ପିଲାଦିନେ ବାପାଙ୍କ ସହିତ କାଠଯୋଡ଼ି ଯାଇ ପହଁରା ଶିଖୁଥିଲି, ତେବେବି ସମ୍ପୂର୍ଣ୍ଣ ଶିଖି ପାରିନଥିଲି, ଅତିବେଶୀରେ ୫୦ ମିଟର ପର୍ଯ୍ୟନ୍ତ ଆଜିବି ପହଁରିବାର କ୍ଷମତା ରହିଛି । ତିନିଜଣ ସାଙ୍ଗ ମିଶି ଦିନେ ଖରାବେଳେ କାଠଯୋଡ଼ି ଗାଧୋଇବାକୁ ଯାଇଥିଲୁ, ଅଳ୍ପ ଜଳରେ ଗାଧୋଉଥିବା ଅବସ୍ଥାରେ ଅଜାଣତରେ ଗଭୀର ଜଳକୁ ଯାଇ ବୁଡି ଯାଉଥିବା ଅବସ୍ଥାରେ କିଛି ସ୍ଥାନୀୟ ଲୋକ ଆମକୁ ଉଦ୍ଧାର କରିଥିଲେ... କାଠଯୋଡ଼ି ଆଜି ମଧ୍ୟ ମୋର ପ୍ରିୟ ଏବଂ ମୋର ମନର ଏକ ଦୁର୍ବଳତା କହିଲେ ଚଳିବ । ଆମ ରେଭେନ୍ସା କଲିଜିଏଟ ସ୍କୁଲର ଖେଳ ପଡିଆ ସନସାଇନ ପଡିଆ, ବାର୍ଷିକ ଖେଳ ବା ସ୍ପୋର୍ଟ ସେଠାରେ ହୁଏ । ଖେଳ ଚାଲୁଥାଏ ଆମେ କିଛି ଚଗଲା ପିଲା ସାଙ୍ଗ ହୋଇ କାଠଯୋଡ଼ି ନଦୀ ଭିତରେ ଆଣ୍ଠୁଏ ଅଣ୍ଟୁଏ ପାଣି ଭିତରେ ପ୍ରବେଶ କରି ନଦୀର ଅପର ପାର୍ଶ୍ୱରେ ଥିବା ବୁଦୁ ବୁଦୁକିଆ ଜଙ୍ଗଲ ଭିତରୁ ବରକୋଳି, ଭୂଇଁ ବରକୋଳି ସହିତ ଘରୁ ଆଣିଥିବା ଲୁଣ, ଲଙ୍କା ଗୁଣ୍ଡ ଦେଇ ଖାଇଥାଉ । ଥରେ କେହିଜଣେ ଆମ ଦୁଃସାହସିକ କାର୍ଯ୍ୟ ବିଷୟରେ ସାରଙ୍କୁ ଅବଗତ କରାଇବା ପରେ ଅବଶ୍ୟ ଦଣ୍ଡ ମିଳିଥିଲା ତଥାପି ସେହି କାଠଯୋଡିର ଆକର୍ଷଣ ମନ ଭିତରୁ ଯାଇ ନଥିଲା । ପ୍ରତିବର୍ଷ ବାର୍ଷିକ ଖେଳ ଅନୁଷ୍ଠିତ ହେଉଥିବା ଦିନ ଗୁଡିକ ଆମ ଚଗଲା ଗୃପ ପାଇଁ କାଠଯୋଡ଼ି ନଦୀ ସେପଟ କୋଳି ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ।

ସ୍କୁଲ ଛୁଟିପରେ ଅନେକ ସମୟରେ ଦେବୀଗଡାଠାରେ ଟ୍ରକ ଯୋଗେ କାଠଯୋଡୀନଦୀରୁ ଉଠାଯାଉଥିବା ବାଲି ଦେଖିବାକୁ ମଧ୍ୟ ଯାଉଥିଲୁ , ଟ୍ରକ ଗୁଡିକ ସହରର ଚାହିଦା ମେଣ୍ଟାଇବା ପାଇଁ କାଠଯୋଡ଼ି ନଦୀରୁ ବାଲି ଉତ୍ତୋଳନ କରି ନେଇଥାନ୍ତି ଓ ଅନେକ ଟ୍ରକ ଦିନ ରାତି ଏହି କାର୍ଯ୍ୟରେ ଲିପ୍ତ ଥା'ନ୍ତି, ବାଲି ଖୋଳି ଖୋଳି ଏକପ୍ରକାର ଗର୍ତ୍ତ ହୋଇଯାଏ ଆଉ ଏହି ଗର୍ତ୍ତ ପରି ବାଲି ଉତ୍ତୋଳନ ସ୍ଥାନ ରାଜବଗିଚା ସ୍କୁଲ ପର୍ଯ୍ୟନ୍ତ ଚାଲିଆସିଥାଏ । ଆମେ ରାଜବଗିଚା ସ୍କୁଲ ପାଖରୁ ନଦୀ ଭିତରକୁ ଓହ୍ଲାଇ ଟ୍ରକରେ ବାଲି ବୋଝେଇ ଦେଖିଥାଉ ତଥା ଶେଷରେ ଟ୍ରକ ଡ୍ରାଇଭରଙ୍କୁ ଆମକୁ ଟିକେ ଟ୍ରକରେ ବସାଇବାକୁ ଅନୁରୋଧ କରିଥାଉ, ଏହା ଏକ ପିଲାଳିଆମୀ ଛଡା ଆଉ କିଛି ନୁହେଁ । ମଝିରେ ମଝିରେ କିଛି ହୃଦୟବାନ ଡ୍ରାଇଭର ଆମକୁ ଟ୍ରକରେ ବସିବାର ସୁଯୋଗ ଦେଇଥାନ୍ତି, ବାଃ ! କି ସୁନ୍ଦର ସେଇ ଅନୁଭୂତି ଥିଲା ତାହା ଅବର୍ଣ୍ଣନୀୟ, ବାଲି ଭର୍ତ୍ତି ଟ୍ରକ୍ ଯେତେବେଳେ ବାଲି ଗୁଳା ବା ବାଲି ରାସ୍ତା ଦେଇ ନଦୀ ଭିତରେ ଯାଉଥାଏ ସେହି ସମୟରେ ଇଞ୍ଜିନରୁ ବିକଟ ଶବ୍ଦ ସହିତ ଧୀର ଗତି ଥାଏ ଏବଂ ଯେତେବେଳେ ଦେବୀଗଡା ଘାଟୀ ପରି ରାସ୍ତା ଉପରକୁ ଚଢେ ସେତେବେଳେ ଖୁବ ଭଲ ଲାଗୁଥିଲା ଆମକୁ, ଡ୍ରାଇଭର ସେତେବେଳେ ସ୍ପେଶାଲ ଗିଅର ପକାଇ ଚଲାଉଥାଏ ଆମେ କି ଜାଣୁ ଗିଅର କ'ଣ ? ସେହି ସମୟରେ ବର୍ତ୍ତମାନ ପରି ଏତେ ଉନ୍ନତ ଟ୍ରକ ନ'ଥିଲା, ପୁରୁଣା କାଳିଆ ଅଧିକାଂଶ ପେଟ୍ରୋଲ ଚାଳିତ ଟ୍ରକ ଯେପରି ଚେଭ୍ରଲେଟ, ଡି ସୋଟୋ, ଫୋର୍ଡ଼, ଜି ଏମ ସି, ଫାର ଗୋ, ବେଡ଼ ଫୋର୍ଡ଼, ଟି ଏମ ବି, ଡଜ, ଇତ୍ୟାଦି ସ୍ୱଳ୍ପ କ୍ଷମତା ବିଶିଷ୍ଟ ଟ୍ରକର ପ୍ରଚଳନ ଥିଲା, ବେଳେ ବେଳେ ଉଠାଣିରେ ଗାଡିଟି ଟାଣି ନପାରି ଅଟକି ଯାଏ, ହେଲ୍ପର ତୁରନ୍ତ ଦୌଡ଼ି ଯାଇ ପଛ ଚକରେ ବଡ଼ ପଥର ଖଣ୍ଡେ ଲଗେଇଦିଏ ତା'ପରେ ପୁଣି ଡ୍ରାଇଭର ଇଂଜିନ କୁ ଆହୁରି ଶକ୍ତିଶାଳୀ କରି ଗଡା ଉଠାଇଥାଏ , ରାଜବଗିଚା ଗଡ଼ାରେ ଆମେ ଓଲ୍‌ହାଇଯାଉ ତା' ପରେ ଘରକୁ ଆସି ନିଜ କାର୍ଯ୍ୟରେ ମାନେ ବହି ଖାତା ଧରି ବସିଥାଉ ଓ ଆଜି କାଲିକା ପରି ସେତେବେଳେ ଏତେ ଟ୍ରାକ୍ଟର ନ'ଥିଲା , ଟ୍ରାକ୍ଟର ନା'ଶୁଣିଲେ କିପରି ଗୋଟିଏ ଘୃଣା ଭାବ ଜାତ ହେଉଥିଲା କାରଣ ଟ୍ରାକ୍ଟର କେବଳ ମ୍ୟୁନିସିପାଲିଟିର ଥିଲା ଏବଂ ଉଠା ପାଇଖାନାର କଞ୍ଚାମଳ ସହର ମଧ୍ୟରୁ ପରିବହନ କରି ଆମ ଘର ପାଖ ଖତ ଗଦାରେ ପକାଉଥିଲା ଓ ଅଳିଆ ନେବାପାଇଁ ଗୋଟିକିଆ ବଳଦ ଟଣା ଗାଡି ବ୍ୟବହୃତ ହେଉଥିଲା , ସେହି ସମୟର ଖୁବ ଲଜ୍ଜାଜନକ ବିଷୟ ଥିଲା ଯେ, ସଫେଇ କର୍ମଚାରୀ ବିଶେଷ କରି ମହିଳା ମାନେ ଘର ଘର ବୁଲି ଟୋକେଇରେ ଉଠା ପାଇଖାନାର ମଳ ସଂଗ୍ରହ କରୁଥିଲେ ଏବଂ ଗୋଟିଏ ସ୍ଥାନରେ ଏକାଠି କରିବା ପରେ ଟ୍ରାକ୍ଟର ସେହିସବୁ ନେଇ ଯାଉଥିଲା ଓ ମାନବିକତା ସେହିସମୟରେ ବୋଧହୁଏ ହଜିଯାଇଥିଲା, କଟକ ପରି ସହରରେ ଏପରି କୁତ୍ସିତ କାର୍ଯ୍ୟ ସମୟ ଅନୁଯାୟୀ ବଦଳିଗଲା, ଘରେ ଘରେ ସେପ୍ଟିକ ପାଇଖାନା ହୋଇଗଲା ।

କାଠଯୋଡ଼ି ନଦୀ ଆଜି ମଧ୍ୟ ମତେ ଡାକେ, ମୁଁ ଅନେକ ସମୟରେ ତା'ପାଖକୁ ଚାଲିଯାଏ ତା'ର ଆକର୍ଷଣ ପଛର ରହସ୍ୟ ମୁଁ ଠିକ ବୁଝିପାରେ ନାହିଁ ଓ ଥରେ ଦଶ ଟଙ୍କା ବିନିମୟରେ ହଳେ ବାଟା ହାୱାଇ ଚପଲ ମୋ ପାଇଁ କିଣା ହୋଇ ଆସିଥିଲା ନୀଳ ରଙ୍ଗର ଫିତା ସହିତ ଧଳା ଚପଲ ମୁଁ ନିୟମିତ ସାବୁନ ଦେଇ ତା'କୁ ଚକ ଚକ କରି ରଖେ, ସେଦିନ ଚପଲ ପିନ୍ଧି କାଠଯୋଡ଼ି ନଦୀର ଟ୍ରକ ବାଲି ଉଠା ଜାଗାକୁ ଯାଇଥିଲି ଅସାବଧାନତା ବଶତଃ ଗୋଡ଼ ଖସି ଯିବାରୁ ଖାଲ ଭିତରେ ପଡିଯାଇଥିଲି । ବାଲିରେ ଖସି ପଡିବା ଯଦିଓ ମଜା ଲାଗିଥିଲା ତେବେ ସବୁଠାରୁ ବଡ଼ କଷ୍ଟ ଲାଗିଥିଲା ଯେ ମୋର ଡାହାଣ ଗୋଡ଼ରେ ପିନ୍ଧିଥିବା ଚପଲ ଟି ବାଲି ଭିତରେ କେଉଁଆଡେ ହଜିଗଲା , ଯେତେ ଚେଷ୍ଟା କରି ମଧ ପାଇ ନ'ଥିଲି । କାନ୍ଦି କାନ୍ଦି ଘରକୁ ଫେରିଥିଲି, ଅନେକ ଦିନ ଧରି ସେଇ ଗୋଟିକିଆ ଚପଲକୁ ସାଇତି ରଖିଥିଲି କାରଣ ମୋର ଆଶା ଥିଲା ଦିନେ ହୁଏତ ମୁଁ ହଜାଇଥିବା ଚପଲଟିକୁ ଫେରି ପାଇବି । ଆଶା ଆଶାରେ ରହିଗଲା ସେହି ଦୁଃଖକୁ ଆଜି ମଧ୍ୟ ମୁଁ ଭୁଲି ପାରେନାହିଁ, ଆଜି ମୋ ପାଖରେ ଦଶ ହଳ ଜୋତା ଚପଲ ଅଛି କିନ୍ତୁ କାଠଯୋଡ଼ି ବାଲିରେ ହଜାଇଥିବା ସେହି ଦଶ ଟଙ୍କିଆ ବାଟା ହାୱାଇ ଚପଲ କଥା ମୋ ମନରେ ଏକ ସ୍ମୃତି ହୋଇ ଯାଇଛି ଓ କାଠଯୋଡ଼ି କି ଯାଦୁ ଅଛି ତୁମ ପାଖରେ କୁହତ ? ?

କାଠଯୋଡ଼ି ଶଯ୍ୟା ରେ ଥିବା ଖାନନଗର ଶ୍ମଶାନକୁ ମୁଁ ଖୁବ କମଥର ଯାଇଛି, ଯିବାର ଉଦ୍ଦେଶ୍ୟ ଦୁଇଟି ଥାଏ ପ୍ରଥମଟି ଶ୍ମଶାନ କାଳୀ ମା'ଙ୍କ ଦର୍ଶନ ଦ୍ୱିତୀୟଟି କୌଣସି ନିଜ ପରିବାରର ସଦସ୍ୟ ବା ଅତି ପରିଚିତ ବ୍ୟକ୍ତିଙ୍କୁ ଶେଷ ସମ୍ମାନ ଜଣାଇ ଶବଦାହ ଉଦେଶ୍ୟରେ ଯିବାକୁ ହୋଇଥାଏ । ଶ୍ମଶାନକୁ ସାଙ୍ଗରେ ଯାଇଥିବା ବ୍ୟକ୍ତି ମାନଙ୍କର ସାଗର ଗର୍ଭକ ଦର୍ଶନ ଶାସ୍ତ୍ର ଉପରେ ଭାଷଣ ଆଉ କିଛି ବ୍ୟକ୍ତିଙ୍କ ଦୁଃଖ ସମୟରେ ବାହାଦୁରିଆ ଗଳ୍ପ ପରିବେଶକୁ ଏକ ମିଶ୍ରିତ ପ୍ରତିକ୍ରିୟା ଦେଇଥାଏ । ପଡୋଶୀ ମଉସା (ପରବର୍ତ୍ତୀ ସମୟରେ ମୋର ସ୍ୱର୍ଗତ ଶଶୁର ମହାଶୟ)ଙ୍କ ପାର୍ଥିବ ଶରୀର ସହିତ ପ୍ରଥମଥର ପାଇଁ ଯାଇ ସମ୍ପୂର୍ଣ୍ଣ ଦାହ ପ୍ରକ୍ରିୟା ଦେଖିଥିଲି, ତାହା ପରେ ଅନେକ ନିକଟ ସମ୍ପର୍କୀୟଙ୍କୁ ହରାଇଛି, ମୋର ବାପାଙ୍କୁ, ସାନ ଭାଇକୁ, ମା'ଙ୍କୁ, ଅନେକ ଦୁଃଖ ଆସେ ଯେତେବେଳେ ଜୁଇ ଜଳେ, ଆକାଶକୁ ମୁଁ ଚାହିଁ ରହି ଦେଖେ କେତେବେଳେ ଶରୀରରୁ ଆତ୍ମା ବାହାରି ସ୍ୱର୍ଗ ଆଡକୁ ଚାଲିଯିବ ? ଏହା ମୋ'ର ବାଚାଳାମି ବା ଅତ୍ୟଧିକ ଭଲପାଉଥିବା ବ୍ୟକ୍ତିଟିକୁ ଚିରଦିନ ପାଇଁ ହରାଇବାର ଦୁଃଖ ତାହା ମୁଁ ବର୍ଣ୍ଣନା କରି ପାରିବି ନାହିଁ ଓ ଆତ୍ମୀୟ ସ୍ୱଜନ ମାନଙ୍କ ହିନ୍ଦୁ ଧର୍ମର ରୀତି ନୀତି ସହିତ ଦଶାହ କାର୍ଯ୍ୟ ମଧ୍ୟ କାଠଯୋଡ଼ି ନଦୀରେ ସମ୍ପର୍ଣ୍ଣ କରିଛି, ଯିଏ ଆସିଛି ସେ ଦିନେ ଯିବ ଏହା ଧୃବସତ୍ୟ, ତେବେବି ମନ ବୁଝେନା ତା'ର ସ୍ମୃତି, ତା'ର ସବୁକିଛି ବାରମ୍ବାର ମନେ ପଡ଼ିଯାଏ, ଯେଉଁମାନେ ଚାଲିଯାଇଛନ୍ତି ସେମାନେ ହୁଏତ ଅତୀତ କିନ୍ତୁ ମୋ' ମନରେ ସଦା ଜୀବିତ ଥିବା ପରି ମୁଁ ଅନୁଭବ କରେ, ଆଗରୁ ପ୍ରତିଦିନ କାଠଯୋଡ଼ି କୂଳ ରାସ୍ତାରେ ପ୍ରାତଃ ଭ୍ରମଣରେ ଯାଉଥିଲି ଏବେ ସ୍ୱାସ୍ଥ୍ୟଗତ କାରଣରୁ ଯାଇ ପାରେନାହିଁ ତେବେବି ସମୟ ସମୟରେ ସାଇକେଲଟିଏ ଧରି ବାହାରିଯାଏ ମୋର ପ୍ରିୟ କାଠଯୋଡ଼ିକୁ ଦର୍ଶନ କରିବା ପାଇଁ ଓ ସମୟ ଚକ୍ରରେ ମୁଁ ବି ଦିନେ ସେହି କାଠଯୋଡ଼ି ନଦୀ ଶ୍ମଶାନରେ ଜଳି ଜଳି ପାଉଁଶ ହୋଇଯିବି, ପରିବାର ଲୋକେ ମୋତେ କିଛିଦିନ ମନେ ରଖିବେ ପୁଣି ନିଜ କାର୍ଯ୍ୟ ବ୍ୟସ୍ତତା ତଥା ଭବିଷ୍ୟତର ଗୁରୁଦାୟିତ୍ୱ ଚାପରେ ଭୁଲିଯିବେ ଓ ହିନ୍ଦୁ ଧର୍ମର ରୀତି ନୀତି ଅନୁସାରେ ଅଶରିରୀ ରୂପରେ ବର୍ଷକୁ ଥରେ ମୁଁ ହୁଏତ ଆସିବି ମୋ' ପରିବାର ନିକଟକୁ, ଟିକେ ଦେଖିଯିବି ମୋ'ର ଉତ୍ତର ପିଢ଼ି କେମିତି ଅଛନ୍ତି ? ତେବେ ଜାଣେନା ମୋତେ କାଠଯୋଡ଼ି ମନେ ରଖିବ କି ନା ? ଅନେକ ବ୍ୟକ୍ତି ଆସିଛନ୍ତି ଅନେକ ଯାଇଛନ୍ତି କିନ୍ତୁ ସେହି କାଠଯୋଡ଼ି ନଦୀ ଯେପରି ଥିଲା ସେହିପରି ଅଛି, କାଠଯୋଡ଼ି ପଥର ବନ୍ଧ ବାଇମୁଣ୍ଡିଙ୍କ ଗୁଣଗାନ କରୁଛି ଓ କାଠଯୋଡ଼ି ମୁଁ ତୁମ ପ୍ରେମରେ ପାଗଳ ହୋଇଛି..... ମୋତେ ଚିରଦିନ ପାଇଁ ତୁମ କୋଳରେ ସ୍ଥାନ ଦିଅ, ମୁଁ ଚାହେଁ ନାହିଁ ସ୍ୱର୍ଗର ପାରିଜାତ ଫୁଲର ମହକ କିମ୍ବା ନର୍କର ଅସହ୍ୟ ଯନ୍ତ୍ରଣା, ମୁଁ ଖାଲି ଚାହେଁ ତୁମ କୋଳରେ ଅନନ୍ତ ନିଦ୍ରାରେ ଟିକେ ଶାନ୍ତିରେ ଶୋଇ ଯିବାପାଇଁ, ଯେଉଁଠାରୁ କି କେହି କେବେ ଜାଗ୍ରତ ହେବାର ନଜିର ନାହିଁ ।

+ବରିଷ୍ଠ ନାଗରିକ, ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ : ୯୯୩୭୧୭୪୦୯୭




# ଅଳସି ଫୁଲର ମହକ

ସୁନନ୍ଦା ମହାନ୍ତି

ଫେସବୁକରେ ସାଙ୍ଗ, ଚିହ୍ନା ଜଣା ବନ୍ଧୁ ବାନ୍ଧବଙ୍କ, କୋରାପୁଟ ଭ୍ରମଣର ଫଟୋ, ଭିଡିଓ ଦେଖି ଦେଖି ରୋମାଞ୍ଚିତ ହୁଅନ୍ତି ଦେବାଶିଷ । ଦେଖୁଥାନ୍ତି ପ୍ରାକୃତିକ ଦୃଶ୍ୟାବଳୀ । ଭାବୁଥାଆନ୍ତି ହଜିଯିବାକୁ, ସେହି ଅଳସି ଫୁଲ ଝରଣା ଭିତରେ । ସୂର୍ଯ୍ୟମୁଖୀ ଫୁଲ ପାଖୁଡା ଭିତରେ । ଝରଣା ଓ ପ୍ରାକୃତିକ ଦୃଶ୍ୟରାଜି ଭିତରେ । ମନ ହୁଏ ପ୍ରେମିକଟିଏ ସାଜି ଉଡିଯାଆନ୍ତେ ସେହି ଘାଟି ଦେଇ ପ୍ରାକୃତିକ ପରିବେଶ ଭିତରେ ପାହାଡି କନ୍ୟାର ସୌନ୍ଦର୍ଯ୍ୟ ଦେଖିବାକୁ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପାପା ବା ବେବି ଓ ବାବୁ ମାନଙ୍କ ଭିତରେ ହଜିଯିବାକୁ ସାନ୍ତାଳୀ ନାଚ ଦେଖି, ମୁଣ୍ଡାମାନଙ୍କ ଭିତରେ ଭିଜି ହଜି ତାଙ୍କ ସଂସ୍କୃତି, ପରମ୍ପରା ଭିତରୁ, ଦୂରରୁ ଭେଜାଲ ପରି ମନେ ହେଉଥିବା, ଭେଲରୁ ଭଲ ଖୋଜିବାକୁ । ପ୍ରେମିକ ମନ ଖୋଜୁଥାଏ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଦେଓମାଳୀ,ରାଣୀ ଡୁଡୁମା ଭଳି ଝରଣାର ଜଳ ଉତ୍ସ ଭିତରେ ଜୀବନର ସୌନ୍ଦର୍ଯ୍ୟ ଖୋଜି ଶାବର ଶ୍ରୀକ୍ଷେତ୍ର ଯାଇ ଜୀବନର ପଞ୍ଜିଭୂତ ମୋହ, ଲୋଭ, ମାୟା ଇତ୍ୟାଦି ସମର୍ପଣ କରି ସତ୍ୟ ପାଇବାକୁ ସାତ୍ତ୍ୱିକ ପ୍ରେମର ମସଗୁଲ ନିଶାରେ ଝୁମି ଝୁମି ସ୍ୱପ୍ନ ଦେଖୁ ଦେଖୁ, ଦେବାଶିଷ ଝିଅ ବାହା ଦେଲେ କୋରାପୁଟରୁ ଆସିଥିବା ପ୍ରସ୍ତାବରେ ।

ସେଥର ପୂଜା ଛୁଟିରେ ଦେବାଶିଷ ନିଜ ପ୍ରେମିକା ଭଳି ଭଲ ପାଉଥିବା ଗାଡିଟିକୁ ଧରି ସାଙ୍ଗରେ ସ୍ତ୍ରୀଙ୍କୁ ଧରି କୋରାପୁଟ ଯିବାକୁ ବାହାରିଲେ । ସ୍ତ୍ରୀ ମନା କରୁଥିଲେ ଏତେ ବାଟ ଗାଡି ନେଇ ଯିବାକୁ ହେଲେ ସ୍ତ୍ରୀ ସହ ପ୍ରେମିକା ସଙ୍ଗେ ଯିବାର ମଜ୍ଜା ନିଆରା ବୋଲି ଦେବାଶିଷ ସଫେଇ ଦେଇ ବାହାରିଲେ ବ୍ରହ୍ମପୁର ଦେଇ ସୁଙ୍କି ସାଲୁରୀ ଘାଟିରେ । ବାଟ ସାରା ମନ ଉଡୁଥାଏ ଦେବାଶିଷଙ୍କର ।ଅଳସି ଫୁଲ ବଗିଚା ସବୁ ହାତ ଠାରି ଡାକୁଥାନ୍ତି ଦେବାଶିଷଙ୍କୁ ତ ମସଗୁଲ ରେ ବଢୁଥାନ୍ତି ଆଗକୁ ଦେବାଶିଷ । ହଠାତ ଗାଡି ଅଟକେଇ ଦେଲେ ପୋଲିସ କେଇ ଜଣ । ଆଗରେ ଦୁର୍ଘଟଣା । ସେପଟେ ଯାଆନ୍ତୁ ବୋଲି ଦେଖାଇ ଦେଲେ ତ ଚମକି ପଡିଲେ ସ୍ତ୍ରୀ, ଅଳକା । କେତେ ବାଟରେ ଝିଅ ଦେଇଦେଲି ବୋଲି ଚିନ୍ତାରେ ପଡୁଥିଲା ବେଳେ ଦେବାଶିଷ ଖୁସିରେ ଘାଟି ପରେ ଘାଟି ଚଢୁଥିଲେ । ଆତଙ୍କିତ ଅଳକା । କେମିତି ମୋ ଝିଅ ଏ ଘାଟିରେ ଯିବା ଆସିବା କରି ପିଲା ପାଳି, ବଡ଼ କରି, ବାହାଚୋରା କରି ରହିବ ଚିନ୍ତା କରୁ କରୁ, ଦେବାଶିଷ ଦେଖୁଥିଲେ, ଅସ୍ତ ସୂର୍ଯ୍ୟଙ୍କ ଲାଲିମା, ଗଛମାନଙ୍କ ସହ ଚାଲି ଚାଲି ଯାଉଥିବା ଲାଲ ସୂର୍ଯ୍ୟଙ୍କ ଲୁଚକାଳି ଖେଳ,ସୂର୍ଯ୍ୟମୁଖୀ ଫୁଲର ମୁଣ୍ଡ ନୁଆଁ ଲୁଚକାଳି ଖେଳ, ଅଳସି ଫୁଲ କ୍ଷେତ ମାଳ ମାଳ । ଅଳକା ଭାବୁଥିଲେ ସେହି ଓଲଟି ପଡ଼ିଥିବା ଗାଡିରେ ଥିବା ମଣିଷ ମାନଙ୍କର ଦୁର୍ଦ୍ଦଶା କଥା । ଭାବୁଥିଲେ ଝିଅ ତାଙ୍କର ଏ ଘାଟି ଡେଇଁ ଘରକୁ ଯିବା ଆସିବା କେତେ ସୁରକ୍ଷିତ ! ଆଉ ଦେବାଶିଷ ? ? ସତେ ସୂର୍ଯ୍ୟଙ୍କ ଅସ୍ତମିତ ହେବା ଦୃଶ୍ୟ ଦେଖିନାହାନ୍ତି ଜମା, ସେହିପରି ଦେଖୁଥିଲେ, ଅସ୍ତ ହୋଇ ମାଆ କୋଳକୁ ଫେରୁଥିବା ସୂର୍ଯ୍ୟଙ୍କୁ । ଝିଅ ଘରେ କାମ କରୁଥିବା ସମ୍ବାରୀ ପଛରେ ପଡ଼ିଥିଲେ ଦେବାଶିଷ । ତା ସଂସ୍କୃତି, ପରମ୍ପରା, ଚଳଣୀ ସହିତ ଜଡିତ ହୋଇ, ହଜିଯାଉଥିଲେ ଆଦିବାସୀ ଜନଜାତିଙ୍କ ସହିତ ମସଗୁଲ ହୋଇ । କହୁଥିଲେ ନେଇଯିବା ସମ୍ବରୀକୁ ଆମ ସାଥେ । ସମ୍ବରୀ ବି କହୁଥିଲା ତା ପୁଅ ବୋହୁ ଓ ଚାରି ନାତି ନାତୁଣୀଙ୍କୁ ଛାଡି ଯିବାରେ ତାର କିଛି ଅସୁବିଧା ନାହିଁ । ସମ୍ବରୀର ବିଭିନ୍ନ ପୋଜରେ ଫଟୋ ଉଠାଇ ଦେବାଶିଷ ପୋଷ୍ଟ କରୁଥିଲେ ଫେସବୂକରେ । କମେଣ୍ଟ ଆସୁଥିଲା ଏ ତୃତୀୟ ପ୍ରେମିକା କିଏ ? ଉତ୍ତରରେ ଦେବାଶିଷ ଲେଖୁଥିଲେ, ମୋ ବ୍ଲାକ ବିଉଟି । ପୁଣି କାହା ଉତ୍ତରରେ ଲେଖୁଥିଲେ, ମୋ 'କଳା ହୀରା' । ସେତିକି ବେଳକୁ ଅଳକା ବିରକ୍ତି ପ୍ରକାଶ କରୁଥିଲା ବେଳେ, ଝିଅ ଜୋଇଁ ଦମନ ଫିଲ୍ମ ପାଇଁ ଟିକେଟ କାଟି ଆଣି କହୁଥିଲେ ଶୀଘ୍ର ବାହାରିବାକୁ ।

+ସାକ୍ଷୀଗୋପାଳ, ପୁରୀ
ମୋ : ୭୦୦୮୯୪୨୨୧୫



# ସାଇବର ଠକ ହାବୁଡରେ ଆଇନଜୀବି : ରାତାରାତି ଆକାଉଂଟରୁ ଲକ୍ଷେ ବୟାଳିଶ ହଜାର ଲୁଟ୍

ବଲାଙ୍ଗିର, ୦୧/୦୧ (ନି.ପ୍ର): ଦିନକୁଦିନ ସାଇବର ଅପରାଧୀ ମାନଙ୍କ ଅପରାଧ ବଢି ଚାଲିଛି। ବିଭିନ୍ନ ଆଳରେ ନିଜକୁ କେତେବେଳେ ବ୍ୟାଙ୍କ ଅଧିକାରୀ ତ ଆଉ କେତେବେଳେ ଆୟକର ବିଭାଗର ଅଧିକାରୀ ପରିଚୟ ଦେଇ ବ୍ୟାଙ୍କରେ ଥିବା ଜମା ପୁଞ୍ଜି ହରିଲୁଟ କରି ନେଉଛନ୍ତି। ଦେଖୁ ଦେଖୁ ଆକାଉଣ୍ଟ ଖାଲି ହୋଇଯାଉଛି। ଏବେ ନିକଟରେ ସାଇବର ଠକ ହାବୁଡରେ ପଡ଼ିଛନ୍ତି ଇଚ୍ଛାପଡାର ଆଇନଜୀବୀ ଦିଲୀପ ସାହୁ। ସାଇବର ଠକ ତାଙ୍କ ବ୍ୟାଙ୍କ ଆକାଉଂଟରୁ ଲୁଟି ନେଇଛି ୧ ଲକ୍ଷ ୪୨ ହଜାର ଟଙ୍କା।

ବୁଧବାର ତାଙ୍କର ୱାର୍ଡ୍‌ଅଫ ୱାଲେଟରେ ପାଂଚ ହଜାର ଟଙ୍କା ଜମା କରିଥିଲେ। ସେଥିରୁ ଚାରି ହଜାର ଟଙ୍କା ନିଜ ଏକାଉଂଟକୁ ଆଣିବାକୁ ଚାହୁଁଥିଲେ। ବିଫଳ ହେବାରୁ ଅନଲାଇନ ଅଭିଯୋଗ ଦାୟର କରିଥିଲେ। କଷ୍ଟମର କେୟାରକୁ ଯୋଗାଯୋଗ କରିଥିଲେ। ସେପଟୁ ଏକଜିକ୍ୟୁଟିଭ କଲ୍ ଯିବ ବୋଲି କୁହାଗଲା। ତାପରେ ଗୋଟିଏ କଲ୍ ଆସିଥିଲା ଏକ ଲିଙ୍କ୍ ପଠାଇ ଡାଉନଲୋଡ କରିବାକୁ ନିଜକୁ କଷ୍ଟମର କେୟାର ଅଧିକାରୀ ପରିଚୟରେ କହିଥିଲା। ସନ୍ଦେହରେ ତାହା ଡିଲିଟ କରୁ କରୁ ତାହା ଓପନ ହୋଇଯାଇଥିଲା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସଙ୍ଗେ ସଙ୍ଗେ ୧୯, ୯୦୨ ଟଙ୍କା କଟିଯାଇଥିଲା। ସଙ୍ଗେ ସଙ୍ଗେ ସେ ଫୋନ ସୁଇଚ ଅଫ କରି ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ। ସକାଳ ଭିତରେ ତାଙ୍କ ଏକାଉଂଟ ଖାଲି ହୋଇ ଚାଲିଥିଲା। ତାଙ୍କର ହୃଦରୋଗ ପାଇଁ ଆକାଉଂଟରେ ଦେଢ଼ ଲକ୍ଷ ଟଙ୍କା ରଖିଥିଲେ। ବଲାଙ୍ଗିର ସାଇବର ଥାନା ଓ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ଟଙ୍କା ମିଳିବା ନେଇ କୌଣସି ସୂଚନା ନଥିଲା। ନିଜର ବ୍ୟାଙ୍କ୍ କୁ ଯାଇ ଲିଖିତ ଅଭିଯୋଗ ପରେ ଦୁଇଟି ପର୍ଯ୍ୟାୟରେ ୧୦ ହଜାର ଲେଖାଏଁ ତାଙ୍କର ଆକାଉଣ୍ଟରେ ଫେରସ୍ତ ପାଇଥିଲେ। ଜିଲ୍ଲାରେ ଏବେ ସାଇବର ଅପରାଧି ମାନଙ୍କ ପ୍ରତି ସାବଧାନ ରହିବାକୁ ପୋଲିସ ଘୋଷଣା ସଚେତନତା ଜାରି ରଖିଥିବାବେଳେ ଅପରାଧିଙ୍କ ଠକାମି ଜାରି ରହିଛି।

## ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ

ଜୟପୁର, ୦୧/୦୧ (ନି.ପ୍ର): ଜୟପୁର ସଦର ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ଉପସ୍ଥିତ ରହିଥିଲେ। ବୈଠକରେ ସଦର ଅଂଚଳର ବୁଦ୍ଧିଜୀବି ମାନେ ଉପସ୍ଥିତ ଥିଲେ। ସାଇବର କ୍ରାଇମ, ଗ୍ରାମାଂଚଳରେ ମଦ କାରବାର କୁ ରୋକିବା, ନାବାଳକ ମାନେ ବାଇକ ଚଲାଇବା ଉପରେ ରୋକ ଲଗାଇବା, ଚୋରି, ଲୁଟ ଅପରାଧକୁ ନିୟନ୍ତ୍ରଣ କରିବା ପାଇ ସଚେତନ ହେବା ଆଦି ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସାଇବର କ୍ରାଇମ ଉପରେ ଆଲୋଚନା କରାଯାଇଥିଲା। ଅଜଣା ଲୋକର କଲ ଆସିଲେ କୌଣସି ଗୁରୁତ୍ୱ ପୁର୍ଣ୍ଣ ନମ୍ବର ନଦେବା, ଓଟିପି ନମ୍ବର କାହାକୁ ନଦେବା, ଅପରଚିତ ଲୋକଙ୍କ ଫୋନ ରିସିଭ ନକରିବାକୁ ପୋଲିସ ତରଫରୁ ସଚେତନତା କରାଯାଇଥିଲା। ଆଇନ ଉପରେ ସଚେତନ କରିବା ସହ ବାଲ୍ୟ ବିବାହ ରୋକ ଲଗାଇବା ନେଇ ସଚେତନ କରାଯାଇଥିଲା। ଏହା ସହ ବାଇକ ଚଲାଇବା ସମୟରେ ହେଲମେଟ ବ୍ୟବହାର କରିବା ସହ ଘର ଭଡା ରହିବା ଲୋକ କାଗଜ ପତ୍ର ରଖିବା ସହ ପୋଲିସ କୁ ମଧ ସୁଚନା ଦେବାକୁ ସଚେତନ କରାଯାଇଥିଲା।

# ହତ୍ୟା ମାମଲାରେ ୩ ଅଭିଯୁକ୍ତ ଗିରଫ

ଜୟପୁର, ୦୧/୦୧ (ନି.ପ୍ର): କୋଟପାଡ଼ ଅଂଚଳରେ ଜଙ୍ଗଲରୁ ମିଳିଥିବା ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର ଘଟଣାର ପର୍ଦାଫାସ କରିଛି ପୋଲିସ। ମାତ୍ର ୧୦ ହଜାର ଟଙ୍କାକୁ କେନ୍ଦ୍ର କରି ଯୁବକଙ୍କୁ ତିନି ଜଣ ବ୍ୟକ୍ତି ଯୋଜନାବଦ୍ଧ ଭାବେ ଶକ୍ତ ହତିଆରରେ ହତ୍ୟା କରିଥିଲେ। ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ନେଇ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଏସପି ଉତ୍କଳ କେଶରୀ ଦାଶ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧରେ ଧନୁର୍ଜୟ ସୌରା, ଧନୁର୍ଜୟ ବିନ୍ଧାଣି ଏବଂ ତାଙ୍କର ଜଣେ ସହଯୋଗୀ ରହିଛନ୍ତି। ସେପଟେମ୍ବର ୯ / ୨୦୨୨ ତାରିଖ ଦିନ ଏହି ଶବ ଉଦ୍ଧାର ହୋଇଥିଲା। ଶବ ବ୍ୟବଚ୍ଛେଦ ପରେ ପୋଲିସ ଜାଣିବାକୁ ପାଇଲା ଏହି ବ୍ୟକ୍ତିଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଛନ୍ତି। ପ୍ରଥମେ ମୃତ ବ୍ୟକ୍ତିଙ୍କ ପରିଚୟ ଖୋଜି ବାହାର କରିଥିଲା ପୋଲିସ। ମୃତ ବ୍ୟକ୍ତି ଜଣକ ଅମନ ଜସବାଲ। ତାଙ୍କ ଘର ଉତର ପ୍ରଦେଶ। ସେ ଜଗଦଳପୁର ଦେଇ ଓଡ଼ିଶା ଭିତରକୁ ତାଙ୍କର କିଛି ସାଥିଙ୍କ ସହ ଆସିଥିଲେ। ଓଡ଼ିଶାରୁ କନାଭିସ ପ୍ଲାଣ୍ଟ ଟ୍ରାନ୍ସପୋର୍ଟ କରିବାର ପ୍ଲାନ କରିଥିଲେ। ହେଲେ ତାଙ୍କର ସମସ୍ତ ସାଥି ଫେରି ଯାଇଥିବା ବେଳେ ଅମନ ଟ୍ରାନ୍ସପୋର୍ଟ ପାଇଁ ଅଗ୍ରୀମ ୧୦ ହଜାର ଟଙ୍କା ଧନୁର୍ଜୟ ସୌରାଙ୍କୁ ଦେଇଥିଲେ। ହେଲେ ଟଙ୍କା ନେବେ ନଚେତ ମାଲ ନେବେ ବୋଲି କୋଟପାଡ଼ରେ ରହିଥିଲେ। ଅମନଙ୍କ ଟଙ୍କା ନେଇଥିବା ବ୍ୟକ୍ତି ଧନୁର୍ଜୟ ସୌରା ହିଁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ଏକ ବାଇକ ଯୋଗେ ଏମାନେ ଏକ ଜଙ୍ଗଲ ପାଖକୁ ଅମନଙ୍କୁ ନେଇଥିଲେ। ଅମନଙ୍କୁ ପ୍ରଥମେ ଏକ ଶକ୍ତ ହତିଆରରେ ପ୍ରହାର କରିଥିଲେ ଧନୁର୍ଜୟ ସୌରା। ପରେ ତାଙ୍କ ବେକକୁ କପଡ଼ାରେ ଚିପି ହତ୍ୟା କରିଥିଲେ। ହତ୍ୟା ପରେ ଅମନଙ୍କୁ ଉଲଗ୍ନ କରି ଏକ ନାଳିଆ ପାଖେ ଫିଙ୍ଗି ସେଠାରୁ ଚମ୍ପଟ ମାରିଥିଲେ ଏହି ତିନି ଦୁର୍ବୃତ।

# ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ବ୍ରହ୍ମବରଦା ଆଲଉମା ସ୍ପୋର୍ଟ୍ସ ଚାମ୍ପିଅନ୍

ଧର୍ମଶାଳା, ୦୧/୦୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ଆଲଉମା ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଏକ ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଂଟରେ ଜୟପୁର କ୍ଲବକୁ ହରାଇ ବ୍ରହ୍ମବରଦା ଆଲଉମା ସ୍ପୋର୍ଟ୍ସ ଚାମ୍ପିଅନ୍ ହୋଇଛି। ଏହି ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟକୁ ଶିକ୍ଷାବିତ୍ ମୌଲାନା ଇବ୍ରାହିମ୍ ଉଦଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଂଟରେ ଜାରକା, ବ୍ରହ୍ମବରଦା ସମେତ ଏପିଜେ ଅବଦୁଲ କଲାମ ଭଲଇବଲ ଟିମ୍ ଜୟପୁର ଓ ପ୍ରଗତି ସ୍ପୋର୍ଟିଂ ମୁଗପାଳ ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଜୟପୁର ଓ ବ୍ରହ୍ମବରଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମବରଦା ଚାମ୍ପିଅନ୍ ହୋଇଥିଲା। ଏହି ଖେଳ ଦେଖିବାକୁ ବରୀ ବିଧାୟିକା ସୁନନ୍ଦା ଦାସ ଓ ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ ଯୋଗ ଦେଇ ଖେଳ ଉପଭୋଗ କରିଥିଲେ। ପରୁସ୍କାର ବିତରଣୀ ଉତ୍ସବରେ ବରୀ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ ଯୋଗ ଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ମୁଖ୍ୟ ରେଫେରୀ ଅମର ସାହୁ, ବିବେକାନନ୍ଦ ଜେନା ଓ ସେକ୍ ରୁନ ଅମୀନ ପ୍ରମୁଖ ସହଯୋଗ କରିଥିଲେ। ଭାଷ୍ୟକାରଭାବେ ଅମୀୟ ପରିଡା, ରବିନାରାୟଣ ଜେନା, ମଂଟୁ ଦାସ ଓ ସ୍କୋରରଭାବେ ଲିଲେଫର ଆକିବ୍ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁନ, ଅବଦୁଲ ଦୟାନ ଖାଁନ, ହେମନ୍ତ କୁମାର ସାହୁ, ଆଲଉମା ସ୍ପୋର୍ଟ କ୍ଲବର ସଭାପତି ଆୟୁବ ଅଲ୍ଲୀ, ସମ୍ପାଦକ ଅକ୍ତର ହୋସେନ ଖାଁନ, ସଂଯୋଜକ ବିଜୟ ଦାସ, ମହମ୍ମଦ ନସାଦ, ଆବୁ ସାଏମା, ଅମୂଲ୍ୟ ରାଉତ, ତଜମୁଲ ହୋସେନ ଓ ଫିରଦୋସ ଖାଁନ ପ୍ରମୁଖ ଉପସ୍ଥିତ ରହି ଖେଳ ଉପଭୋଗ କରିବା ସହିତ ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ଅଂଚଳରୁ ଶହଶହ ସଂଖ୍ୟାରେ ଭଲିବଲ ପ୍ରେମୀ ଯୋଗ ଦେଇ ଖେଳ ଉପଭୋଗ କରିଥିଲେ।

# ଦୁଇ ଚୋରା କୋଇଲା ଟ୍ରକ ଜବତ : ୩ ଅଦାଲତ ଚାଲାଣ

କୋରାଇ, ୦୧/୦୧ (ନି.ପ୍ର): ପାଣିକୋଇଲି ପୁଲିସ ଦୁଇ ଚୋରା କୋଇଲା ଗାଡିକୁ ଜବତ କରିବା ସହ ଏହି ମାମଲାରେ ଆଜି ୩ ଜଣଙ୍କୁ ଅଦାଲତ ଚାଲାଣ କରିଛି। ପ୍ରକାଶ ଯେ ଦୁଇଟି ଚୋରା ୧୨ ଚକିଆ ଟ୍ରକ ଚୋରା କୋଇଲା ନେଇ ଯାଉଥିବା ସମୟରେ ପାଣିକୋଇଲି ପୁଲିସ ତାକୁ ଜବତ କରିବାରେ ସକ୍ଷମ ହୋଇଛି। ବିଶେଷସୂତ୍ରରୁ ଖବର ପାଇ ଶୁକ୍ରବାର ପୁଲିସ ରାଜପଥରେ ପୋଟ୍ରୋଲିଙ୍ଗ କରୁଥିବା ସମୟରେ କୁଆଖିଆ ପଟୁ ଭଦ୍ରକ ଅଭିମୁଖେ ଯାଉଥବା ୨ କୋଇଲା ବୋଝେଇଟ୍ରକ ( ଡବ୍ଲୁବି ୧୧ସି ୬୧୭୫ ଓଡବ୍ଲୁବି ୧୧ଡି ୨୪୨୫)କୁ ଅଟକାଇ ଯାଂଚ କରିଥିଲା। ଯାଂଚ ସମୟରେ କୋଇଲାର କୌଣସି କାଗଜାଦି ଦେଖାଇବାରେ ଚାଳକ ଦ୍ୱୟ ବିଫଳ ହୋଇଥିଲେ। ଫଳରେ ପୁଲିସ ଗାଡି ଦୁଇଟିକୁ ଆଣି ଥାନାରେ ତଦନ୍ତ କରିଥିଲା। ଏହି ଦୁଇଟି ଚୋରା କୋଇଲା ଚାଲାଣ ହୋଇଥିବା ଜାଣିବା ପରେ ଏକ ମାମଲା ୩୩୮/୨୨ ରୁଜୁ କରିଥିଲା। ଆଜି ଦୁଇ ଚାଳକ ବିହାର ରାଜ୍ୟ ନାଳନ୍ଦା ରାଜବୀର ଥାନା ଅନ୍ତର୍ଗତ ଚମନଡିହ ଗ୍ରାମର ଧୁରି ଯାଦବଙ୍କ ପୁଅ ରଣଜିତ ଯାଦବ(୩୦) ଓ ଉତରପ୍ରଦେଶ ରାଜ୍ୟ ଭାଉରପୁର ଥାନା ଅର୍ନ୍ତଗତ ପରସଦା ଗ୍ରାମର ବାସୁଦେବ ଯାଦବଙ୍କ ପୁଅ ନନ୍ଦଲାଲ ଯାଦବ(୪୬) ସମେତ ଯାଜପୁର ସଦର ଥାନା ଅର୍ନ୍ତଗତ ମହେଶ୍ୱରପୁର ଗ୍ରାମର ବନମାଳୀ ସାହୁଙ୍କ ପୁଅ ନାରାୟଣ ସାହୁ(୫୨)କୁ ଗିରଫ କରି ଦଫା ୩୭୯, ୧୨୦(ବି), ୪୧୧, ୩୪ଆଇପିସି ୨୧ ଏମଏମଡିଆର ଆକ୍ଟ ଓ ସେକସନ୧୨ ଓଡିଶା ମିନେରାଲ ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି।

## ହକି ବିଶ୍ୱକପ ଟ୍ରଫିକୁ ଜୟପୁରରେ ବିପୁଳ ସ୍ୱାଗତ

ଜୟପୁର, ୦୧/୦୧ (ନି.ପ୍ର): ଚଳିତ ବର୍ଷ ଓଡିଶା ବିଶ୍ୱକପ ହକି ଆୟୋଜନ କରୁଛି। ଏଥି ପାଇ କ୍ରିଡା ବିଭାଗ ତରଫରୁ ବିଶ୍ୱକପ ହକିର ଟ୍ରଫି ରାଜ୍ୟର ସମସ୍ତ ଜିଲା ପରିକ୍ରମା କରୁଛି। ଏହି ଟ୍ରଫି ଆଜି ଜୟପୁର ରେ ପହଂଚିଛି। ଜୟପୁର ରଜାନହର ଛକ ଠାରେ ବିଶ୍ୱକପ ଟ୍ରଫି ପହଂଚିବାପରେ ବିପୁଳ ସ୍ୱାଗତ କରାଯାଇଥିଲା। ପ୍ରଥମେ ଜୟପୁର ବିଧାୟକ ତାରା ପ୍ରସାଦ ବାହନିପତି ଟ୍ରଫିକୁ ସ୍ୱାଗତ କରିଥିଲେ। ଟ୍ରଫିକୁ ରଜାନହର ଭିତରକୁ ନିଯାଇଥିଲା।

# ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ କଲା ମାଲକାନଗିରି ଜିଲ୍ଲା ପ୍ରଶାସନ

ମାଲକାନଗିରି, ୦୧/୦୧ (ନି.ପ୍ର): ହକିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ହକି ବିଶ୍ୱକପ୍ ଟ୍ରଫି ବିଭିନ୍ନ ରାଜ୍ୟ ଓ ଆମ ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କରୁଛି। ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ହକି ବିଶ୍ୱକପ୍ ଟ୍ରଫିକୁ ଦିଆଯାଇଛି ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା। ଦେଶପ୍ରେମରେ ଉଦବୁଦ୍ଧ ହୋଇ ଟ୍ରଫିକୁ ମାଲକାନଗିରିବାସୀ ଉଲ୍ଲାସର ସହ ଦେଖି ଚକ ଦେ ଇଣ୍ଡିଆ ଧ୍ୱନି ଦେଇ ସ୍ୱାଗତ କରିଥିଲେ। କୋରାପୁଟରୁ ଆସିଥିବା ଟ୍ରଫିକୁ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ଗୋବିନ୍ଦପାଲିଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମାଥିଲି ଠାରେ ଅନୁରୂପ ଭାବେ ଟ୍ରଫିକୁ ସ୍ୱାଗତ କରାଯାଇଥିଲା। ମାଲକାନଗିରି ସଦର ମହକୁମାଠାରେ ଉପଜିଲ୍ଲାପାଳ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଉପସ୍ଥିତ ରହି ଭୈରବ ମନ୍ଦିର ଠାରେ ଟ୍ରଫିକୁ ସ୍ୱାଗତ କରିଥିଲେ। ସେଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଟ୍ରଫି ଡିଏନକେ ଖେଳ ପଡିଆ ପହଂଚିଥିଲା। ଡିଏନକେ ଖେଳପଡ଼ିଆ ଠାରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂ ହକି ବିଶ୍ୱକପ୍ ଟ୍ରଫି ଏବଂ ମାସ୍କଟ ଓଲିକୁ ସ୍ୱାଗତ କରିଥିଲେ। ସ୍ୱାଗତ ସମାରୋହରେ ଜିଲ୍ଲା ପରିଷଦ, ଅଧକ୍ଷ, ଶ୍ରୀମତୀ ସମାରୀ ଟାଙ୍ଗୁଲୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଲକାନଗିରି, ଅଧକ୍ଷ, ଶ୍ରୀ ଆଡମା ରାବା, ଚିତ୍ରକୋଣ୍ଡା ବିଧାୟକ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଶ୍ରୀ ନୀତେଶ ୱାଧ୍ୱାନି, ଡିଏଫଓ, ଶ୍ରୀ ପ୍ରତାପ କୋଟାପଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ବାକା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ବିଶ୍ୱକପ୍ ହକି ଭଳି ବିଶ୍ୱସ୍ତରୀୟ ସମ୍ମାନଜନକ ଟୁର୍ଣ୍ଣାମେଂଟକୁ ଓଡ଼ିଶା ଦୁଇ ଦୁଇ ଥର ଅୟୋଜନ କରିବା ଅତ୍ୟନ୍ତ ଗୌରବ କଥା। ପରେ ପଦ୍ମଗିରି ଏସଏସଡି ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ କୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଖେଳ ପଡିଆ ଠାରୁ ଟ୍ରଫି ଏକ ଭବ୍ୟ ଶୋଭାଯାତ୍ରାରେ ଷ୍ଟାଡିୟମ ଠାରେ ପହଂଚିଥିଲା। ଏଠାରେ ଜାତୀୟ ସ୍ତରରେ ସଫଳତା ଅର୍ଜନ କରିଥିବା କ୍ରୀଡାବିତ୍ ଓ ଫୁଟବଲ ଏବଂ ହକିରେ ବିଜୟ ହାସଲ କରିଥିବା ଦଳକୁ ଅତିରିକ୍ତ ଜିଲ୍ଲପାଳ, ଶ୍ରୀ ମହେଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ, ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ରତ୍ନାକର ସାହୁ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଶ୍ରୀ ତ୍ରିନାଥ ମାଝୀ ସମ୍ମାନିତ କରିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗରୁ ଆସିଥିବା ଡ଼ଃ ବାଦଲ ମହାନ୍ତୀ, ଶ୍ରୀ ଜଗେନ୍ଦ୍ର ମାଝୀଙ୍କ ସମେତ ଟ୍ରଫି ସହ ଆସିଥିବା ସମସ୍ତ ସହଯୋଗୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାର ବଣ୍ଡା, କୋୟା ଓ ଦୁରୁଆ ସମ୍ପ୍ରଦାୟ ସେମାନଙ୍କର ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏନସିସି, ମିଶନ ଶକ୍ତିର ସଦସ୍ୟା, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡା ଛାତ୍ରାବାସର ପ୍ରଶିକ୍ଷାର୍ଥୀ ଏବଂ ବୁଦ୍ଧିଜୀବି ମଧ ଏହି ସମାରୋହରେ ସାମିଲ ହୋଇଥିଲେ। ଶେଷରେ ଷ୍ଟାଡିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ଖେମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଉପଜିଲ୍ଲାପାଳ, ପିଏ ଆଇଟିଡିଏ ଏବଂ କ୍ରୀଡ଼ା ଅଧିକାରୀ ଶ୍ରୀ ଧ୍ରୁବଚରଣ ମୁଦୁଲି ମାଲକାନଗିରି- କୋରାପୁଟ ସୀମାଠାରେ ଟ୍ରଫିକୁ ଜିଲ୍ଲା ପ୍ରଶାସନ ତରଫରୁ ବିଦାୟ ଜଣାଇଥିଲେ।

# ବଲାଙ୍ଗିର ସହରରେ ଟ୍ରାଫିକ ଇଣ୍ଡିକେଟର ଲାଇଟ୍ ବ୍ୟବସ୍ଥା, ସମୟ ସୂଚିକା ନାହିଁ

ବଲାଙ୍ଗିର, ୦୧/୦୧ (ନି.ପ୍ର): ବଲାଙ୍ଗିର ସହର ଟ୍ରାଫିକ ବ୍ୟବସ୍ଥା ଏବେ ନିକଟରେ ସବୁ ବଡ ଛକରେ ଟ୍ରାଫିକ ଇଣ୍ଡିକେଟର ଲାଇଟ୍ ବ୍ୟବସ୍ଥାରେ ନିୟନ୍ତ୍ରଣ ହେଉଛି। ସକାଳ ୮ ଟାରୁ ଆରମ୍ଭ ହୁଏ ଟ୍ରାଫିକ୍ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ମାନଙ୍କ ଡ୍ୟୁଟି। ଆଜି ୩୧ ଡିସେମ୍ବର ସକାଳ ଠିକ୍ ଆଠଟାରୁ ଇଣ୍ଡିକେଟର ଲାଇଟ୍ କାମ ଆରମ୍ଭ ହୋଇଥିଲା। ପୁରୁଣା ପାଟଣା ହୋଟେଲ୍ ଛକ ଠାରେ ପାଂଚଟି ଦିଗରୁ ଯାନବାହାନ ନିୟନ୍ତ୍ରିତ ହୁଏ। କିଏ ଯେଉଁସବୁ ପଟରୁ ଆସିଲା ସୁନା ପିଲା ପରି ନିଜର ପାଳି ଅନୁସାରେ ରାସ୍ତା ଅତିକ୍ରମ କଲା ଲାଇଟ୍ କୁ ଦେଖି। ସକାଳ ୮ଟା ୩୦ ପର୍ଯ୍ୟନ୍ତ ଟ୍ରାଫିକ ଦାୟିତ୍ୱରେ କୌଣସି କର୍ମଚାରୀମାନେ ଉପସ୍ଥିତ ନଥିଲେ ମଧ ଯିଏ ଯେପରି ଟ୍ରାଫିକ ନିୟମ ମାନି ଯାଆସ କରୁଥିଲେ। ଏଠାରେ ଏତେ ଟଙ୍କା ଖର୍ଚ କରି ଏହି ବ୍ୟବସ୍ଥା ହୋଇଥିଲେ ମଧ ସବୁଆଡୁ ସମୟ ସୂଚିକା ବ୍ୟବସ୍ଥା ନାହିଁ, ତେଣୁ କେତେ ସମୟ ଅପେକ୍ଷା କରିବାକୁ ପଡିବ ଜାଣି ହେଉନାହିଁ। ସି ସି ଟିଭି ସର୍ଭଲାନ୍ସ ବ୍ୟବସ୍ଥା ହୋଇଛି। ଯାହାର ସିଧାସଳଖ କଣ୍ଟ୍ରୋଲ ଓ ଦେଖିବା ବ୍ୟବସ୍ଥା ପୋଲିସ ମୁଖ୍ୟାଳୟରେ ରହିଛି। ଏହା ବରିଷ୍ଠ ପୁଲିସ ଅଧିକାରୀଙ୍କ ନଜରରେ ଥିବାରୁ ସେ ସମସ୍ତ ବିଷୟରେ ନଜର ରଖି ପାରୁଥିବେ।

# ସାହିତ୍ୟରେ ଅନୁଭବ ଓ ଅସ୍ମିତାର ପ୍ରତିଫଳନ ଗୁରୁତ୍ୱପୂର୍ଣ୍ଣ କବିତା ପୁସ୍ତକ ପତ୍ରକାର ପ୍ରତିଛାୟା ଲୋକାର୍ପିତ

ଭୁବନେଶ୍ୱର, ୦୧/୦୧ (ନି.ପ୍ର): ଓଡ଼ିଆ ସାହିତ୍ୟର ଏକ ବିସ୍ତୃତ ଓ ମହାନ ପରମ୍ପରା ରହିଛି। ତାର ଅନୁସରଣରେ ଓଡ଼ିଆ ସାହିତ୍ୟ ତାର ଜୟଯାତ୍ରା ଅବ୍ୟାହତ ରଖିଛି। ସାହିତ୍ୟରେ ଅନୁଭବ ଓ ଅସ୍ମିତାର ପ୍ରତିଫଳନ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରସିଦ୍ଧ କବି ଡ଼. ଫନୀ ମହାନ୍ତି ମତବ୍ୟକ୍ତ କରିଛନ୍ତି। ଆଜି ସନ୍ଧ୍ୟାରେ ସାମ୍ବାଦିକ କବି ବିବେକାନନ୍ଦ ଜେନାଙ୍କ କବିତା ପୁସ୍ତକ ପତ୍ରକାରର ପ୍ରତିଛାୟାର ଲୋକାର୍ପଣ କାର୍ଯ୍ୟକ୍ରମରେ ଡ. ମହାନ୍ତିଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ କବିଙ୍କ ସାରସ୍ୱତ ଯାତ୍ରାର ସଫଳତା କାମନା କରିଛନ୍ତି।

ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି ଡ. ମହାନ୍ତି ସମକାଳୀନ ଓଡ଼ିଆ କବିତା ଜୀବନ, ସମ୍ପର୍କ ଓ ସମାଜର ବିବିଧ ବିନ୍ଦୁଗୁଡ଼ିକୁ ସ୍ପର୍ଶ କରିଛି ବୋଲି କହିଥିଲେ। ସଫଳ ଅନୁବଦ ମାଧ୍ୟମରେ ଓଡ଼ିଆ ସାହିତ୍ୟକୃତିଗୁଡ଼ିକ ଜାତୀୟ ଓ ବିଶ୍ୱସ୍ତରରେ ପ୍ରଶଂସିତ ହୋଇପାରିବାର ଯୋଗ୍ୟତା ରଖନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। କଥାକଳିକାର ମୁଖ୍ୟ ସମ୍ପାଦିକା ତଥା ଖ୍ୟାତନାମା ଅନୁବାଦିକା ସୁପ୍ରଭା ରାୟ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତା ଓ ସାହିତ୍ୟ ସାଧନା ମଧ୍ୟରେ ସମନ୍ୱୟ ରକ୍ଷା କରି କବି ସୃଜନମନସ୍କ ହୋଇପାରିଛନ୍ତି ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ଚୌଦ୍ୱାର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ କାନୁନଗୋ (ମହାନ୍ତି) ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିକୂଳତା ଓ ସମସ୍ୟା ସହ ସଂଗ୍ରାମ କରି ପ୍ରତିଭାର ଯେପରି ବିକାଶ ଘଟିଥାଏ, ସେହିପରି କବିଙ୍କ ସାହିତ୍ୟ ସାଧନା ସାମ୍ବାଦିକତାର କଷଟି ପଥରରେ ଉଜ୍ଜ୍ୱଳ ହୋଇପାରିଛି ବୋଲି ପ୍ରକାଶ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଆଶା କରିଥିଲେ। ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପୁସ୍ତକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ବିବେକାନନ୍ଦଙ୍କ କବିତାରେ ଆଡ଼ମ୍ବର, ଚାତୁରୀ, ଦେର୍ଚ୍ଛାପଣ ଓ କୃତ୍ରିମତା ନ ଥାଇ ସରକାରୀ ଓ ଉପସ୍ଥାପନାରେ ସ୍ୱଚ୍ଛତା ପରିଲକ୍ଷିତ ହୋଇଛି ବୋଲି କହିଥିଲେ। ସଭାପତି ଶ୍ରୀ ପଟ୍ଟନାୟକ ଜୀବନ ଓ ସମାଜରେ ପରିଦୃଷ୍ଟ ରୁକ୍ଷରୂଢ଼ ବାସ୍ତବତା କବିଙ୍କୁ ଆନ୍ଦୋଳିତ କରିଛି ବୋଲି ମତ ଦେଇ ତାଙ୍କର କବିତାଂଶ ପାଠ କରିଥିଲେ। କାର୍ଯ୍ୟକ୍ରମ ଆରମଭରେ ପ୍ରୀତିଛନ୍ଦା ଧଳ ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସୁସାହିତ୍ୟିକ ପଂଚାନନ କାନୁନଗୋ ଓ ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର ବକ୍ତବ୍ୟ ରଖି କବିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। କବି ଶ୍ରୀ ଜେନା ଲେଖକୀୟ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ବିଶିଷ୍ଟ ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଶେଷର ଧନ୍ୟବାଦ ଅର୍ପଣ କରିଥିଲେ।

# ପଏଁରୀ ତିହାର ଅବସରରେ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ

ସୁବର୍ଣ୍ଣପୁର, ୦୧/୦୧ (ନି.ପ୍ର): ସ୍ଥାନୀୟ ମା ସୁରେଶ୍ୱରୀ ମନ୍ଦିର ପରିସର ରେ ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ଉତ୍ସବ ପାଳନ ଅବସର ରେ ଏକ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ଶ୍ରୀ ଲକ୍ଷ୍ମୀ ନାରାୟଣ ମେହେର ଙ୍କ ପରାମର୍ଶ କ୍ରମେ ସଂଘ ଉପଦେଷ୍ଟା ଗରିବ ଲୋଇ ତତ୍ତ୍ୱାବଧାନ ରେ ମନୋରଞ୍ଜନ ତ୍ରିପାଠୀ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସଂଘ ର ଉଦ୍ୟୋକ୍ତକ୍ଷ ସୟଦ ଅଲିମୁଲ ଇସଲାମ, ପ୍ରହଲ୍ଲାଦ ମିଶ୍ର, ଲଡୁ କିଶୋର ମଲ୍ଲିକ, ପ୍ରଫୁଲ୍ଲ ନାଏକ, କ୍ରୀଷ୍ଣା ମେହେର,, ଜୟ ନାରାୟଣ ସାହୁ, ରାମ ଚନ୍ଦ୍ର ଅଗ୍ରୱାଲା, ପ୍ରତାପ ଦାଶ, ଗଣେଶ ମିଶ୍ର, ପ୍ରମୋଦ ମହାଣକ୍ଷ, ଗୋପାଳ ମେହେର, ପ୍ରମୋଦ କୁମାର ସାହୁ, ଡା, ସରୋଜ ପଟେଲ, ,ନାରାୟଣ ରଥ, ତରଣୀ ମେହେର, ଅମର ଭୁତ, ସିମାଞ୍ଚଳ ହୋତା, ,ପ୍ରମୋଦ ମକ୍ଷହଣା, ଜୟନ୍ତ ବେହେରା, କ୍ରିଷ୍ଣା ମେହେର, ଅମର ଭୁତ, ,ତରଣୀ ମେହେର, ତ୍ରିଲୋଚନ ତରିଆ, ଦିଲ୍ଲୀପ ଭୁକ୍ତା, ଗୋକୁଳ ଠାକୁର ପ୍ରମୁଖ ସ୍ୱଚ୍ଛ ଭାରତ ର ଅନେକ ସଭ୍ୟ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ମନ୍ଦିର ପରିସର ରେ ଅଳିଆ ଆବର୍ଜନା ଓ ପଲିଥିନ ସଫେଇ କରି ଜନ ସାଧାରଣ ଙ୍କୁ ସଚେତନ କରାଇଥିଲେ।

# ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ: ବିଏମସିସି ଗୋଳକୁଣ୍ଡକୁ ହରାଇ ପ୍ରଗତି ସ୍ପୋର୍ଟିଂ ଚାମ୍ପିଅନ୍

ଧର୍ମଶାଳା, ୦୧/୦୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ହାଜିରହିମିଆଁ ଖେଳପଡିଆରେ ୟଙ୍ଗଷ୍ଟାର କ୍ରିକେଟ ପକ୍ଷରୁ ଚାଲିଥିବା ୧୪ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି। ଉଦଯାପନି ଫାଇନାଲ ମ୍ୟାଚରେ ମା' ବଟ ମଙ୍ଗଳା କ୍ରିକେଟ କ୍ଲବ ଗୋଳକୁଣ୍ଡକୁ ୬ ଉଇକେଟରେ ହରାଇ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଚାମ୍ପିଅନ୍ ହୋଇଛି। ବିଏମସିସି ଗୋଳକୁଣ୍ଡ ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ଓଭର ମଧ୍ୟରୁ ୨୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶିବସୁନ୍ଦର ଦାସ ସର୍ବାଧିକ ୬୧ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ସୁମନ ଦାସ ୨୦ ରନ ଦେଇ ୩ଟି ୱିକେଟ ନେଇଥିଲେ।

୧୬୭ ରନର ବିଜୟ ଲକ୍ଷ ନେଇ ପ୍ରଗତି ସ୍ପୋର୍ଟିଂ ୨୪ ଓଭରରେ ୬ ୱିକେଟ ହରାଇ ବିଜୟ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମିଲନ ସାମଲ ୫୭ ଓ ସ୍ମୃତି ରଂଜନ ସ୍ୱାଇଁ ୪୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ବୋଲର ଲେଲିନ ବଳ ଓ ଶିବସୁନ୍ଦର ଦାସ ପ୍ରତ୍ୟେକ ୨ଟି ଲେଖାଁଏ ୱିକେଟ ନେଇଥିଲେ। ଆଜିର ଫାଇନାଲ ଖେଳକୁ ସୁବ୍ରତ ଜେନା ଓ ଦେବରାଜ ମିଶ୍ର ପରିଚାଳନା କରିଥିଲେ। ଭାଷ୍ୟକାରଭାବେ ଅମୀୟ କୁମାର ପରିଡା, ବିରେଶ ମହାନ୍ତି ଓ ମଂଟୁ ଦାସ ଓ ସ୍କୋରଭାବେ ଜୁଲଫିକର ଅଲ୍ଲୀ, ରାଜେଶ ଦେଓ ଓ ସୁମନ ବେହେରା ପ୍ରମୁଖ ସହଯୋଗ କରିଥିଲେ। କ୍ଲବର କୋଷାଧ୍ୟକ୍ଷ ଉଦୟଭାନୁ ଦେଓଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇ ଚାମ୍ପିଅନ୍ ଓ ରନଅରସ୍‌ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିଏମସିସିର ଶିବସୁନ୍ଦରଙ୍କୁ ମ୍ୟାନ ଅଫଦ ସିରିଜ ଓ ପ୍ରଗତି ସ୍ପୋର୍ଟିଂର ମିଲନ ସାମଲଙ୍କୁ ମ୍ୟାନ ଅଫଦ ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ, ସମିତିସଭ୍ୟା ରୁକସାନା ପରୱିନ, ପୂର୍ବତନ ସରପଂଚ ବିପିନ ବିହାରୀ ଦେଓ, ପୂର୍ବତନ ସମିତି ସଭ୍ୟ ଅବଦୁଲ ଦୟାନ ଖାଁ, ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁନ, ଯୁବ ନେତା ପ୍ରଦିପ ଦାସ, ପଂଚାନନ ରାଉତ ଓ ନିମାଇଁ ଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ଟୁର୍ଣ୍ଣାମେଂଟ ପରିଚାଳନାରେ ୟଙ୍ଗଷ୍ଟାର କ୍ଲବର ସଭାପତି ରାକେଶ ଦେଓ, ସମ୍ପାଦକ ଅମୂଲ୍ୟ ରାଉତ, ସହ-ସମ୍ପାଦକ ସଂଗ୍ରାମ ମହାନ୍ତି, ଉମେଶ ଚନ୍ଦ୍ର ବଟ ଓ ବାବୁନା ବେହେରାଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ପ୍ରମୁଖ ସହଯୋଗ କରିଥିଲେ। ଏହି ଟୁର୍ଣ୍ଣାମେଂଟରେ ମୋଟ ୮ଗୋଟି କ୍ରିକେଟ ଟିମ ଯୋଗ ଦେଇଥିଲେ।

## ସଂକଳ୍ପର ଭାଷା...

(ପୃଷ୍ଠା ୪ର ଅବଶିଷ୍ଟ) ବିକ୍ରମର ବିକ୍ରମ : ନଭେମ୍ବର ମାସରେ ଘରୋଇ ରକେଟ ବିକ୍ରମ-ଏସ ଲଞ୍ଚ କରି ଭାରତ କମର୍ସିଆଲ ସ୍ପେସ କ୍ଷେତ୍ରରେ ଏକ ନୂଆ ଯୁଗରେ ପାଦ ଦେଇଥିଲା। ଏଥିସହ ଆମେରିକା, ଇୟୁ, ଜାପାନି, ଜର୍ମାନୀ, ଋଷିଆ ଓ ଚୀନ ଆଦି ଦେଶ ସହ ସମକକ୍ଷ ହୋଇପାରିଥିଲା। ଏଥିପୂର୍ବରୁ ମହାକାଶକୁ ରକେଟ ଉତକ୍ଷେପଣ ଲାଗି କେବଳ ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟାସ୍ଥିତ ସରକାରୀ ଲଞ୍ଚପ୍ୟାଡ଼କୁ ବ୍ୟବହାର କରାଯାଉଥିଲା। ବିଦାୟୀ ବର୍ଷ ଭାରତ ଘରୋଇ ଲଞ୍ଚ ପ୍ୟାଡ଼ ମଧ୍ୟ ନିର୍ମାଣ କରିଥିଲା।

ଘରେ ଘରେ ତ୍ରିରଙ୍ଗା : ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପୂର୍ବରୁ ସମଗ୍ର ଦେଶରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପେଗାସସ ପର୍ଦ୍ଦାଫାସ : ପେଗାସସ ବିବାଦ ଭାରତୀୟ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ହଡ଼କମ୍ପ ସୃଷ୍ଟି କରିଥିଲା।

ଟାର୍ଗେଟ କିଲିଂ ଟ୍ରାଜେଡ଼ି : ଜାମ୍ମୁ-କାଶ୍ମୀରରେ କାଶ୍ମୀର ପଣ୍ଡିତ ଓ ପ୍ରବାସୀ ଶ୍ରମିକମାନଙ୍କୁ ଟାର୍ଗେଟ କିଲିଂ ବିଦାୟୀ ବର୍ଷରେ ବଡ଼ ଯନ୍ତ୍ରଣାଦାୟକ ଥିଲା।

ନୂଆ ସିଡିଏସ : ଦେଶରେ ନୂଆ ସିଡିଏସ ଭାବେ ଜେନେରାଲ ଅନୀଲ ଚୌହାନ ନିଯୁକ୍ତି ପାଇଥିଲେ। ସେପ୍ଟେମ୍ବର ୩୦ ତାରିଖରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ।

ଦୋଷୀଙ୍କୁ ଛାଡ଼ିଦେଲେ : ୨୦୦୨ ଗୋଧ୍ରା ହିଂସାକାଣ୍ଡ ସମୟରେ ବହୁ ଚର୍ଚ୍ଚିତ ବିଲକିସ ବାନୋ ଗଣବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ ଦଣ୍ଡ ଭୋଗୁଥିବା ଏଗାର ଜଣ କଏଦୀଙ୍କୁ ମୁକ୍ତ କରିଦିଆଗଲା।

ଭାରତ ଚୀନ ସୀମାରେ ବିବାଦ : ଚୀନ ବର୍ଷସାରା ସୀମାରେ ଭାରତକୁ ନାକେଦମ କରିଥିଲା। ବିଶେଷକରି ଗଲୱାନ ଠାରୁ ଆରମ୍ଭ କରି ତୱାଙ୍ଗ ପର୍ଯ୍ୟନ୍ତ ଚୀନର ହରକତ ଯୋଗୁ ଭାରତୀୟ ସେନା ଓ କେନ୍ଦ୍ର ସରକାର ଅଡୁଆର ସମ୍ମୁଖୀନ ହୋଇଥିଲେ।

ମୋରବି ମହାଦୁଃଖ : ବର୍ଷର ଶେଷଆଡ଼କୁ ମୋରବି ଝୁଲାପୋଲ ଦୁଃଖ ଦେଇ ଚାଲିଗଲା। ଝୁଲାପୋଲ ଭୁଶୁଡି ପଡ଼ିବା ଫଳରେ ୧୩୫ ଜଣ ପ୍ରାଣ ହରାଇଥିଲେ।

ହିଜାବ ବିବାଦ : ଶିକ୍ଷାନୁଷ୍ଠାନରେ ହିଜାବ ପରିଧାନକୁ ନେଇ ବର୍ଷଟି ବିବାଦୀୟ ରହିଥିଲା। ସ୍କୁଲ ୟୁନିଫର୍ମକୁ ନେଇ ଫେବୃଆରୀ ମାସ ଆରମ୍ଭରୁ କର୍ଣ୍ଣାଟକରୁ ସୂତ୍ରପାତ ହୋଇଥିବା ଏହି ବିବାଦ ଧୀରେ ଧୀରେ ସାରା ଦେଶକୁ ବ୍ୟାପିଥିଲା।

ଜେଲରେ ଜୈନ : ଚଳିତ ବର୍ଷ ଦିଲ୍ଲୀର ଶିକ୍ଷାମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଲାଗି ଭଲ ନଥିଲା। ଦୁର୍ନୀତି ଓ ମନି ଲଣ୍ଡରିଂ ଅଭିଯୋଗରେ ଇଡି ମେ ମାସରେ ତାଙ୍କୁ ଗିରଫ କରିଥିଲା।

ମଦ ମୃତ୍ୟୁର ମହାତାଣ୍ଡବ : ଚଳିତ ବର୍ଷ ମଦମୃତ୍ୟୁ ମହାତାଣ୍ଡବ ରଚିଥିଲା। ବିଶେଷକରି ବିହାର ଓ ଗୁଜୁରାଟ ଭଳି ମଦ ବ୍ୟାନ ହୋଇଥିବା ଦୁଇଟି ରାଜ୍ୟରେ ଏଭଳି ଅଘଟଣକୁ ଦେଶବାସୀ ସହଜରେ ଗ୍ରହଣ କରିପାରି ନଥିଲେ।

ରାଜ୍ୟ ରାଜ୍ୟପାଳ ବିବାଦ : ସ୍ୱାଧୀନତାର ୭୫ ବର୍ଷ ଇତିହାସରେ ପ୍ରଥମ ଥର ଲାଗି ବିଦାୟୀ ବର୍ଷରେ ରାଜ୍ୟପାଳ ପଦକୁ ନେଇ ବଡ଼ ପ୍ରଶ୍ନ ଉଠିଥିଲା। ଅଣବିଜେପି ଶାସିତ ରାଜ୍ୟ ସରକାର ଓ ସେଠାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତି ରାଜ୍ୟପାଳଙ୍କ ମଧ୍ୟରେ ବର୍ଷସାରା ବିବାଦ ଲାଗି ରହିଥିଲା।

ମୁସେୱାଲାଙ୍କୁ ମାରିଦେଲେ : ବିଦାୟୀ ବର୍ଷର ଚର୍ଚ୍ଚିତ ବିବାଦଗୁଡ଼ିକ ମଧ୍ୟରେ ପଞ୍ଜାବୀ ସିଙ୍ଗର ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡ ପ୍ରମୁଖ ଥିଲା।

ବିବାଦୀୟ ଭାଷଣ କାଳ ହେଲା : ବିଜେପି ମୁଖପାତ୍ର ନୂପୁର ଶର୍ମାଙ୍କ ପ୍ରଫେଟ ମହମ୍ମଦ ବିରୋଧୀ ମନ୍ତବ୍ୟ ଚଳିତ ବର୍ଷ ଅନ୍ୟତମ ବିବାଦୀୟ ପ୍ରସଙ୍ଗ ରହିଥିଲା।

ସର୍ବବୃହତ ଶିବମୂର୍ତ୍ତି : ରାଜସ୍ଥାନରେ ବିଶ୍ୱର ସର୍ବବୃହତ ଶିବମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଅକ୍ଟୋବର ମାସରେ ରାମକଥା ପ୍ରବଚକ ମୁରାରୀ ବାପୁ ଏହାକୁ ଉନ୍ମୋଚନ କରିଥିଲେ।

♥ ଦୂରସଞ୍ଚାର ଭବନ, ଲିଙ୍କରୋଡ୍, କଟକ,
ମୋ: ୯୪୩୭୦୦୪୮୮୮

## ବେନର ଛିଣ୍ଡାଇବାକୁ କେନ୍ଦ୍ର କରି ଉତ୍ତେଜନା

ବସ୍ତା,୦୧/୦୧ (ନି.ପ୍ର): ବେନର ଛିଡାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି । ଘଟଣାରୁ ଜଣାପଡିଛି ବସ୍ତା ଥାନା ଅଧିନସ୍ଥ ବ୍ରାହ୍ମଣଦା ପଞ୍ଚାୟତ ରଣାମୁଣ୍ଡଳୀ ଗ୍ରାମର ଷ୍ଟେସନ ବଜାର ନିକଟ ଆର ଆଇ ଅଫିସ ନିକଟରେ ନୂଆ ବର୍ଷ ପାଇଁ ଏକ ଅଭିନନ୍ଦନ ବେନର ଟଙ୍ଗା ଯାଇଥିଲା । ହେଲେ ଉକ୍ତ ଗ୍ରାମର ଗଦା ରାମ ଙ୍କର ସ୍ତ୍ରୀ ର ଫୋଟ ସେହି ବେନର ରେ ସ୍ଥାନିତ ହୋଇଥିଲା । କାହିଁକି ମୋର ସ୍ତ୍ରୀ ର ଫୋଟ ଲଗାଇଅଛି ବୋଲି କହି ଗଦା ରାମ ବେନରକୁ ଛିଣ୍ଡାଇ ତଳେ ପକାଇଦେଇଥିଲେ । ଖବର ପାଇ ବିଜେଡି କର୍ମୀ ମାନେ ଆସି ଉକ୍ତ ଯୁବକ ସହିତ ପାଟିତୁଣ୍ଡ କରିଥିଲେ । କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା ।

## ହୃଦଘାତରେ ଯୁବକଙ୍କ ମୃତ୍ୟୁ

ବସ୍ତା,୦୧/୦୧ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମରେ ଆଜି ଜଣେ ଯୁବକଙ୍କ ହୃଦଘାତ ରେ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ଅବଦୁଲ ସର୍ଫରାଜ ଖାଁ ( ୪୬)ବର୍ଷ। ସେ ଦୀର୍ଘ ଦିନ ଧରି କିଡ଼ନୀ ଓ ହୃଦଘାତ ଜନିତ ରୋଗରେ ପୀଡିତ ଥିଲେ । ଗତକାଲି ରାତିରେ ଖାଇ ସାରି ସୋଇଥିଲେ । ହଠାତ ଛାତିରେ ଭୀଷଣ ଯନ୍ତ୍ରଣା ହେବାରୁ ପରିବାରଲୋକେ ତାଙ୍କୁ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରା ରେ ନିଆଯାଇ ଗାଁ କବରସ୍ଥାନ ରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା । ତାଙ୍କର ଦୁଇ ପୁଅ ଓ ସ୍ତ୍ରୀ ଅଛନ୍ତି ।

## ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ନେତାଙ୍କ ଭିଡ଼

ଭୁବନେଶ୍ୱର,୦୧/୦୧ (ନି.ପ୍ର): ଇଂରାଜୀ ନବ ବର୍ଷ ଅବସରରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଯାଇ ରାଜ୍ୟର ମନ୍ତ୍ରୀ, ବିଧାୟକ ଓ କର୍ମୀ ମାନେ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଛି । ଆଜି ସକାଳୁ ଦଳୀୟ ନେତା ମାନେ ନବୀନ ନିବାସ ପହଂଚି ତାଙ୍କୁ ଇଂରାଜୀ ନବ ବର୍ଷର ଶୁଭେଚ୍ଛା ଜଣା ଇଥିଲେ । ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଟୁକୁନି ସାହୁ, ସମୀର ଦାସ, ଅତନୁ ସବ୍ୟସାଚୀ ନାୟକ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ନବ ବର୍ଷର ଶୁଭେଚ୍ଛା ଜଣାଇଥିଲେ । ସେହିପରି , ଦେବୀ ମିଶ୍ର, ଶ୍ରୀମୟୀ ମିଶ୍ରଙ୍କ ଭଳି ପ୍ରମୁଖ ନେତା ମନ୍ତ୍ରୀ ନବୀନ ନିବାସରେ ପହଂଚି ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କେବଳ ବିଧାୟକ କି ମନ୍ତ୍ରୀ ନୁହନ୍ତି, ତୃଣମୂଳ ସ୍ତରରେ ନେତା ବି ଦଳ ସଭାପତିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି । ଅଭିନନ୍ଦନ ଜଣାଇବାକୁ ନବୀନ ନିବାସରେ ପ୍ରଶଂସକଙ୍କ ଭିଡ଼ ବି ଦେଖିବାକୁ ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆମେରିକାରେ ବ୍ୟାପୁଛି ....

ବୃଦ୍ଧି କରିପାରେ, କିନ୍ତୁ ଗୁରୁତର ରୋଗୀଙ୍କ ସଂଖ୍ୟା କମ୍ ରହିବ । ମାସ୍କ ପିନ୍ଧିବା ଓ ସତର୍କ ରହିଲେ ସ୍ଥିତି ନିୟନ୍ତ୍ରଣରେ ରହିବ । ନୂଆବର୍ଷରୁ ବିଦେଶ ଫେରନ୍ତା ପାଇଁ କଡ଼ାକଡ଼ି ହେବ କଟକଣା । ଚୀନ୍ ସମେତ ୬ ଦେଶରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଆରଟିପିସିଆର ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି । ଅର୍ଥାତ୍ ଯାତ୍ରା କରିବାର ୭୨ ଘଂଟା ମଧ୍ୟରେ ନେଗେଟିଭ୍ ରିପୋର୍ଟ ଏୟାର ସୁବିଧା ପୋର୍ଟାଲରେ ଅପଲୋଡ୍ କରିବେ ଯାତ୍ରୀ । ଯଦି ରିପୋର୍ଟ ଦାଖଲ କରିନଥିବେ, ତାହେଲେ ଭାରତରେ ସେମାନଙ୍କୁ ପ୍ରବେଶ ମିଳିବ ନାହିଁ । ଚୀନ, ହଂକଂ, ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଓ ଥାଇଲ୍ୟାଣ୍ଡରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଆରଟିପିସିଆର ଟେଷ୍ଟ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି । ଗତ ସପ୍ତାହରେ ଆଗାମୀ ୪୦ ଦିନ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସତର୍କ କରିଥିଲା ।

### ପ୍ରଥମ ଦିନରେ ମହାପ୍ରଭୁଙ୍କୁ ....

ପୀଠରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି । ମାଆଙ୍କ ଦର୍ଶନ ପରେ ଚିଲିକାର ନୀଳ ଜଳରାଶି ଓ ସାତପଡାରେ ଡଙ୍ଗାରେ ବୁଲି ଡଲଫିନ ଦେଖିବାକୁ ଜମିଛି ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକଙ୍କ ଭିଡ । ଓଡିଶାର ଅନ୍ୟତମ ଶକ୍ତିପୀଠ ବାଙ୍କିର ଚର୍ଚ୍ଚିକା ମନ୍ଦିରରେ ମାଆଙ୍କ ନବଯୌବନ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି । ସେପଟେ ଘଟଗାଁ ତାରିଣୀ ପୀଠରେ ମାଆଙ୍କ ସୁନାବେଶ ଦର୍ଶନ କରି ଭକ୍ତମାନେ ନୂଆ ଆଶା ଓ ନୂଆ ବିଶ୍ୱାସ ନେଇ ଘରକୁ ଫେରୁଛନ୍ତି । ନୂଆବର୍ଷର ପ୍ରଥମ ଦିନରେ ନନ୍ଦନକାନନ ପରିଭ୍ରମଣର ମଜା ନେଉଛନ୍ତି ହଜାର ହଜାର ପର୍ଯ୍ୟଟକ । ଟିକେଟ ଘରଠୁ ପ୍ରବେଶ ଫାଟକ ପର୍ଯ୍ୟନ୍ତ ଲମ୍ୱା ଲାଇନ ଲାଗିଛି । ବାଘ, ଭାଲୁ, ହରିଣ, ଜିରାଫ, ସିମ୍ପାଞ୍ଜି ଠାରୁ ଆରମ୍ଭ କରି ବିଭିନ୍ନ ପକ୍ଷୀ ଖୁଆଡ ଆଗରେ ଧାଡିବାନ୍ଧି ଲୋକେ ଦେଖୁଛନ୍ତି । କୁନି କୁନି ପିଲା ପରିବାର ସଦସ୍ୟଙ୍କ ଲୋକଙ୍କ ସହ ଖେଳକୁଦ କରି ମଜା ଲୁଟିଛନ୍ତି । ସେପଟେ ଅସ୍ତରଙ୍ଗର ମଙ୍ଗଳା ମନ୍ଦିର ଓ ଯାଜପୁରର ବିରଜା ମନ୍ଦିରରେ ଠାକୁରାଣୀଙ୍କ ଦର୍ଶନ କରି ନୂଆ ବର୍ଷ ପାଇଁ ମଙ୍ଗଳକାମନା କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ ।

### ବର୍ଷର ଶେଷ ରାତିରେ....

କଏଦ ହୋଇଛି ଏହି ଦୃଶ୍ୟ । ଭୁବନେଶ୍ୱର ନୟାପଲ୍ଲୀ ଅଂଚଳର ଦୃଶ୍ୟ । ଯେଉଁ ଦୃଶ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଉଛି, ଦୁର୍ବୃର୍ତମାନେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି । ଅଧରାତିରେ ଖଣ୍ଡା ବୁଲାଇ ଆତଙ୍କରାଜ ଚଳାଉଛନ୍ତି । ଲୋକଙ୍କୁ ଭୟଭୀତ କରିବା ସହ ଗାଳି ଗୁଲଜ କରୁଛନ୍ତି । ଅତର୍କିତ ଆକ୍ରମଣ କରୁଛନ୍ତି । ପାଖରେ ଥିବା କିଛି ଗାଡିକୁ ଇଟା ଓ ପଥର ମାରି ଭାଂଗି ଦେଇଛନ୍ତି । ଦୁର୍ବୃର୍ତଙ୍କ ଆକ୍ରମଣରେ କାହାର ହାତ ଭାଂଗିଛି ତ ଆଉ କାହାର ମୁଣ୍ଡ ଫାଟିଛି । ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏବଂ ଯେଉଁମାନେ ଉତ୍ପାତ କରିଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି । ଏବଂ ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି ।

### ରାଜନୈତିକ ଦଳ....

ସ୍ଥିତି ଏପରି ହୋଇଛି ଯେ, ଆଗାମୀ ନିର୍ବାଚନରେ ଦୁଇ ତୃତୀୟାଂଶ ଆସନରେ ଦଳ ପ୍ରତିଯୋଗିତାକୁ ଆସିବ କି ନାହିଁ ତାହା କହିବା ମୁସ୍କିଲ । ତେଣୁ ନେତା ଓ କର୍ମୀଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିବାକୁ ପଡିବ । ଆକଳନ କରାଯାଉଛି ୩ ପ୍ରମୁଖ ରାଜନୈତିକ ଦଳ ନିଜ ନିଜ ସଂଗଠନକୁ ସୁଦୃଢ କରି ଆଗାମୀ ଲଢେଇ ପାଇଁ ରଣନୀତି ପ୍ରସ୍ତୁତ କରିବେ । ୨୦୨୨ ବର୍ଷ ଶେଷ ଆଡକୁ ହୋଇଥିବା ୨ଟି ଉପନିର୍ବାଚନରୁ ଯେଉଁ ସଂକେତ ମିଳୁଛି-ବିଜେଡି ପାଇଁ ଶୃଙ୍ଖଳା, ବିଜେପି ପାଇଁ ନେତୃତ୍ୱ ଓ କଂଗ୍ରେସ ପାଇଁ ଅସ୍ତିତ୍ୱ ବଡ ଆହ୍ୱାନ ହେବ ।

## ରାଷ୍ଟ୍ରପତି ଇଂରାଜୀ ନବ ବର୍ଷ ଅବସରରେ ଜଣାଇଲେ ଶୁଭେଚ୍ଛା

ନୂଆଦିଲ୍ଲୀ,୦୧/୦୧ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଂରାଜୀ ନବ ବର୍ଷ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ – ଆପଣ ସମସ୍ତଙ୍କୁ ନବ ବର୍ଷର ଶୁଭକାମନା । ବିଦେଶରେ ରହୁଥିବା ସମସ୍ତ ସାଥୀ ନାଗରିକ ଓ ଭାରତୀୟ ମାନଙ୍କୁ ଶୁଭକାମନା । ୨୦୨୩ ବର୍ଷ ଆମ ଜୀବନରେ ନୂଆ ପ୍ରେରଣା, ଲକ୍ଷ୍ୟ ଓ ଉପଲବ୍ଧି ନେଇ ଆସୁ । ଆସନ୍ତୁ ଦେଶର ଏକତା, ଅଖଣ୍ଡତା ଓ ସମାବେଶୀ ବିକାଶ ପାଇଁ ପୁଣି ଥରେ ନିଜକୁ ସମର୍ପିତ କରିବାକୁ ସଂକଳ୍ପ ନେବା ।

## ଆଗରଗୋହିରା ଗ୍ରାମରେ ମୁନି ସମାଜର ବ୍ରହ୍ମଯଜ୍ଞ



ରୂପସା, ୦୧/୦୧ (ନି.ପ୍ର): ରବିବାର ଦିନ ତିନି ଘଟିକା ସମୟରେ ଆଗରଗୋହିରା ଗ୍ରାମରେ ମୁନି ହରିହର ଲେଙ୍କା-ମୁନିରାଣ୍ଝୀ ବିମଳା ଲେଙ୍କାଙ୍କ ବାସଭବନ ରେ, ତାଙ୍କର ସୁପୁତ୍ର ଶ୍ରୀଯୁକ୍ତ ବିଜୟ କୁମାର ଲେଙ୍କା-ମୁନିମତୀ ସୁମିତ୍ରା ଲେଙ୍କାଙ୍କ, ସୁପୁତ୍ର କୁମାର ଦିବ୍ୟାଶର ଆଧାତ୍ମିକ, ଆଦି ଭଉତିକ, ଆଦିଦୈବିକ ଉନ୍ନତି କଲ୍ପେ ଏକ ବ୍ରହ୍ମଯଜ୍ଞର ଆୟୋଜନ କରାଯାଇ, ମୁନି ସମାଜର ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନି ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ହିସାବରେ ଯୋଗଦାନ କରିଥିଲେ,ମୁନି ରାଜ ଅମୂଲ୍ୟମୁନିଜୀ ମହୋଦୟ ।ବକ୍ତା ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ । ଉପସ୍ଥିତ ଥିଲେ ମୁନିମତୀକୈକେଇ ଜେନା, ଗୀତାଞ୍ଜଳୀ ଜେନା, ଲକ୍ଷ୍ମୀମଣୀ ପ୍ରଧାନ, ସସ୍ମିତା ମହାପାତ୍ର ଇତ୍ୟାଦି ବହୁ ମୁନିମତୀମାନେ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ପରିବାରକୁ ସୁଖ-ଶାନ୍ତି-ଆନନ୍ଦର ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ।ଯମ ନିୟମ ପାଳନ ପୂର୍ବକ, ପ୍ରତିଦିନ ଯୋଗ ସାଧନା ଜାରି ରଖି ଚାଲିଥିଲେ, ସମସ୍ତ ପ୍ରକାର ପାର୍ଥିବ ବସ୍ତୁ ନିଜ ହାତମୁଠାରେ ପହଞ୍ଚି ପାରିବ ଏବଂ ପିଲାର ମେଧା ଶକ୍ତି ବୃଦ୍ଧି ପାଇବା ସଙ୍ଗେସଙ୍ଗେ ସେ ଏକ ମେଧାବି ଛାତ୍ରରେ ଅବତୀର୍ଣ୍ଣ ହୋଇ ପ୍ରତିଷ୍ଠିତ ଆଦର୍ଶ ଛାତ୍ର ହୋଇ ପାରିବ ବୋଲି ବକ୍ତାମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶେଷରେ, ମୁନିରାଣ୍ଝୀ ବିମଳା ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଦେଇ ଏକାମ୍ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ବାରିକପୁର ଡିଗ୍ରୀ କଲେଜ ଏନ.ଏନ.ଏସ. ଶିବିର ଉଦ୍‌ଯାପିତ

ଭଦ୍ରକ,୦୧/୦୧ (ନି.ପ୍ର): ଭଣ୍ଡାରିପୋଖରୀ ବ୍ଲକର ବାରିକପୁର ଡିଗ୍ରୀ କଲେଜ ଜାତୀୟ ସେବାସଂସ୍ଥା ଶୀତକାଳୀନ ଶିବିର ଶନିବାର ଉଦଯାପିତ ହୋଇଯାଇଛି । କଲେଜ କାର୍ଯ୍ୟକ୍ରମ ଅଧିକାରିଣୀ ରିତାଞ୍ଜଳୀ ପାରମାଣିକଙ୍କ ସଂଯୋଜନାରେ ତୋଡଙ୍ଗା ପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ସାହୁ ଉଦ୍‌ଘାଟନ କରିଥିଲେ। ୭ ଦିନବ୍ୟାପୀ ଏହି ଶିବିରରେ ଉଭୟ ପୁରୁଷ ଓ ମହିଳା ସ୍ୱେଚ୍ଛାସେବୀମାନେ ବୃକ୍ଷରୋପଣ, ସାକ୍ଷରତା ଅଭିଯାନ, ପରିମଳ ବ୍ୟବସ୍ଥା, ରାସ୍ତା ମରାମତି ଆଦି ସେବାମୂଳକ କାର୍ଯ୍ୟ ହାତକୁ ନେବା ସହ ନାରୀଶିକ୍ଷା, ନାରୀ ସଶକ୍ତିକରଣ ଆଦି ଆବଶ୍ୟକତା ସମ୍ପର୍କରେ ସଚେତନତାଧର୍ମୀ ପଥପ୍ରାପ୍ତ ନାଟକ ପ୍ରଦର୍ଶନ କରିଥିଲେ।

## ସମାଜସେବୀ ଗଙ୍ଗାଧର ଦାସଙ୍କ ସ୍ମୃତିଚାରଣ ସଭା

ଭଦ୍ରକ, ୦୧/୦୧ (ନି.ପ୍ର): ବାରିକପୁର ଉତ୍କଳମଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ରବିବାର ନବବର୍ଷ ପାଳନ ଅବସରରେ ସ୍ୱର୍ଗତ ସମାଜସେବୀ ଗଙ୍ଗାଧର ଦାସଙ୍କ ସ୍ମୃତିସଭା ସମାଜସେବୀ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ନାରାୟଣ ଚନ୍ଦ୍ର ନାୟକ, ରବିନ୍ଦ୍ର ନନ୍ଦ, କରୁଣାକର ବାରିକ, ଘନଶ୍ୟାମ ସ୍ୱାଇଁ, କବି ସନ୍ତୋଷ କୁମାର ସାହୁ, ପୀତବାସ ପଣ୍ଡା, ସାହିତ୍ୟିକ ବୃନ୍ଦାବନ ରାଉଳ, ଡା.ନିରଞ୍ଜନ ଓଝା, ମହେନ୍ଦ୍ର କୁମାର ଜେନା, ଉମାକାନ୍ତ ମଲ୍ଲିକ, ମଳୟ ରଞ୍ଜନ ପଣ୍ଡା, ବସନ୍ତ କୁମାର ରାଉତ, ରାଜେଶ ମିଶ୍ର, ଜଗନ୍ନାଥ ନାୟକ, ସୀତାକାନ୍ତ ପଣ୍ଡା, ଭାସ୍କର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନଚର୍ଯ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

## ଦୀନକୃଷ୍ଣ ସ୍ମୃତି ପରିଷଦର ୪୪ତମ ନବବର୍ଷ ସାରସ୍ୱତ ଉତ୍ସବ


ଜଳେଶ୍ୱର, ୦୧/୦୧ (ନି.ପ୍ର): ବିପୁଳ ଆନନ୍ଦ ଉତ୍ସାହ ମଧ୍ୟରେ ଦୀନକୃଷ୍ଣ ସ୍ମୃତି ପରିଷଦର ୪୪ତମ ନବବର୍ଷ ସାରସ୍ୱତ ଉତ୍ସବ ତାରୁଣ୍ୟ ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପରିଷଦର ସଭାପତି ଡ. ରମାକାନ୍ତ ଭଂଜ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣରେ ଏଭଳି ମିଳନ ମାନବିକ ମୂଲ୍ୟବୋଧ ପୂରଣ କରିବାରେ ସମର୍ଥ ବୋଲି କହିଥିଲେ । ଏଥିରେ ଅତିଥିଭାବରେ ଡ. ବିଜୟ କୁମାର ମିଶ୍ର, ମୁଖ୍ୟବକ୍ତାଭାବେ ଡ. ରଜନୀକାନ୍ତ ଭୂୟାଁ, ସମ୍ମାନୀତ ଅତିଥିଭାବେ ଅକ୍ଷୟ ନାରାୟଣ ଦାସ ମହାପାତ୍ର, ଆଡଭୋକେଟ ରାମଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ଦେଖାଦେଇଥିବା ମୂଲ୍ୟବୋଧ ନଷ୍ଟ ଏ ଜାତିକୁ ସନ୍ମାର୍ଗ ଦେଖାଇବା ଦିଗରେ କବି ଓ କଳାକାର ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ପ୍ରତିଷ୍ଠାତା ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ଦୀର୍ଘ ୪୪ବର୍ଷ ଧରି ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ନିରବଛିନ୍ନ ଭାବେ ପାଳନ କରାଯାଉଥିବା ଏବଂ ଉପସ୍ଥିତ କବି, କଳାକାର, ସାରସ୍ୱତ ପ୍ରତିଭାଧରଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଯୋଗେଶ ଚନ୍ଦ୍ର ରାଉଳ ମଂଚ ଆହ୍ୱାନ ଓ ନଳିନୀ କାନ୍ତ ମହାପାତ୍ର ଗୀତା ଓ ବେଦପାଠ କରିଥିଲେ । ରଂଜନ କୁମାର ଘୋଷଙ୍କ ସଂଯୋଜନାରେ ଆୟୋଜିତ କବିତାପାଠୋତ୍ସବରେ କବି ବସନ୍ତ ଦାସ, ପ୍ରଫୁଲ୍ଲ କୁମାର ଗିରି, ରବିନ୍ଦ୍ର ସେନାପତି, ଶଶୀକାନ୍ତ ପ୍ରଧାନ, ନିକୁଞ୍ଜ କୁମାର ଘୋଷ, ଜଳଧର ଭଂଜ, ଭାସ୍କର ଚନ୍ଦ୍ର ବେହେରା, ସୁଶିଲ କୁମାର ମହାନା, ପ୍ରଶାନ୍ତ ରାଉଳ, ମହେଶ୍ୱର ପ୍ରଧାନ, ହେମନ୍ତ ଦାସ, ବିନି ପ୍ରମାଣିକ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ । କବି ବଂକିମ ଚନ୍ଦ୍ର ଦେଙ୍କ 'ତୁମେକି ଜାଣନା' ପୁସ୍ତକ ଉନ୍ମୋଚିତ ହୋଇଥିଲା । ବ୍ରଜେନ୍ଦ୍ର ନାଥ ଗିରି ପୁସ୍ତକର ସମୀକ୍ଷା କରିଥିଲେ । ଜ୍ୟୋତିଷ ଚନ୍ଦ୍ର କର, ସୁଜାତା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁବଳ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ଦିବଂଗତ ଜଗନ୍ନାଥଜୀଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୦୧/୦୧ (ନି.ପ୍ର): ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ଦିବଂଗତ ସମାଜସେବୀ ତଥା ରାଜନେତା ଜଗନ୍ନାଥ ଜୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଓ ପୂର୍ବତନ ବିଧାୟକ ଅରୁଣ ଦେଙ୍କ ପିତା ସ୍ୱର୍ଗତ ଗୋଲକନାଥ ଦେଙ୍କ ପ୍ରତିମର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ମଲିକାଶପୁରସ୍ଥିତ ସ୍ୱର୍ଗତ ଦେଙ୍କ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଅବସରପ୍ରାପ୍ତ ସେନା ଅଧିକାରୀ କର୍ଣ୍ଣେଲ ଶରତ ମହାପାତ୍ର, ଆଇନଜୀବୀ ଶରତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଅରୁଣ ଦେଙ୍କ ଭଗିନୀ ତଥା ସ୍ମୃତି ପରିଷଦର ସଭାପତି ପ୍ରଫେସର ବାସନ୍ତି ଦେ ଚକ୍ରବର୍ତ୍ତୀ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଶତ୍ରୁଘ୍ନ ମଲିକ, ଜୟନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗୋଲକନାଥ ଦେ ଓ ସ୍ୱର୍ଗତ ଜଗନ୍ନାଥ ଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ ସମେତ ନୀଳଗିରି ପ୍ରଜା ଆନ୍ଦୋଳନରେ ସ୍ୱର୍ଗତ ଗୋଲକନାଥ ଦେ ପ୍ରମୁଖ ଭୂମିକା ତଥା ସମାଜସେବା ସମ୍ପର୍କରେ ବକ୍ତମାନେ ଆଲୋକପାତ କରିଥିଲେ । ସେହିଭଳି ଦିବଂଗତ ଜଗନ୍ନାଥ ଜୀଙ୍କ ସମାଜସେବା ମୂଳକ କାର୍ଯ୍ୟଧାରା ଓ ରାଜନୈତିକ ଜୀବନ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ । ଦୁଇ ମହାନ ଆତ୍ମା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଦେଙ୍କ ପ୍ରତି ଉପସ୍ଥିତ ବ୍ୟକ୍ତିମାନେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ସ୍ୱର୍ଗତ ଗୋଲକ ନାଥ ଦେଙ୍କ ପ୍ରତିମର୍ତ୍ତିକୁ ସଦର ବିଧାୟକ ଶ୍ରୀ ଦାସ ଓ କର୍ଣ୍ଣେଲ ମହାପାତ୍ର ଉନ୍ମୋଚନ କରିଥିଲେ । ଅରୁଣ ଦେ ସ୍ମୃତି କମିଟି କର୍ମକର୍ତ୍ତା ବରିଷ୍ଠ ସାମ୍ବାଦିକ ରଂଜନ ବାଗ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି ସଂଚାଳନ କରିଥିଲେ । ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ଭୋଲାନାଥ ବେହେରା, ଅଭିଜିତ ଦାସ, ଅନୁସୟା ନାୟକ, ଶରତ ଦାସ, ମଧୁ ମହାପାତ୍ର, ଶରତ ନାୟକ ପ୍ରମୁଖଙ୍କ ସମେତ ପରିଷଦର କର୍ମକର୍ତ୍ତା, ସଦସ୍ୟଙ୍କ ସମେତ ବାଲେଶ୍ୱରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

## ସୀମାନ୍ତ ଗ୍ରାମୀଣ ମହୋତ୍ସବ ଉଦ୍‌ଯାପିତ

### ମହୋତ୍ସବ ଦ୍ୱାରା ଲୁକ୍‌କାୟିତ ପ୍ରତିଭା ଓ ଆଂଚଳିକ ଲୋକ ସଂସ୍କୃତିର ହୁଏ ବିକାଶ



ଜଳେଶ୍ୱର,୦୧/୦୧ (ନି.ପ୍ର): ଦୁଇବର୍ଷ କରୋନାର ସଂକ୍ରମଣ ଯୋଗୁଁ ଜଳେଶ୍ୱରର ସମସ୍ତ ମହୋତ୍ସବ କାର୍ଯ୍ୟକ୍ରମ ବନ୍ଦ ଥିବା ବେଳେ ଚଳିତବର୍ଷ ୨୪ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖରେ ଶେଷ ହୋଇଛି । ଉପାନ୍ତ ଅଂଚଳର ଭାଷା, ସଂସ୍କୃତି, ସାହିତ୍ୟ ଓ ପରମ୍ପରର ଜାଗ୍ରତ ପ୍ରହରୀ ଭଳି ମହୋତ୍ସବ କାର୍ଯ୍ୟ କରିଥାଏ ବୋଲି ୮ ଦିନ ବ୍ୟାପି ଉତ୍ସବରେ ମତପ୍ରକାଶ ପାଇଛି । ଗତ ୩୧ ତାରିଖ ସୀମାନ୍ତ ଗ୍ରାମୀଣ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଜଳେଶ୍ୱର ବ୍ଲକ ରକ୍ତଦାତା ସଂଘର ସଭାପତି ଡ. ଅଜିତ୍ କୁମାର ମହାନ୍ତି ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ରଖିଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ମହାମେଘ ବାହନ ଐର ଖାରବେଳ ସ୍ୱାଇଁ ଯୋଗ ଦେଇ କୌଣସି ଅଂଚଳର ଲୁକାୟିତ ପ୍ରତିଭା ମହୋତ୍ସବ ମାଧ୍ୟମରେ ପରିପ୍ରକାଶ ଘଟିଥାଏ । ଫଳରେ ସେ ଅଂଚଳର କୁନି ଛାତ୍ରଛାତ୍ରୀଙ୍କ ନାଚ, ଗୀତ, ମହିଳା ମାନଙ୍କ ସ୍ୱାବଲମ୍ବନ, ହସ୍ତ ଶିଳ୍ପ ଏବଂ କୃଷକ ମାନଙ୍କ ବିଭିନ୍ନ କୃଷି ଓ ସଫଳତା ପ୍ରତିପାଦିତ ହୋଇଥାଏ । ପୁଣି ସେ ଅଂଚଳର ବିଭିନ୍ନ ଲୋକ କଥା, ଗୀତି, ନୃତ୍ୟ, ସଂଳାପ ଇତ୍ୟାଦି ଲୋକ ଲୋଚନକୁ ଆସିପାରେ ବୋଲି କହିଥିଲେ । ମୁଖ୍ୟ ବକ୍ତାଭାବେ ଜିଲା ରକ୍ତଦାତା ସଂଘର ସଂପାଦକ ଇଂ ଡ. ହୃଷିକେଶ ସାହୁ, ସମ୍ମାନୀତ ଅତିଥି ପୂର୍ବତନ ପୌର ଅଧ୍ୟକ୍ଷ ପ୍ରବୀର କୁମାର ପ୍ରଧାନ, ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ ବେହେରା, ଆଇନ୍‌ଜିବୀ ପତିତପାବନ ପ୍ରଧାନ ଓ ଟଙ୍କଧର ମହାପାତ୍ର ପ୍ରମୁଖ ମହୋତ୍ସବର ଉଦ୍ଦେଶ୍ୟ ଓ ସେ ଅଂଚଳର ବିକାଶରେ ମହୋତ୍ସବର ଭୂମିକା ସଂପର୍କରେ କହିଥିଲେ । ୨୭ ତାରିଖ ଶିକ୍ଷା ଦିବସ ଅବସରରେ ଆୟୋଜିତ ସଭାରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତୀଥିଭାବେ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ସାଂସ୍କୃତିକ ଉତ୍ସବ ଦ୍ୱାରା ସେ ଅଂଚଳର ବିକଶିତ ପ୍ରତିଭାଧରଙ୍କଙ୍କ ଚିହ୍ନଟ ହୋଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଓଷ୍ଟାର ଜିଲା ସଭାପତି ବାଦଲ ଚନ୍ଦ୍ର ପାତ୍ର, ଅଧ୍ୟାପକ ପ୍ରିୟବ୍ରତ ପଣ୍ଡା, ରାଜେନ୍ଦୁ ବିକାଶ ପାତ୍ର, ଓଷ୍ଟା ବ୍ଲକ ସଭାପତି ସୁକୁମାର ମିଶ୍ର, ସସ୍ମିତାରାଣୀ ପାତ୍ର, ବଂଶୀଧର ବାରିକ ଓ ଡ. ଅଜିତ୍ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ୨୮ ତାରିଖ ସଂଧ୍ୟାରେ ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ଡ. ଈଶ୍ୱର ଚନ୍ଦ୍ର ଜେନା, ମୁଖ୍ୟବକ୍ତାଭାବେ ସ୍ତମ୍ଭକାର ସୁଦର୍ଶନ ଦାସ, ବ୍ରଜମୋହନ ପ୍ରଧାନ, ସିତାଂଶୁ ସେନାପତି, ଅରୁଣ କୁମାର ବେଜ, ସଂଗ୍ରାମ କେଶରୀ ପରିଡା, ସାମ୍ବାଦିକ ଦ୍ୱାରକେଶ ପ୍ରସାଦ ପଟ୍ଟନାୟକ, ପ୍ରାଣକୃଷ୍ଣ ଗିରି, ଚନ୍ଦନ କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ୨୯ ତାରିଖ ସଂଧ୍ୟାରେ ମହୋତ୍ସବ କମିଟି ସଭାପତି ସୁନିଲ କୁମାର ନାୟକ ସଭାପତିତ୍ୱ କରିଥିଲେ । ଏଥିରେ ଡ. ଲଳିତ ରଂଜନ ସେନାପତି, ଡ. ରଜନୀକାନ୍ତ ଭୂୟାଁ, କଳମାକାନ୍ତ ଚନ୍ଦ, ମୁରଲିମୋହନ ପ୍ରଧାନ କୁଂଜ ବିହାରୀ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପରିଡା ଓ ସତ୍ୟବତୀ ଗିରି ବକ୍ତବ୍ୟ ରଖିଥିଲେ ।

## ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର

ଉଦଳା, ୦୧/୦୧ (ନି.ପ୍ର): ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟ, ପୁରୀ ଅଧିନରେ ପରିଚାଳିତ କପ୍ତିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ପିଙ୍ଗୁ, ନୁଦଡ଼ିହା ସ୍ଥିତ ଭୋଲାନାଥ ସଂସ୍କୃତ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନାର ଶୀତ କାଳୀନ ସ୍ୱତନ୍ତ୍ର ସେବା ଶିବିର ଗତ ଡ଼ିସେମ୍ବର ୨୫ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟସୁନ୍ଦର ମହାନ୍ତିଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଉତ୍ପଳ କୁମାର ଅଧିକାରୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ସେବା ମନୋଭାବ କିପରି ମଣିଷକୁ ମହାନ କରିବା ସହିତ ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବର୍ଣ୍ଣନା କରିଥିଲେ । ଶିବିରାର୍ଥୀ ମାନେ ନିୟମିତ ପ୍ରଭାତରେ ଯୋଗ, ପ୍ରଣାୟାମ ସହିତ ବେଦପାଠ ଅଭ୍ୟାସ କରୁଥିଲେ । ଏହାପରେ ସଫେଇ କାର୍ଯ୍ୟ କରୁଥିଲେ । ସ୍ୱେଚ୍ଛାସେବୀ ସଂଗଠନ 'ଅନ୍ୱେଷଣ'ର ସଦସ୍ୟ ମନୋରଂଜନ ମଲ୍ଲିକ ଅନ୍ଧବିଶ୍ୱାସ ଠାରୁ ଦୂରେଇ ରହିବା, ରୋଗ ହେଲେ ଡ଼ାକ୍ତରଖାନା ଯିବା, ହାତଧୋଇ ଖାଦ୍ୟ ଗ୍ରହଣ କରିବା ଇତ୍ୟାଦି ବିଷୟରେ ଅବଗତ କରାଇଥିଲେ । ସେହିପରି ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ସୂଚନାଅଧିକାର ଆଇନ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଜନଜାଗୃତି ମଞ୍ଚର ଟିମ ଲିଡ଼ର ଗଦାଧର ଦାଶ, ଓଡ଼ିଶା ଶ୍ରମଜୀବି ମଞ୍ଚ ଭୁବନେଶ୍ୱରର ସଦସ୍ୟ ନିତ୍ୟାନନ୍ଦ ଥାନପତି ସାମାଜିକ ଗଣମାଧ୍ୟମର ଉପଯୋଗ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଅଧ୍ୟାପକ ବିକ୍ରମ କୁମାର ବିଶ୍ୱାଳ, ଅଧ୍ୟାପକ ପ୍ରବୀର କୁମାର ଦାସମହାପାତ୍ର ଓ ଅଧ୍ୟାପିକା ଅନିତା ସେଠୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ନିୟମିତ ସନ୍ଧ୍ୟାରେ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ନିକଟସ୍ଥ ତଳିଆ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇ ନିୟମିତ ସଫେଇ କରାଯିବା ସହିତ ଗ୍ରାମବାସୀଙ୍କୁ ସଚେତନତାର ବାର୍ତ୍ତା ବଣ୍ଟା ଯାଉଥିଲା । ଶିବିରଟି ଯେତିକି ଶିକ୍ଷଣୀୟ ଥିଲା ସେତିକି ଆନନ୍ଦଦାୟକ ଥିଲା ବୋଲି ଶିବିରାର୍ଥୀ ମାନେ ଜଣାଇଛନ୍ତି ।

# ସପ୍ତମ ସାଳନ୍ଦୀ ବହିମେଳା ଉଦ୍‌ଘାଟିତ

ଭଦ୍ରକ,୦୧/୦୧ (ନି.ପ୍ର): ଅନ୍ୟ ସମସ୍ତ ମେଳା, ମଉଛବ ପରି ବହିମେଳା କିଣା-ବିକା, ବଣିଜ-ବେପାର, ମଉଜ ମଜଲିସ୍ ବା ମନୋରଂଜନର ଆସର ନୁହେଁ; ଏହି ଅନନ୍ୟ ଓ ଅସାଧାରଣ ମେଳା ଜ୍ଞାନ-ପିପାସା ଓ ଜିଜ୍ଞାସାର ଏକ ମହାଯଜ୍ଞ ବୋଲି ଉତ୍ତର ଓଡିଶାର ସର୍ବୋତ୍କୃଷ୍ଟ ପୁସ୍ତକମେଳା ସପ୍ତମ ସାଳନ୍ଦୀ ବହିମେଳାର ଉଦ୍‌ଘାଟନ ପର୍ବରେ ମତ ପ୍ରକାଶ ପାଇଛି । କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ରାଜ୍ୟ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ କବି ମଧୁସୂଦନ ଦାସ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଡ. ବିବୁଧ ରଂଜନ ମୁଖ୍ୟଅତିଥି ଓ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବହିମେଳାରେ ପୁସ୍ତକ, ଲେଖକ, ପ୍ରକାଶକ ଓ ପାଠକଙ୍କ ମଧ୍ୟରେ ସହାବସ୍ଥାନ ଘଟୁଥିବାରୁ ଏହା ଏକ ପବିତ୍ର ସ୍ଥଳରେ ପରିଣତ ହୁଏ ବୋଲି ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ବହିମେଳାର ସଂପାଦକ ଅଭିଜିତ୍ ନାୟକ ସଂପାଦକୀୟ ବିବରଣୀ ଉପସ୍ଥାପନ କରି ସପ୍ତାହବ୍ୟାପି ଆୟୋଜିତ ଏହି ସାରସ୍ୱତ ମହୋତ୍ସବର ସୂଚନା ଦେଇଥିଲେ । କବି କିଶୋର ପାଣିଗ୍ରାହୀ ସ୍ୱାଗତ, ଘନଶ୍ୟାମ ଲେଙ୍କା ବେଦପାଠ ଓ ପ୍ରଫୁଲ୍ଲ କୁମାର ନାୟକ ସଭାର ଶେଷସ୍ୱର୍ଶ ଦେଇଥିଲେ । ଅତିଥିଙ୍କ ଦ୍ୱାରା ମୃତ୍ୟୁ ଚେତନା ଆଧାରିତ, ଦେବବ୍ରତ ମଦନ ରାୟ ଓ ପବିତ୍ର ପାଣିଗ୍ରାହୀଙ୍କ ସଂପାଦିତ ନିଆରା ସଂକଳନ 'ଗୋଧୂଳି ଗପ' ପାଠକାର୍ପିତ ହୋଇଥିଲା । ଟାଇମପାସ୍‌ର ପ୍ରକାଶକ ସରୋଜ ବଳ ପୁସ୍ତକ ସଂପର୍କରେ ସୂଚନା ପ୍ରଦାନ କରିବା ସହ ସଂଧ୍ୟାରେ ଅନୁଷ୍ଠିତ ପ୍ରଥମ ବହିର ସ୍ମୃତି ବିଜଡିତ 'ସାହିତ୍ୟ ଚର୍ଚ୍ଚା' କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ଏଥିରେ ବିଶିଷ୍ଟ ଲେଖକ ବିବୁଧରଂଜନ, ଶୈଳେନ୍ଦ୍ର ମହାପାତ୍ର, ରଜନୀକାନ୍ତ ମହାନ୍ତି ଓ ବାସୁଦେବ ବାରିକ ପ୍ରମୁଖ ପ୍ରଥମ ବହି ପ୍ରକାଶନର ପୁଲକ ବଖାଣି ତାହା ପ୍ରତିଟି ଲେଖକ ଲେଖିକା ପାଇଁ ସର୍ବଦା ସ୍ମରଣୀୟ ବୋଲି ମତ ରଖିଥିଲେ । କୈଳାଶ ଚନ୍ଦ୍ର ପଣ୍ଡା, ହରମୋହନ କୁଅଁର, ଡା. ବିକାଶ ନାରାୟଣ ନନ୍ଦ, ବାଦଲ କିଶୋର ମହାପାତ୍ର, ଶାନ୍ତିସ୍ୱରୂପ ମିଶ୍ର, ସୁଚିତ୍ରା ପାଣିଗ୍ରାହୀ, ବସୁମିତ୍ରା ସାହୁ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# 'ଓୟୁଡବ୍ଲ୍ୟୁଜେ'ର ୪୧ ସାମ୍ବାଦିକଙ୍କ ସାମୂହିକ ଇସ୍ତଫା

ବାଲେଶ୍ୱର,୦୧/୦୧ (ନି.ପ୍ର): ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ)ର ବାଲେଶ୍ୱର ଜିଲା ସଭାପତିଙ୍କୁ ରାଜ୍ୟ କର୍ମକର୍ତ୍ତାମାନେ ଅକ୍ରୋଶମୂଳକ ଭାବେ ବହିଷ୍କାର କରିବା ଅଭିଯୋଗରେ ୪୦ରୁ ଉର୍ଦ୍ଧ୍ୱ ଜିଲ୍ଲାସ୍ତରୀୟ ସଦସ୍ୟ ଓ କର୍ମକର୍ତ୍ତା ସାମୂହିକ ଇସ୍ତଫା ଦେଇଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ବିନା କାରଣରେ ସଂଘର କିଛି ଖଳ ପ୍ରକୃତିର କର୍ମକର୍ତ୍ତା ଓ ସଦସ୍ୟଙ୍କ ଦ୍ୱାରା ପ୍ରଭାବିତ ହୋଇ ରାଜ୍ୟ ସଭାପତି ଏବଂ ସମ୍ପାଦକ ଏଭଳି ନିଷ୍ପତ୍ତି ନେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । କାହାରିକୁ ବହିଷ୍କାର ବା ନିଲମ୍ବନ କରିବା ପୂର୍ବରୁ ଜିଲାସ୍ତରୀୟ ସାଧାରଣ ବୈଠକ ଆହ୍ୱାନ କରିବା ପରିବର୍ତ୍ତେ ରାଜ୍ୟ ସଭାପତି ମନମୁଖୀ ଭାବେ ନେଇଥିବା ନିଷ୍ପତ୍ତି ସାଂଗଠନିକ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛନ୍ତି । ଏନେଇ ରାଜ୍ୟ ସଭାପତିଙ୍କୁ ଫୋନରେ ଯୋଗଯୋଗ ପାଇଁ ଜିଲାସ୍ତରୀୟ ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତାମାନେ ଚେଷ୍ଟା କରିଥିଲେ, ମାତ୍ର ସେମାନଙ୍କର ଫୋନ ବନ୍ଦ ରହିବା ଯୋଗୁଁ ୯୦ ପ୍ରତିଶତ ସଦସ୍ୟ ଶେଷରେ ସେମାନେ ଇସ୍ତଫା ଦେବାକୁ ସ୍ଥିର କରିଥିଲେ । ଏହି କ୍ରମରେ ଜିଲା ସଂଘର ୪୦ରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ଦସ୍ତଖତ ସମ୍ବଳିତ ଇସ୍ତଫାପତ୍ର ରାଜ୍ୟ ସଭାପତିଙ୍କୁ ହ୍ୱାଟ୍ସଅପ ଓ ମେଲ ଯୋଗେ ପଠାଇଯାଇଥିବା ସେମାନେ କହିଛନ୍ତି । ସଂଘର ରାଜ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ଶୋଷଣ ନ ହେବାକୁ ଶେଷରେ ଏଭଳି ଦୃଢ଼ ନିଷ୍ପତ୍ତି ନେଇଥିବା ସେମାନେ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

# ଡ.ରଶ୍ମିତା ପାଣିଗ୍ରାହୀଙ୍କ 'ଭିନ୍ନ ଏକ ଦେବଦାସ' ପୁସ୍ତକ ଲୋକାର୍ପିତ



ବାଲିଆପାଳ,୦୧/୦୧ (ନି.ପ୍ର): କବୟତ୍ରୀ ଡ.ରଶ୍ମିତା ପାଣିଗ୍ରାହୀଙ୍କ ଗଳ୍ପସଂକଳନ ଭିନ୍ନ ଏକ ଦେବଦାସ ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ବ୍ଲକ ଛକ ସ୍ଥିତ କନ୍ହେୟା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ରେବତୀ ପତ୍ରିକାର ସଂପାଦିକା ବିଶିଷ୍ଟ ସମାଜସେବୀ ସୁବାସିନୀ ଜେନା ଯୋଗ ଦେଇ ଆଜିର ଯୁବପୀଢି ସମାଜ ସଂସ୍କାର ପାଇଁ ନେବାରେ ଆନନ୍ଦ ନ ରଖି ଦେବାରେ ଆନନ୍ଦ ପାଇବାର ମନବୃତି ନେଇ ସମାଜସେବା କରିବାକୁ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଡ.ବିଜୟ କୁମାର ଦେ, ସମ୍ମାନୀତ ଅତିଥି ଭାବେ ଜଗାଇ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡିଆ ବିଭାଗର ଅଧାପକ ଦୟାନିଧି ସାହୁ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ଜେନା ଡ.ରଶ୍ମିତା ପାଣିଗ୍ରାହୀଙ୍କ "ଭିନ୍ନ ଏକ ଦେବଦାସ" ପୁସ୍ତକକୁ ଲୋକାର୍ପଣ କରିଥିଲେ । ଡ.ରଶ୍ମିତା ପାଣିଗ୍ରାହୀ ପୁସ୍ତକ ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖି ଏହି ପୁସ୍ତକ ସମାଜରେ ପ୍ରେମ ଓ ବିରହ ଜନିତ କାରଣରୁ ଘଟୁଥିବା ବିଭିନ୍ନ ଘଟଣା ଓ ଦୁର୍ଘଟଣା ଘଟୁଥିବା ବେଳେ ଏହି ପୁସ୍ତକ ସେହି ମାନଙ୍କୁ ଉଚିତ ମାର୍ଗ ଦର୍ଶନ ଦେବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପକ ଶ୍ରୀ ସାହୁ ପୁସ୍ତକଟିକୁ ସମୀକ୍ଷା କରିଥିଲେ । ପ୍ରାରମ୍ଭରେ ସମାଜସେବୀ ବ୍ୟୋମକେଶ ସାହୁ ଅତିଥି ମାନଙ୍କର ମଂଚ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିବା ବେଳେ କବି ସନ୍ୟାସୀ ବେହେରା ବେଦପାଠ ଓ ଗୀତିକାର ରମାନାଥ କର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ପରିଡା,ପଲ୍ଲବୀ ପାତ୍ର,ରଞ୍ଜିତା ବେହେରା ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ,ପ୍ରାଧାପକ କୁଞ୍ଜକାନ୍ତ ପାତ୍ର, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଶ୍ରୀହରି ମଣ୍ଡଳ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ କମଳଲୋଚନ ପିଳା,ପୁରୁଷୋତମ ରାଉତ, ମିଡିଆ ଫୋରମ ସଭାପତି ପ୍ରତାପ କୁମାର ପାତ୍ର, କବି ଭୀମଚରଣ ବେହେରା, ପ୍ରଶାନ୍ତ ରାଉତ,ବିଜୟ କୁମାର ପାତ୍ର, ଅଧାପକ ବୀରମାଧବ ଦାସ, ସରୋଜ ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରଫୁଲ ବାଗ, କବୟିତ୍ରୀ ସେହ୍ନଲତା ନାୟକ, ଭାରତୀ ବେହେରା, ନମିତା ତ୍ରିପାଠୀ, ସୁଜାତା ରଣା, ମମତା ପିଳା, ବିଦ୍ୟୁତପ୍ରଭା ସାମଲ,ଭୁବନ ମୋହନ ପିଳା,ସୁରେନ୍ଦ୍ର ପରିଡା, ସଚ୍ଚୀନ୍ଦ୍ର ନାଥ ନନ୍ଦୀ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ନବ ବର୍ଷକୁ ସ୍ୱାଗତ ଜଣାଇ ସେମାନଙ୍କର ସ୍ୱରଚିତ କବିତା ପାଠ ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଡ.କୃଷ୍ଣାକୁମାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ହ୍ୱାଓ' କ୍ଲବ ପକ୍ଷରୁ ଗଣ ସାଇକେଲଯାତ୍ରା

ବାଲେଶ୍ୱର,୦୧/୦୧ (ନି.ପ୍ର): ନୂଆବର୍ଷରେ 'ହ୍ୱାଓ' କ୍ଲବ ପକ୍ଷରୁ ଏକ 'ୱେଲନେସ ଅନ୍ ହୁଇଲ୍‌ସ' ବା ଗଣ ସାଇକେଲ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ସହରର ସିନେମାଛକ ସ୍ଥିତ ସହିଦ ପାର୍କ ନିକଟରୁ ଏହି ସାଇକ୍ଲୋଥୋନ ବା ସାଇକେଲ ଯାତ୍ରା ଆରମ୍ଭ ହୋଇଥିଲା । ହ୍ୱାଓ କ୍ଲବର ପ୍ରତିଷ୍ଠାତା ସଲିମ ରାଜା ଏହି କାର୍ଯ୍ୟ÷କ୍ରମରେ ନେତୃତ୍ୱ ନେଇଥିଲେ । ପ୍ରତ୍ୟେକ ରବିବାର ଆୟୋଜିତ ହେଉଥିବା ସାଇକ୍ଲୋଥୋନକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନୂଆବର୍ଷର ପ୍ରଥମ ଦିନରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଶ୍ରୀ ରାଜା ସୂଚନା ଦେଇଥିଲେ । ଯୁବନେତା ବିକ୍ରମ ପଣ୍ଡା, କବି ଅଭୟ ଦାସ, ଅବଦୁଲ ଖାଲିଦ, ଦେବବ୍ରତ କର, ସତୀଶ ପରିଡ଼ା, ଶାହାବାଜ ଖାନ୍, ଆଲୋକ ପଟ୍ଟନାୟକ, ଶେଖ ତସଲିମ୍, ଶେଖ ଫୟାଜ୍, ଶେଖ ଅରକାନ, ସୁଦର୍ଶନ ମାଝୀ, ସଲାମୁଲହା ସଲାମ ପ୍ରମୁଖ ଏଥିରେ ଯୋଗଦେଇ ଏଥିରେ ସାମିଲ ସାଇକ୍ଲୋଥୋନ ଅଭିଯାତ୍ରୀ ଓ ହ୍ୱାଓ କ୍ଲବ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ । ଅଳ୍ପ କିଛି ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏକ ବିରାଟ ଅଭିଯାନର ରୂପ ନେଉଛି ବୋଲି ସେ ମତ ଦେଇଥିଲେ । ବାଲେଶ୍ୱର ସହରରେ ଏକ ସ୍ୱତନ୍ତ୍ର ସାଇକେଲ ଟ୍ରାକ ନିର୍ମାଣ ପାଇଁ କ୍ଲବର କର୍ମକର୍ତ୍ତାମାନେ ଦାବି କରିଛନ୍ତି । ଏହି ସାଇକ୍ଲୋଥୋନ ସହର ପରିକ୍ରମା ପରେ ସହିଦପାର୍କ ଠାରେ ସମାପ୍ତ ହୋଇଥିଲା ।

# ମାସା ଆର୍ମି ପକ୍ଷରୁ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ

## ଜିଲ୍ଲାରେ କନେଷ୍ଟବଳ ନିଯୁକ୍ତିରେ ଆଦିବାସୀ ସଂରକ୍ଷଣ ଦାବି



ବାରିପଦା,୦୧/୦୧ (ନି.ପ୍ର): ଚଳିତ ବର୍ଷ କନେଷ୍ଟବଳ ନିଯୁକ୍ତି ନିମନ୍ତେ ରାଜ୍ୟ ସିଲେକ୍ସନ ବୋର୍ଡ଼ ଓଡ଼ିଶା ପୋଲିସ କଟକ ଦ୍ୱାରା ଆଜି ଏକ ବିଜ୍ଞାପନ ପ୍ରକାଶ ପାଇଥିବା ବେଳେ, ଓଡିଶାର ସମସ୍ତ ଜିଲ୍ଲା ପାଇଁ ଖାଲି ପଡିଥିବା ଉଭୟ ପୁରୁଷ ଓ ମହିଳା ନିମନ୍ତେ ୪୭୯୦ଟି ପଦବୀ ପ୍ରକାଶ ପାଇଛି । ସେଥିରୁ ମୟୂରଭଂଜ ଜିଲ୍ଲା ପାଇଁ ଏସଟି ସଂରକ୍ଷଣ ପଦବୀ ବାଦଦେଇ ସର୍ବମୋଟ ୧୫୯ପଦବୀ ପାଇଁ ବିଜ୍ଞାପନ ବାହାରିଛି । ଏଥିରେ ଏସଟି ମାନଙ୍କ ପାଇଁ ଗୋଟିଏ ହେଲେବି ପଦବୀ ବାହାରି ନଥିବାର ଅଭିଯୋଗ କରି ପୁନଃ ବିଚାର କରାଯାଇ କନେଷ୍ଟବଳ ନିଯୁକ୍ତି ନିମନ୍ତେ ଏସଟି ସଂରକ୍ଷଣ ପଦବୀ ବାହାର କରିବା ପାଇଁ ଆଜି ମୟୂରଭଂଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମି ପକ୍ଷରୁ ଅତିରକ୍ତ ଏସ.ପିଙ୍କୁ ଭେଟି ଡିଜିପି ଓଡିଶାଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ମାସା ଆର୍ମିର ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ମୁର୍ମୁଙ୍କ ନେତୃତରେ ଜିଲ୍ଲା ସଭାପତି ମୁକେଶ ମାର୍ଣ୍ଡି, ରାଜ୍ୟ କୋଷାଧକ୍ଷ ମୁକେଶ କିସ୍କୁ ସୂର୍ଯ୍ୟନାରାୟଣ ମୁର୍ମୁ, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ବାରିପଦା ବ୍ଲକ ସଭାପତି ସାଉଁନା ମୁର୍ମୁ, ଲାଲମୋହନ ଟୁଡୁ, କୃଷ୍ଣ ଟୁଡୁ, ବାପୋ ହାଁସଦା ପ୍ରମୁଖ ଦାବୀପତ୍ର ପ୍ରଦାନରେ ସାମିଲ ଥିଲେ ।

# ନୀଳମଣି କଲେଜରେ ରକ୍ତଦାନ ଶିବିର : ୬୮ ୟୁନିଟ ରକ୍ତ ସଂଗ୍ରହ




ବସ୍ତା,୦୧/୦୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ପୁରାତନ ଛାତ୍ର ସଂସଦ, ରୋଭର ଓ ରେଞ୍ଜର ୟୁନିଟ ଆନୁକୁଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ତପନ କୁମାର ବେହେରା ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ବାଲେଶ୍ୱରସ୍ଥିତ ଓଡ଼ିଶା ବ୍ଲଡ଼ ବ୍ୟାଙ୍କର ବ୍ଲଡ଼ ବ୍ୟାଙ୍କ ଅଫିସର ଡ଼ଃ ମହେଶ କୁମାର ବିଶ୍ୱାଳ, ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଓ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛା ରକ୍ତଦାନ ଶିବିରର ଗୁରୁତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିବା ସହ ସ୍ୱେଚ୍ଛା ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ବାସନ୍ତୀ ସାହୁ, ଗୌରହରି ନାୟକ, ରାଧାଗୋବିନ୍ଦ ମହାନ୍ତି, ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ପଞ୍ଜୀକରଣ କାର୍ଯ୍ୟ ସମ୍ପାଦନ କରିଥିଲେ । ଯୁବ ରେଡ଼କ୍ରସ କାଉନସେଲର ଶ୍ରବଣ ନାୟକ, ଅନ୍ନପୂର୍ଣ୍ଣା ରଣା, ପ୍ରୋଗ୍ରାମ ଅଫିସର ଡ଼ଃ ଆରୁଣୀ ମିଶ୍ର, ପ୍ରାଧାପିକା ନୀଳିମା ପାତ୍ର, ଶମ୍ଭୁନାଥ ଗିରି, ଲାଖିରାମ ହାଁସଦା, ଗଣେଶ ପାଢ଼ୀ, ରଜତ କୁମାର ସେନାପତି ଓ ପ୍ରଭାତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାଲେଶ୍ୱର ବ୍ଲଡ଼ ବ୍ୟାଙ୍କର ଲାବରେଟୋରି ଟେକନିସିଆନ ବିଜୟ କୁମାର ପଟ୍ଟନାୟକ, ରାଜେଶ କୁମାର ମିଶ୍ର, କାଉନସେଲର ସୁଚରିତା ଦାସ, ନର୍ସିଂ ଅଫିସର ସ୍ୱାତୀ ସୁଚରିତା ରାଜ, ଅଜୟ ମହାପାତ୍ର ଓ ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦେଇ ଏହି ଶିବିରରୁ ୬୮ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସ୍ୱେଚ୍ଛାସେବୀ ଯଜ୍ଞେଶ୍ୱର ଗିରି, ମନ୍ମଥ କୁମାର ଦଳେଇ, ଗୌରୀଶଙ୍କର ମହାକୁଡ଼, ବୀଣାପାଣି ବେହେରା, ଦେବସ୍ମିତା ବେହେରା, ବିଶ୍ୱଜିତ ସାହୁ, ଧୀରେନ୍ଦ୍ର କୁମାର ସାହୁ ଓ ରତିକାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ । ରୋଭର ଲିଡ଼ର ଡ଼ଃ ଶାନ୍ତନୁ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆବର୍ଷର ପ୍ରଥମ ଦିନ

ବାଲେଶ୍ୱର,୦୧/୦୧ (ନି.ପ୍ର): ଦୁଇବର୍ଷର କୋଭିଡ କଟକଣା ହଟିଥିବା ବେଳେ ଚଳିତ ନୂଆବର୍ଷ ୨୦୨୩ର ପ୍ରଥମ ଦିନରେ ସହର ସମେତ ସମଗ୍ର ବାଲେଶ୍ୱର ଜିଲାରେ ଉତ୍ସବର ମାହଲ ପରିଲକ୍ଷିତ ହୋଇଛି । ଗତକାଲି ଅର୍ଥାତ ଡିସେମ୍ବର ୩୧ ତାରିଖ ମଧ୍ୟରାତିରୁ ଜିରୋ ନାଇଟ ସେଲିବ୍ରେସନ ସାଙ୍ଗକୁ ମୋବାଇଲରେ ମେସେଜ ଦିଆନିଆରେ ସବୁବର୍ଗର ଲୋକେ ବ୍ୟସ୍ତ ହୋଇ ଉଠିଥିଲେ । ରବିବାର ସକାଳରୁ ଫୁଲତୋଡ଼ା ଦେଇ ମିଠା ଖୁଆଇ ଲୋକେ ପରସ୍ପରକୁ ନୂଆବର୍ଷର ଶୁଭେଚ୍ଛା ଜାଣଉଥିବା ଦେଖିବାକୁ ମିଳିଥିଲା । ରବିବାର ସତ୍ତ୍ୱେ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଓ ତଳିଆ ଅଧିକାରୀମାନେ ଫୁଲତୋଡ଼ା ଧରି ଉପରିସ୍ଥ ଅଧିକାରୀଙ୍କୁ କ୍ୱାର୍ଟର୍ସ ସମ୍ମୁଖରେ ଭିଡ଼ ଲଗାଇଥିଲେ । ବିଶେଷ କରି ଜିଲ୍ଲାପାଳ, ପୂର୍ବାଞ୍ଚଳ ଆଇଜି, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଭିଜିଲାନ୍ସ ଏସପିଙ୍କ ସମେତ ପ୍ରମୁଖ ବିଭାଗର ମୁଖ୍ୟ ଅଧିକାରଙ୍କୁ ତଳିଆ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ଘରୋଇ ସଂସ୍ଥାର କର୍ମକର୍ତ୍ତାମାନେ ଫୁଲତୋଡ଼ା ଓ ମିଠା ପ୍ୟାକେଟ ଦେଇ ନୂଆବର୍ଷ ଶୁଭେଚ୍ଛା ଦେଉଛନ୍ତି । କେବଳ ସରକାରୀ ବା ବେସରକାରୀ କାର୍ଯ୍ୟାଳୟ ନୁହେଁ ବରଂ ରାଜନେତା ଲୋକ ପ୍ରତିନିଧିଙ୍କ ବାସଭବନରେ ବି ପ୍ରବଳ ଭିଡ଼ ଲକ୍ଷ୍ୟ କରାଯାଇଛି । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ବାସଭବନରେ ବି ଜନଗହିଳି ପରିଲକ୍ଷିତ ହୋଇଥିଲା । ସହଯୋଗୀ, ସମର୍ଥକଙ୍କ ସମେତ ଦଳୀୟ କର୍ମୀ ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଶୁଭେଚ୍ଛା ଜଣାଉଥିଲେ । ସେହିଭଳି ନୂଆବର୍ଷର ପ୍ରଥମ ଦିନରେ ଜିଲାର ସମୁଦ୍ରକୂଳଠାରୁ ପାହାଡ଼ ଘେରା ଅଞ୍ଚଳ ବଣଭୋଜି ପାଇଁ ଲୋକେଲୋକାରଣ୍ୟ ହୋଇ ଉଠଇଥିଲା । ଜାନୁଆରୀ ମାସ ୧ ତାରିଖ ଇଂରାଜୀ ନବବର୍ଷର ପ୍ରଥମ ଦିନ ହେଲେ ମଧ୍ୟ ବାଲେଶ୍ୱରରେ ଏହାକୁ ପାଳନ କରିବାରେ ନିଆରା ପରମ୍ପରାରେ ସାମିଲ ହୋଇଛନ୍ତି ସମସ୍ତେ ।

# ଅନ୍ୱେଷଣ ତରଫରୁ ଶିଶୁ ମହୋତ୍ସବ 'ବନଫୁଲ' ଅନୁଷ୍ଠିତ

ଉଦଳା,୦୧/୦୧ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣ ତରଫରୁ କପ୍ତିପଦା ବ୍ଲକ ଅନ୍ତର୍ଗତ ତଳିଆ ଠାରେ ଶିଶୁ ମହୋତ୍ସବ 'ବନଫୁଲ' ଅନୁଷ୍ଠିତ ହୋଇ ଯାଇଛି । ଅନ୍ୱେଷଣ ଦ୍ୱାରା ପରିଚାଳିତ ଡ଼େ କେୟାର ସ୍କୁଲ ଓ ମୋଭିଙ୍ଗ ସ୍କୁଲ ସହିତ ନିକଟସ୍ଥ ଅଙ୍ଗନୱାଡ଼ିକେନ୍ଦ୍ରରୁ ମୋଟ ୩୦୦ ଛାତ୍ର ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ପ୍ରକାଶ ଥାଉକି କପ୍ତିପଦା ବ୍ଲକର ଉଠାଣୀସାହି, ବାଲିପୋଷୀ, ନଛିପୁର, ମନଭଙ୍ଗା, ମହୁଲବାଡ଼ି, ଡ଼େଙ୍ଗାମ ଓ ମାଙ୍କଡ଼ପଡ଼ା ଠାରେ ଅନ୍ୱେଷଣର ନିୟନ୍ତ୍ରଣରେ ଡ଼େକେୟାର ସ୍କୁଲ ଓ ମୋଭିଙ୍ଗ ସ୍କୁଲ ଖୋଲାଯାଇଛି । କପ୍ତିପଦା ସମନ୍ୱିତ ମହିଳା ଓ ଶିଶୁ ବିକାଶ ପଷ୍ଟଳ୍ପ ଅଧିକାରୀ ଦିପ୍ତିମୟୀ ପୋଥାଳ ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୱେଷଣର ସଂପାଦକ ଶ୍ରୀନାଥ ପ୍ରଧାନ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଏପରି ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଗୌରଚନ୍ଦ୍ର ଦାସ ଓ ପ୍ରଫୁଲ୍ଲ କୁମାର ପରିଡ଼ା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମହୋତ୍ସବରେ ପିଲାମାନେ ପରସ୍ପର ସହିତ ଭାବର ଆଦାନ ପ୍ରଦାନ ଓ ମନୋରଂଜନ କାର୍ଯ୍ରକ୍ରମରେ ଅଂଶଗ୍ରହଣ କରିଥିଲେ । ଏହାଛଡ଼ା ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଶୁଦ୍ଧ ଲିଖିନ, ଅଙ୍କକଷା, ଗୀତ, ନାଚ, ମିୟୁଜିକ ଚେୟାର, ଝିଲିପି ଡ଼ିଆଁ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୋଷାଧକ୍ଷ ଗଜେନ୍ଦ୍ର ବେହେରା, ଉପଦେଷ୍ଟା ସୁଦର୍ଶନ ପ୍ରଧାନ, ମନୋରଂଜନ ମଲ୍ଲିକ, ବିରେନ୍ଦ୍ର ନାୟକ ଓ ସହ ସଂପାଦକ ଗୀତାଞ୍ଜଳୀ ବେହେରା ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଚନ୍ଦ୍ରଭାଗାରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କଲେ ଶ୍ରଦ୍ଧାଳୁ

ପୁରୀ,୦୧/୦୧ (ନି.ପ୍ର): ଆଜି ପବିତ୍ର ଶାମ୍ବ ଦଶମୀ ତିଥିରେ ଚନ୍ଦ୍ରଭାଗାରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଛନ୍ତି ଶ୍ରଦ୍ଧାଳୁ । ସକାଳେ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି । ସେହିପରି ଆଜି ଅର୍କକ୍ଷେତ୍ର କୋଣାର୍କରେ ଗଡିଛି ସୂର୍ଯ୍ୟ ରଥ । କୋଣାର୍କ ମନ୍ଦିର ନିକଟ ଅନନ୍ତ ଅବଧୂତ ମଠ ଠାରୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ପର୍ଯ୍ୟନ୍ତ ସୂର୍ଯ୍ୟ ରଥ ଗଡିଛି । ଶାମ୍ବ ଦଶମୀ ଠାରୁ ମାଘ ସପ୍ତମୀ ପର୍ଯ୍ୟନ୍ତ ସୂର୍ଯ୍ୟଦେବଙ୍କ ଚଳନ୍ତି ପ୍ରତିମା ମିତ୍ରାଦିତ୍ୟ ସେଠାରେ ଅବସ୍ଥାନ କରିବା ପରେ ମାଘ ସପ୍ତମୀ ଦିନ ବାହୁଡ଼ା ଯାତ୍ରାରେ ଏହି ସୂର୍ଯ୍ୟରଥ ଫେରିବ । ଏହି ପରିପ୍ରେକ୍ଷୀରେ ସେଠାରେ ଆଜି ଠାରୁ ୫ ଦିନ ବ୍ୟାପୀ ମହାଯଜ୍ଞ ଅନୁଷ୍ଠିତ ହେଉଛି । କିମ୍ବଦନ୍ତୀ ଅନୁଯାୟୀ, ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ କୁଷ୍ଠ ରୋଗରେ ପୀଡ଼ିତ ହୋଇ କୋଣାର୍କ ଠାରେ ସୂର୍ଯ୍ୟଦେବଙ୍କୁ ତପସ୍ୟା କରିବା ସହ ରୋଗରୁ ମୁକ୍ତି ପାଇଥିଲେ । ଏହି ବିଶ୍ୱାସରେ ରାଜ୍ୟ ତଥା ରାଜ୍ୟ ବାହାରେ ଘରେ ଘରେ ଶାମ୍ବ ଦଶମୀ ପାଳିତ ହେଉଛି ।

# ଜଳେଶ୍ୱର-ପୁରୀ ମେମୋ ଟ୍ରେନ୍‌କୁ ସମାଜ କଲ୍ୟାଣ ବିକାଶ ପରିଷଦର ସ୍ୱାଗତ



ଜଳେଶ୍ୱର,୦୧/୦୧ (ନି.ପ୍ର): ଆଜି ଭୋର ୫ଟାରେ ଜଳେଶ୍ୱର-ପୁରୀ ମେମୋ ଟ୍ରେନ ବିଧିବଦ୍ଧ ଭାବେ ଚାଲିଛି । ଏହାକୁ ସମାଜ କଲ୍ୟାଣ ବିକାଶ ପରିଷଦର ସଦସ୍ୟମାନେ ଟ୍ରେନ୍‌କୁ ପୁଷ୍ପରେ ସଜ୍ଜିତ କରି ପାଇଲଟ କାର୍ତ୍ତିକ ମହନ୍ତ ଓ ହିମାଂଶୁ ସେଖର ପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଟ୍ରେନ୍‌ଟି ଆଜି ପ୍ରଥମେ ଜଳେଶ୍ୱରରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । କିନ୍ତୁ ଗତ ୨୯ ତାରିଖ ଭୁବନେଶ୍ୱର ଠାରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଜଳେଶ୍ୱର ଠାରେ ସାଂସଦ ପ୍ରତାପ ଷଡଙ୍ଗୀ ଓ ଡିଆରଏମ୍ ଏମ୍ଏସ୍ ହାସ୍‌ମି ଏହି ମେମୋ ଟ୍ରେନ୍‌କୁ ପାସେଞ୍ଜରଭାବେ ଅବିହିତ କରି ପୁରୀକୁ ୬୦ଟଙ୍କା ଭଡା ଥିବା ସଂପର୍କରେ ସୂଚନା ଦେଇଥିଲେ । କିନ୍ତୁ ଆଜି ଟିକେଟ୍ କଟାଯିବାବେଳେ ଯାତ୍ରୀଙ୍କ ଠାରୁ ୧୧୫ ଟଙ୍କା ନିଆଯାଉଥିବାରୁ କେତେକ ଯାତ୍ରୀ ଉତ୍ତେଜିତ ହୋଇଥିଲେ । ଅନ୍ୟପକ୍ଷରେ ଟ୍ରେନ୍‌ର ନାମ 'ସ୍ୱତନ୍ତ୍ର ଜଳେଶ୍ୱର- ପୁରୀ' ରଖାଯାଇଥିବାରୁ ଏହା ୧୧୫ ଟଙ୍କା ନିଆଯାଉଥିବା ଜଣେ ରେଳ କର୍ମଚାରୀ ପ୍ରକାଶ କରିଛନ୍ତି । ତେଣୁ ରେଳଭଡା ସଂପର୍କରେ ଏ ଅଂଚଳର ଗରିବ ଲୋକଙ୍କ ପୁରୀ ଶ୍ରୀକ୍ଷେତ୍ର ଧାମକୁ ଯାତାୟତା ଲାଗି ପାସେଞ୍ଜର ରଖା ଯିବାକୁ ସମାଜ କଲ୍ୟାଣ ବିକାଶ ପରିଷଦ ଦାବି କରିଛି । ଅନ୍ୟପକ୍ଷରେ ଆଜି ଟ୍ରେନ୍‌ଟି ପୁରୀରେ ପହଞ୍ଚିଲାବେଳେ ବହୁ ଯାତ୍ରୀ ଛିଡା ହୋଇ ଆସୁଥିବାର ଦେଖିବାକୁ ମିଳିଛି । ଏଥିରେ ମାତ୍ର ୮ଟି ବଗି ରହିଥିବାରୁ ପ୍ରବଳ ଯାତ୍ରୀଭିଡ ଲାଗିରହିଛି । ତେଣୁ ଯାତ୍ରୀଙ୍କ ସ୍ୱାର୍ଥକୁ ନଜର ରଖି ଅନ୍ୟୁନ ୧୨ଟି ବଗି ଲାଗି ଥିବା ଟ୍ରେନ୍‌କୁ ଚଳିବାକୁ ପରିଷଦର ସଭାପତି ତଥାର ପୂର୍ବତନ ମନ୍ତ୍ରୀ ରଘୁନାଥ ମହନ୍ତି, ସଂପାଦକ ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଓ ବଣିକ ସଂଘର ସଭାପତି ସୁଧିର କୁମାର ମହାନ୍ତି ଦାବି କରିଛନ୍ତି । ଅତିଶୀଘ୍ର ଏ ସମସ୍ୟାର ସମାଧାନ ନ ହେଲେ ପରିସ୍ଥିତି ଜଟିଳ ହେବ ବୋଲି ସେମାନେ ଚେତାଇଛନ୍ତି ।

# ମହେଶ ସିହ୍ନା ଇଂଟର ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ବିଦ୍ୟାବିହାର ଟିମ ଚମ୍ପିୟନ



ବାରିପଦା, ୦୧/୦୧ (ନି.ପ୍ର): ସ୍ଥାନୀୟ ବାରିପଦା ମଧୁବନ ମିନି ଷ୍ଟାଡିୟମ ଠାରେ ମୟୂରଭଂଜ କ୍ରିକେଟ ଏକାଡେମୀ ଦ୍ୱାରା ଆୟୋଜିତ ୯ବମ ମହେଶ ସିହ୍ନା ଇଂଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଟୁର୍ଣ୍ଣାମେଂଟର ଅଧକ୍ଷ ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ଭଂଜସେନାର ଅଧକ୍ଷ କଳିଙ୍ଗ କେଶରୀ ଜେନା, ଅତିରିକ୍ତ ଆରକ୍ଷୀ ଅଧକ୍ଷକ ସୁରେଶ ପାତ୍ର, ବାରିପଦା ଉପନଗରପାଳ ସୀମା ଦାସ, ଖେଳାଳୀ ସୁଜନ ମହାନ୍ତି, ବଡିବିଲ୍ଡର ମହମ୍ମଦ କରିମ୍ ?, ମୟୂରଭଂଜ ପାୱାର ଲିଫ୍ଟିଙ୍ଗ୍ ଏସୋସିଏସନର ଜିଲ୍ଲା ସଂପାଦକ ଜିତେନ୍ଦ୍ର ବେହେରା, ଖେଳାଳୀ ସେକ ଲାଇକୁଦ୍ଦିନ, ଟୁର୍ଣ୍ଣାମେଂଟର ସଭାପତି କଲ୍ୟାଣ ସିହ୍ନା, ଉପସଭାପତି ଚିନ୍ମୟ ସିହ୍ନା, ଯୁଗ୍ମ ସମ୍ପାଦକ ପୁଲିନ ସିହ୍ନା, ଶିକ୍ଷକ ତପନ କୁମାର ବାରିକ, ବୋଡିବିଲ୍ଡର ସୁଶାନ୍ତ କୁମାର କରଣ ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଫାଇନାଲ ମ୍ୟାଚରେ ବିଦ୍ୟାବିହାର ହାଇସ୍କୁଲ ଓ ସେଂଟମ୍ୟାରୀ ହାଇସ୍କୁଲ ମଧ୍ୟରେ ୧୦ ଓଭର ଖେଳ ହୋଇଥିବା ବେଳେ, ପ୍ରଥମ ଟସ ଜିତି ବିଦ୍ୟାବିହାର ଟିମ ବ୍ୟାଟିଂ କରି ୧୧୪ ରନ ସଂଗ୍ରହ କରିଥିବା ବେଳେ, ସେଂଟମ୍ୟାରୀ ସ୍କୁଲ ୧୦ ଓଭରରେ ସର୍ବମୋଟ ୮୮ ରନ କରି ପରାଜିତ ହୋଇଥିଲେ । ମ୍ୟାନ ଅଫଦା ଟୁର୍ଣ୍ଣାମେଂଟ ସୁରଜ ଏସ. ମାହାନା, ବେଷ୍ଟ ବ୍ୟାଟ୍ସ ମ୍ୟାନ ବୈଷ୍ଣବ ବିନାୟକ ଦାସ ଓ ସୁରେଇ ହେମ୍ବ୍ରମ, ବେଷ୍ଟ ପେସ ବୋଲର ଆରମାନ ଆଲମ, ବେଷ୍ଟ ୱିକେଟ କିପର ସାଇ ସୁମନ ବାରିକ, ବେଷ୍ଟ ଅଲରାଉଣ୍ଡର ନିଲ ମହାନ୍ତି, ବେଷ୍ଟ ଅର୍ଗାନାଇଜର ମାହିର ଦାସ, ବେଷ୍ଟ ଫିଲ୍ଡର ସୌରିୟ ଖଣ୍ଡେଲୱାଲ ହୋଇଥିବା ବେଳେ, ଲୋକନାଥ ପୃଷ୍ଟି ବେଷ୍ଟ ସିନର ଓ ମ୍ୟାନ ଓଫ ଦି ମ୍ୟାଚ ଟ୍ରଫି ହାସଲ କରିଥିଲେ । ଫାଇନାଲ ମ୍ୟାଚକୁ ଏମ୍ପାୟାର ମହିମ ମଲ୍ଲିକ ଓ ପ୍ରିୟାଂଶୁ ଖଟୁଆ ପରିଚାଳନା କରିଥିବା ବେଳେ ସ୍କରର ଭାବେ ସଂଜୟ ସିଂ ଓ ଗୌତମ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ । ଶେଷରେ ସଂପାଦକ ଲୋହିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo